ନରସିଂହପୁର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଯୌନ ନିର୍ଯାତନା, ଅପହରଣ ଧମକ ଦେବା ସହ ତାଙ୍କ ଘର ଉପରକୁ ବୋମାମାଡ଼ କରିବା ମାମଲାରେ କଟକ ପୋକ୍‌ସୋ ଅଦାଲତ ମଙ୍ଗଳବାର ଅଭିଯୁକ୍ତଙ୍କୁ ବିଭିନ୍ନ ପର୍ଯ୍ୟାୟରେ ଭିନ୍ନ ଭିନ୍ନ ଦଣ୍ଡାଦେଶ ଶୁଣାଇଛନ୍ତି। ବିଚାରପତି ସବିତା ଦାସ ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ ସହ ଜରିମାନା ଓ ଜରିମାନା ଅନାଦାୟେ ହେଲେ ଅତିରିକ୍ତ କାରାଦଣ୍ଡ ଭୋଗିବାକୁ ଆଦେଶ ଦେଇଛନ୍ତି। ଅଭିଯୁକ୍ତ ହେଲେ ନରସିଂହପୁର ଥାନା ଅଧୀନ ଚକ୍ରପ୍ରସାଦ ମୁଣ୍ଡିଆସାହିର ଦୀପୁରଞ୍ଜନ ନାୟକ(୨୭)।

ପୀଡ଼ିତାଙ୍କ ମା' ୨୦୨୨ ଅକ୍ଟୋବର ୧୭ରେ ନରସିଂହପୁର ଥାନାରେ ଦେଇଥିବା ଏତଲା ଅନୁସାରେ, ନାବାଳିକା ଜଣକ ସ୍ଥାନୀୟ ଏକ ହାଇସ୍କୁଲରେ ଦଶମ ଶ୍ରେଣୀରେ ପାଠ ପଢୁଥିଲେ। ସେ ପାଠପଢ଼ିବାକୁ ଯିବାଆସିବା କରିବା ବେଳେ ଅଭିଯୁକ୍ତ ତାଙ୍କୁ କମେଣ୍ଟ ମାରିବା ସହ ଅଶ୍ଳୀଳ ଅଙ୍ଗଭଙ୍ଗୀ ପ୍ରଦର୍ଶନ କରିବା ସହ ବିଭିନ୍ନ ସମୟରେ ହଇରାଣ କରୁଥିଲେ। ୨୦୨୨ ଅକ୍ଟୋବର ୧୪ରେ ଅଭିଯୁକ୍ତ ନାବାଳିକାଙ୍କୁ ବାଟରେ ଜବରଦସ୍ତ ଅଟକାଇ ଧମକାଇଥିଲେ। ସାଙ୍ଗରେ ନ ଗଲେ ନାବାଳିକା ସମେତ ପରିବାରର ସମସ୍ତଙ୍କୁ ଜୀବନରୁ ମାରିଦେବା ସହ ତାଙ୍କ ଘରକୁ ବୋମା ପକାଇ ଉଡ଼େଇଦେବାକୁ ଧମକ ଦେଇଥିଲେ। ନାବାଳିକା ଘରେ ପହଞ୍ଚି ପରିବାର ଲୋକଙ୍କୁ ସବୁ କଥା କହିଥିଲେ। ପୁଣି ୨୦୨୨ ଅକ୍ଟୋବର ୧୬ ରାତିରେ ଅଭିଯୁକ୍ତ ୩/୪ ଜଣଙ୍କୁ ସାଙ୍ଗରେ ଆଣି ନାବାଳିକାଙ୍କ ଘର ଉପରକୁ ବୋମାମାଡ଼ କରିଥିଲେ। ବୋମାମାଡ଼ରେ ତାଙ୍କ ଘର ଦରଜା ଓ ମୋଟରସାଇକେଲ କ୍ଷତିଗ୍ରସ୍ତ ହୋଇଥିଲା। ଏହାକୁ ନେଇ ନରସିଂହପୁର ଥାନାରେ ମାମଲା (ନଂ.୨୨୨/୨୦୨୨) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିଲା।

# ସ୍ୱାମୀ ଠେଙ୍ଗାମାଡ଼ରେ ସ୍ତ୍ରୀ ମୃତ

**ବାରିପଦା,୧୭।୨**
**(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ଅଧୀନ ଖଡ଼ିଆଶୋଳ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ନିଶାସକ୍ତ ସ୍ୱାମୀ ଠେଙ୍ଗାମାଡ଼ରେ ସ୍ତ୍ରୀଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ଜଣକ ହେଲେ ବୁଧ ଦେହୁରୀ(୪୩)। ପୋଲିସ ଅଭିଯୁକ୍ତ ସ୍ୱାମୀ ସୁକାନ୍ତ ଦେହୁରୀଙ୍କୁ ଗିରଫ କରିଛି। ଏ ସଂକ୍ରାନ୍ତରେ ଥାନାରେ ଏକ ହତ୍ୟା ମାମଲା (ନଂ.୫୭/୨୬) ରୁଜୁହୋଇଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲକୁ ପଠାଯାଇଛି। ସୂଚନାଯୋଗ୍ୟ, ସୋମବାର ରାତିରେ କୌଣସି କାରଣକୁ ନେଇ ସ୍ତ୍ରୀ,ସ୍ୱାମୀଙ୍କ ମଧ୍ୟ ରେ ବଚସା ଆରମ୍ଭ ହୋଇଥିଲା। ଏଥିରେ ସୁକାନ୍ତ ଉତ୍ତ୍ୟକ୍ତ ହୋଇ ଏକ ଠେଙ୍ଗାରେ ବୁଧଙ୍କୁ ଆକ୍ରମଣ କରିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ମଙ୍ଗଳବାର ସକାଳେ ପଡ଼ୋଶୀ ଲୋକେ ଜାଣିବା ପରେ ପୋଲିସକୁ ଖବର ଦେଇଥିଲେ। ସାଇଣ୍ଟିଫିକ୍ ଟିମ୍ ସହାୟତାରେ ପୋଲିସ ତଦନ୍ତ ଜାରି ରଖିଛି।

# ପୁଣି ଗିରଫ ହେଲେ ୫ ଅଭିଯୁକ୍ତ

## ବ୍ୟାଙ୍କ ଆକାଉଣ୍ଟରେ ହୋଇଥିଲା ୧୨.୭୩ କୋଟି କାରବାର

**କଟକ,୧୭।୨(କାର୍ତ୍ତିକ ସାହୁ)**

**ସାଇବର ଠକେଇ ମାମଲା**

କମିଶନରେଟ ପୋଲିସ ପୁଣି ୫ଜଣ ସାଇବର ଅପରାଧୀଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ସାଇବର ଅପରାଧ ନିମନ୍ତେ ଆବଶ୍ୟକ ହେଉଥିବା ବ୍ୟାଙ୍କ ଆକାଉଣ୍ଟ ଯୋଗାଇ ଦେବା ଅଭିଯୋଗରେ ଗିରଫ ହୋଇଛନ୍ତି। ସେମାନେ ହେଲେ ସ୍ମୃତିରଞ୍ଜନ ମହାରଣା ଓରଫ ଚନ୍ଦନ (୨୧), ରାକେଶ ଚୌଧୁରୀ ଓରଫ ବୁବୁ (୨୧), ଚନ୍ଦ୍ରକାନ୍ତ ଦାଶ ଓରଫ ସୁଦୁ(୨୧), ଅଭିଜିତ ରାଉତ ଓରଫ ପିଙ୍କୁ(୨୬) ଓ ରୋହିତ କୁମାର ରାଉତ ଓରଫ ରୋହିତ (୨୪)। ସେମାନଙ୍କ ନିକଟରୁ ମୋବାଇଲ ସିମ୍‌କାର୍ଡ, ମୋବାଇଲ ହ୍ୟାଣ୍ଡ ଫୋନ୍ ଓ ବ୍ୟାଙ୍କ ଟ୍ରାଞ୍ଜାକଶନର ଡିଜିଟାଲ ରେକର୍ଡ ପୋଲିସ ଜବତ କରିଛି।

ସୂଚନାନୁସାରେ, କଟକ ସାଇବର ଥାନାରେ ଗତ ଜାନୁଆରୀ ୯ରେ ରୁଜୁ ମାମଲା (ନଂ.୦୫/୨୦୨୬)ରେ ପୂର୍ବରୁ ୯ଜଣ ଗିରଫ ପରେ କୋର୍ଟ ଚାଲାଣ ହୋଇଥିଲେ। ତନ୍ମଧ୍ୟରେ ୪ଜଣ ବ୍ୟାଙ୍କ କର୍ମଚାରୀ ଅଛନ୍ତି। ସେତେବେଳେ ଅଭିଯୁକ୍ତମାନଙ୍କ ନିକଟରୁ ୬୯ଟି ମୋବାଇଲ୍ ଫୋନ୍, ୪ଟି ଲାପଟପ୍, ୩ଟି ଡେସ୍କଟପ, ୨୧୫ ସିମ୍‌କାର୍ଡ, ୫୫୪ଟି ବ୍ୟାଙ୍କ ପାସ୍‌ବୁକ୍, ୭୦୨ଟି ଡେବିଟ/କ୍ରେଡିଟ୍ କାର୍ଡ, ୨ଟି ଦୁଇଚକିଆ, ୧ଟି ଚାରିଚକିଆ ଗାଡ଼ି, ନଗଦ ୩,୨୦୦ ଟଙ୍କା ଜବତ କରାଯାଇଥିଲା। ଏଥିସହ ୯୦ ଲକ୍ଷରୁ ଅଧିକ ପରିମାଣର ବ୍ୟାଙ୍କ ଜମା ଅଚଳ କରିଦିଆଯାଇଥିଲା। ତେବେ ମାମଲାର ଅଧିକ ତଦନ୍ତ ପରେ ୫ଟି ବ୍ୟାଙ୍କ ଆକାଉଣ୍ଟ ସାଇବର ଅପରାଧରେ ବ୍ୟାଙ୍କ କାରବାର ପାଇଁ ବ୍ୟବହାର କରାଯାଉଥିଲା ଓ ୫ଟି ଆକାଉଣ୍ଟରେ ୧୨.୭୩ କୋଟି ଟଙ୍କା କାରବାର ହୋଇଥିବା ଜଣାପଡ଼ିଥିଲା। ସେହି ୫ ଆକାଉଣ୍ଟଧାରୀଙ୍କ ନିକଟରେ ପୋଲିସ ପହଞ୍ଚିବାକୁ ଉଦ୍ୟମ କରିଥିଲା। ସାଇବର ଠକେଇରେ ଲୁଟ୍ ଅର୍ଥକୁ ବିଭିନ୍ନ ସ୍ତର ଦେଇ ଭିନ୍ନ ଭିନ୍ନ ଆକାଉଣ୍ଟକୁ ଟ୍ରାନ୍ସଫର କରାଯାଉଥିଲା। ଗିରଫ ଉପରୋକ୍ତ ଅଭିଯୁକ୍ତମାନେ ବ୍ୟାଙ୍କ ଆକାଉଣ୍ଟ ଖୋଲିବା, ଏଟିଏମ୍ କାର୍ଡ, ପାସ୍‌ବୁକ୍, ଲିଙ୍କ ସିମ୍ କାର୍ଡ ଯୋଗାଇଦେବା ଆଦି କାର୍ଯ୍ୟ କରୁଥିଲେ। ଏସିପି ସତ୍ୟଜିତ ଦାଶଙ୍କ ନେତୃତ୍ୱରେ ସାଇବର ଥାନା ଆଇଆଇସି ରଶ୍ମିତା ଜେନା, ଇନ୍ସପେକ୍ଟର ବିକାଶ କୁମାର ପଲାଇ, ଇନ୍ସପେକ୍ଟର ଦେବୀ ପ୍ରସାଦ ସାହୁ ପ୍ରମୁଖ ତଦନ୍ତରେ ସାମିଲ ଥିଲେ।

**BUSINESS**

# ଏଆଇ ଇମ୍ପାକ୍ଟ ସମ୍ମିଟ୍‌ରେ ଓଡ଼ିଶା ପାଭିଲିୟନ

**ଭାରତ ଏଆଇ ଇମ୍ପାକ୍ଟ ସମ୍ମିଟ୍**

**ଭୁବନେଶ୍ୱର,୧୭।୨**
**(ଅନୁରାଧା ମହାରଣା)**




ନୂଆଦିଲ୍ଲୀର ଭାରତମଣ୍ଡପମଠାରେ ଚାଲିଥିବା 'ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମ୍ମିଟ ୨୦୨୬'ରେ ଏକ ସ୍ୱତନ୍ତ୍ର'ଓଡ଼ିଶା ପାଭିଲିୟନ' ମାଧ୍ୟମରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (କୃତ୍ରିମ ବୁଦ୍ଧିମତ୍ତା) କ୍ଷେତ୍ରରେ ନିଜର ଦୂରଦୃଷ୍ଟି ଓ ପ୍ରସ୍ତୁତି ପ୍ରଦର୍ଶନ କରୁଛି। ଓଡ଼ିଶା ପାଭିଲିୟନ ରାଜ୍ୟର 'ଓଡ଼ିଶା – ଏଆଇ ଟୁ ଇମ୍ପାକ୍ଟ' ଆଭିମୁଖ୍ୟକ ଉପସ୍ଥାପନ କରୁଛି। ଏଥିରେ ଓଡ଼ିଶା ପ୍ରଶାସନ, ସ୍ୱାସ୍ଥ୍ୟସେବା, କୃଷି, ଶିକ୍ଷା, ବିପର୍ଯ୍ୟୟ ପରିଚାଳନା ଏବଂ ସହରାଞ୍ଚଳ ଭିତ୍ତିଭୂମି କ୍ଷେତ୍ରରେ ଏଆଇର ବାସ୍ତବିକ ପ୍ରୟୋଗ କରୁଛି, ତାହା ପ୍ରଦର୍ଶିତ ହେଇଛି। ଏହା ଏକ ସୁସଂଗଠିତ କାର୍ଯ୍ୟକାରୀ ମଡେଲ ଏବଂ ସାଂସ୍ଥାନିକ ଦକ୍ଷତା ଦ୍ୱାରା ପରିଚାଳିତ। ଏହି ଶିଖର ସମ୍ମିଳନୀର ଏକ ପ୍ରମୁଖ ଆକର୍ଷଣ ହେଉଛି 'ସର୍ବମ' ସହ ଓଡ଼ିଶାର ରଣନୈତିକ ସହଭାଗିତା। ଏହା ସାର୍ବଭୌମ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ କ୍ଷମତା ବିକଶିତ କରିବା, ବ୍ୟାପକ ସ୍ତରରେ ଓଡ଼ିଆ ଭାଷାଭିତ୍ତିକ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ପ୍ରୟୋଗକୁ ସକ୍ଷମ କରିବା ଏବଂ ଉନ୍ନତ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଭିତ୍ତିଭୂମି ଓ କ୍ଷେତ୍ରରେ ଦୀର୍ଘକାଳୀନ ଲକ୍ଷ୍ୟ ସହ ଓଡ଼ିଶାକୁ ଏକ ଉଦୀୟମାନ ଏଆଇ ହବ୍‌ଭାବରେ ପ୍ରତିଷ୍ଠିତ କରିବା ପାଇଁ ରାଜ୍ୟର ସଂକଳ୍ପକୁ ପ୍ରତିଫଳିତ କରୁଛି। ଏହି ପାଭିଲିୟନରେ ୧୦ରୁ ଅଧିକ ଇନୋଭେଶନ ଷ୍ଟାର୍ଟଅପ ଏବଂ ଇକୋସିଷ୍ଟମ ସଂସ୍ଥା ପ୍ରଦର୍ଶିତ ହେଉଛି, ଯେଉଁଥିରେ ଆପ୍ଲାଏଡ୍ ଏଆଇ ଷ୍ଟାର୍ଟଅପ, ଗବେଷଣା ପ୍ରତିଷ୍ଠାନ, ଟେକ୍ନୋଲୋଜି ପାର୍ଟନର ଏବଂ ସରକାରୀ ଏଆଇ ପଦକ୍ଷେପର ମିଶ୍ରଣ ରହିଛି।

# ଦକ୍ଷିଣ-ପୂର୍ବ ରେଳପଥ ପାଳିଲା ୭୦ତମ ରେଳ ସପ୍ତାହ

**ଭୁବନେଶ୍ୱର,୧୭।୨**
**(ଅନୁରାଧା ମହାରଣା)**



ଦକ୍ଷିଣ-ପୂର୍ବ ରେଳପଥ କୋଲକାତାସ୍ଥିତ ମୁଖ୍ୟାଳୟ ଗାର୍ଡେନ ରିଚ୍‌ରେ ୭୦ତମ ରେଳ ସପ୍ତାହ ତଥା ବିଶିଷ୍ଟ ରେଳ ସେବା ପୁରସ୍କାର ଉତ୍ସବ ପାଳନ କରିଛି। ଦକ୍ଷିଣ-ପୂର୍ବ ରେଳପଥର ମହାପରିଚାଳକ ଅନିଲ କୁମାର ମିଶ୍ର ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ଅତିରିକ୍ତ ମହାପରିଚାଳକ ସୌମିତ୍ର ମଜୁମଦାର, ବରିଷ୍ଠ ଉପ ମହାପରିଚାଳକ ସୁରିନ୍ଦର ପାଲଙ୍କ ସମେତ ସମସ୍ତ ପ୍ରଧାନ ବିଭାଗୀୟ ମୁଖ୍ୟ ଏବଂ ୪ ଡିଭିଜନର ଡିଭିଜନାଲ ରେଳ ପରିଚାଳକମାନେ ଉପସ୍ଥିତ ଥିଲେ। ଏହି ଅବସରରେ ୨୦୨୪-୨୫ ବର୍ଷରେ ବିଶିଷ୍ଟ ସେବା ଓ କର୍ତ୍ତବ୍ୟନିଷ୍ଠା ପାଇଁ ୮୧ଜଣ ନିର୍ବାଚିତ ରେଳ ଅଧିକାରୀ ଓ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ବ୍ୟତୀତ ୩୫ଜଣ ରେଳ କର୍ମଚାରୀଙ୍କୁ ରେଳ ସେବା ପୁରସ୍କାର-୨୦୨୪ ଏବଂ ୩୭ଜଣଙ୍କୁ ରେଳ ସେବା ପୁରସ୍କାର-୨୦୨୫ ପ୍ରଦାନ କରାଯାଇଛି। ସମଗ୍ର ଦକ୍ଷତା ଶିଲ୍ଡ ସର୍ବୋତ୍ତମ ସର୍ବାଙ୍ଗୀନ ପ୍ରଦର୍ଶନ ପାଇଁ ଆଦ୍ରା ଡିଭିଜନକୁ ପ୍ରଦାନ କରାଯାଇଥିଲା। ଅନ୍ୟ ବିଭିନ୍ନ ବର୍ଗରେ ମଧ୍ୟ ଡିଭିଜନ ଓ ୱାର୍କଶପଗୁଡ଼ିକୁ ଦକ୍ଷତା ଶିଲ୍ଡ ପ୍ରଦାନ କରାଯାଇଥିଲା। ମୋଟ ୩୩ଟି ଦକ୍ଷତା ଶିଲ୍ଡ ବିଭିନ୍ନ ଡିଭିଜନ ଓ ୟୁନିଟ୍‌କୁ ଦିଆଯାଇଛି। ଟାଟାନଗର ରେଳଷ୍ଟେଶନକୁ ସର୍ବୋତ୍ତମ ରକ୍ଷଣାବେକ୍ଷଣ ଷ୍ଟେଶନ ଭାବରେ ମନୋନୀତ କରାଯାଇଛି। ସୂଚନା ଥାଉକି, ଚଳିତ ଆର୍ଥିକ ବର୍ଷର ଏପ୍ରିଲରୁ ଜାନୁଆରୀ ପର୍ଯ୍ୟନ୍ତ ଦକ୍ଷିଣ-ପୂର୍ବ ରେଳପଥ ୧୭୧ ମିଲିୟନ ଟନ ଭଣ୍ଡାର ଲୋଡିଂ ହାସଲ କରିଛି ଏବଂ ଏହି ସମୟରେ ଆୟ ୧୫,୭୦୮ କୋଟି ରହିଛି। ଏହି ଅବଧିରେ ଦକ୍ଷିଣ-ପୂର୍ବ ରେଳପଥ ପ୍ରାୟ ୧୮.୬ କୋଟି ଯାତ୍ରୀ ବହନ କରିଛି ଏବଂ ପ୍ରାରମ୍ଭିକ ଯାତ୍ରୀ ଭଡ଼ା ଆୟ ୨,୪୭୪ କୋଟି ଟଙ୍କା ହୋଇଛି।

# ଏଲ୍‌ପିୟୁର ୧୫ ଅତ୍ୟାଧୁନିକ ଏଆଇ ଉଦ୍ଭାବନ ପ୍ରଦର୍ଶିତ



**ଭୁବନେଶ୍ୱର,୧୭।୨(ଅନୁରାଧା ମହାରଣା)**

ନୂଆଦିଲ୍ଲୀରେ ଚାଲିଥିବା ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ୍ ୨୦୨୬ରେ ଲଭ୍‌ଲି ପ୍ରୋଫେସନାଲ ୟୁନିଭର୍ସିଟି (ଏଲ୍‌ପିୟୁ)ର ଛାତ୍ର ଓ ଗବେଷଣା ଦଳ ଦ୍ୱାରା ବିକଶିତ ୧୫ଟି ଏଆଇ ଆଧାରିତ ପ୍ରକଳ୍ପ ପ୍ରଦର୍ଶନ କରାଯାଇଛି। ଏହି ପ୍ରକଳ୍ପଗୁଡ଼ିକ ଶିକ୍ଷା, କୃଷି, ରୋବୋଟିକ୍ସ, ଏଣ୍ଟରପ୍ରାଇଜ ଟେକ୍ନୋଲୋଜି, ଆକ୍ସେସିବିଲିଟି ଏବଂ ସ୍ୱାସ୍ଥ୍ୟ ଭଳି ବିଭିନ୍ନ କ୍ଷେତ୍ରରେ ବ୍ୟବହାରିକ ପ୍ରୟୋଗ ଉପରେ କେନ୍ଦ୍ରୀଭୂତ। ଏଲ୍‌ପିୟୁର ଛାତ୍ରମାନେ ହାର୍ଡୱେର୍ ଡିଜାଇନ, ଏଣ୍ଟରପ୍ରାଇଜ ପ୍ଲାଟ୍‌ଫର୍ମ, ଡିଜିଟାଲ ସହଯୋଗ ଏବଂ ସହାୟକ ଟେକ୍ନୋଲୋଜି ଭଳି କ୍ଷେତ୍ରରେ ପ୍ରକଳ୍ପ ପ୍ରଦର୍ଶନ କରିଛନ୍ତି। ଏହା ମଧ୍ୟରେ ରହିଛି ଦି ଆପ୍ଲିକେବଲ – ଏକ ବ୍ରାଉଜର୍ ଆଧାରିତ ଇଲେକ୍ଟ୍ରୋନିକ୍ସ ଡେଭେଲପମେଣ୍ଟ ପ୍ଲାଟ୍‌ଫର୍ମ, ଜେନୋମା ସ୍ପେସ୍- ନୋ-କୋଡ୍ ଏବଂ ପ୍ରୋ-କୋଡ୍ ୱର୍କଫ୍ଲୋ ସମର୍ଥିତ ଏଆଇ ମଡେଲ ବିଲ୍ଡିଂ ପରିବେଶ, ଏକ୍ସାନର୍- ଆର୍ଥିକ ଏବଂ ଆନାଲିଟିକ୍ସ ଏକୀକରଣ କରିଥିବା ଏଆଇ ଆଧାରିତ ବ୍ୟବସାୟ ପରିଚାଳନା ସମାଧାନ ଏବଂ ମ୍ୟାକ୍ସିଜ – ଶିକ୍ଷାଗତ ସହଯୋଗ ଏବଂ ଛାତ୍ର ସମୁଦାୟକୁ ସମର୍ଥନ କରୁଥିବା ଡିଜିଟାଲ ପ୍ଲାଟ୍‌ଫର୍ମ। ଏଲ୍‌ପିୟୁର ପ୍ରତିଷ୍ଠାତା ଚାନ୍ସେଲର ଡ. ଅଶୋକ କୁମାର ମିତ୍ତଲ କହିଛନ୍ତି, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ କେବଳ ଆର୍ଥିକ ବୃଦ୍ଧି ନୁହେଁ, ସମାନତା ଏବଂ ସ୍ଥାୟିତ୍ୱରେ ମଧ୍ୟ ଯୋଗଦାନ କରିବା ଉଚିତ। ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ ଭଳି ପ୍ଲାଟ୍‌ଫର୍ମ ଗବେଷକ ଏବଂ ଛାତ୍ର ଉଦ୍ଭାବକମାନଙ୍କ ପାଇଁ ସହଯୋଗ ଏବଂ ବିଶ୍ୱସ୍ତରୀୟ ଏକ୍ସପୋଜର ପ୍ରଦାନ କରୁଛି।

# ଭବ୍ୟ ତୋଷାଳି ସ୍ୱଦେଶୀ ମେଳାରେ ଫ୍ରିଡମ ଷ୍ଟଲ୍

**ଭୁବନେଶ୍ୱର,୧୭।୨ (ଅନୁରାଧା ମହାରଣା)**




ଭୁବନେଶରସ୍ଥିତ ଜନତା ମଇଦାନରେ ଚାଲିଥିବା ୨୦ତମ ଭବ୍ୟ ତୋଷାଳି ସ୍ୱଦେଶୀ ମେଳାରେ ଫ୍ରିଡମ ଷ୍ଟଲ୍‌ରେ ପ୍ରବଳ ଜନଗହଳି ଦେଖିବାକୁ ମିଳୁଛି। ପ୍ରତ୍ୟେକ ଫ୍ରିଡମ ତେଲ କମ୍ବୋ ଅଫର ଆକର୍ଷଣୀୟ ଦରରେ ମିଳୁଥିବା ବେଳେ ୫ ଲିଟର ସନ୍‌ଫ୍ଲାୱାର ଜାର୍ ଉପରେ ଦେଢ଼ଶହ ଗ୍ରାମର ମେସ୍ୱାକ୍ ଟୁଥ୍‌ପେଷ୍ଟ ମାଗଣା ରହିଥିବା ବେଳେ ୫ଲିଟର ରାଇସ୍‌ବ୍ରାନ୍ ତେଲ କିଣିଲେ ଗୋଟିଏ ବାଲ୍ଟି ମାଗଣା ରହିଛି। ଏଥିସହ ସୋରିଷ ତେଲର ରିୟୁଜଏବଲ ଜାର୍ ଉପଲବ୍ଧ ରହିଛି ବୋଲି ଫ୍ରିଡମ ଓଡ଼ିଶା ହେଡ୍ ଅମିୟ କୁମାର ଧଳ ସୂଚନା ଦେଇଛନ୍ତି। ଏହି ଷ୍ଟଲ୍ ପରିଚାଳନା ଦାୟିତ୍ୱରେ ଅଶୋକ କୁମାର ସାହୁ, ସୌମ୍ୟରଞ୍ଜନ ନାୟକ, ଜୀବନେଶ୍ୱର ବେହେରା ପ୍ରମୁଖ ରହିଛନ୍ତି।

# ୩,୦୦୦ ଛାତ୍ରଙ୍କ ସହ ଆଲୋଚନାକଲେ ଅଶ୍ୱିନୀ

**ଭୁବନେଶ୍ୱର,୧୭।୨(ଅନୁରାଧା ମହାରଣା)**

ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ୍ ୨୦୨୬ରେ ୟୁବଏଆଇ ହ୍ୟାକାଥନରେ ଅଂଶଗ୍ରହଣ କରିଥିବା ୩,୦୦୦ରୁ ଅଧିକ ଛାତ୍ରୀଛାତ୍ରଙ୍କ ସହ ରେଳପଥ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଲୋଚନା କରିଛନ୍ତି। ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଛାତ୍ରମାନେ ଡୋମେନ-ଆଧାରିତ ଏବଂ ସ୍ଥାନୀୟ ଭାଷାରେ ଏଆଇ ଆଧାରିତ ସମାଧାନ ପ୍ରଦର୍ଶନ କରିଛନ୍ତି। ଏହି ଆଲୋଚନା ସମୟରେ କେନ୍ଦ୍ରମନ୍ତ୍ରୀ ବୈଷ୍ଣବ କହିଛନ୍ତ, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଏକ ଶକ୍ତିଶାଳୀ ଉପକରଣ ଯାହା ସମସ୍ତେ ବ୍ୟବହାର କରିପାରିବେ। ଏହା ଦୈନନ୍ଦିନ ଚ୍ୟାଲେଞ୍ଜଗୁଡ଼ିକୁ ସମାଧାନ କରିବା ଏବଂ ବ୍ୟକ୍ତିଗତ ତଥା ସମୁଦାୟଗତ ଆବଶ୍ୟକତା ଅନୁଯାୟୀ ସମାଧାନ ସୃଷ୍ଟି କରିବାରେ ସାହାଯ୍ୟ କରିପାରିବ। ମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି , ଏହି ସମିଟ୍ ବିଶ୍ୱସ୍ତରରେ ବ୍ୟାପକ ଆଗ୍ରହ ଆକର୍ଷଣ କରିଛି। ଏହାର ପ୍ରାୟ ୧୭ ବିଲିୟନ ଡଲାରର ଭେଞ୍ଚର କ୍ୟାପିଟାଲ ଫଣ୍ଡିଂ ଏବଂ ୨୦୦ ବିଲିୟନ ଡଲାର ପର୍ଯ୍ୟନ୍ତ ଇନ୍‌ଫ୍ରାଷ୍ଟ୍ରକ୍ଚର ନିବେଶର ପ୍ରତିଶ୍ରୁତି ପ୍ରକାଶ ପାଇଛି। ଏହା ଭାରତର ଏଆଇ ଇକୋସିଷ୍ଟମ ପ୍ରତି ବିଶ୍ୱର ଉଚ୍ଚସ୍ତରୀୟ ଆଗ୍ରହକୁ ପ୍ରତିଫଳିତ କରୁଛି। ଦେଶରେ ବିଶ୍ୱର ସବୁଠାରୁ ବଡ଼ ଏଆଇ ସମିଟ୍ ଆୟୋଜନ କରାଯିବା ଭାରତର ବିଶ୍ୱସ୍ତରୀୟ ଏଆଇ ଆନ୍ଦୋଳନରେ ବଢ଼ୁଥିବା ପ୍ରତିଷ୍ଠାକୁ ପ୍ରମାଣ କରୁଥିବା କେନ୍ଦ୍ରମନ୍ତ୍ରୀ କହିଛନ୍ତି।

# ଡିଜିଟାଲ ଠକଙ୍କ ଟାର୍ଗେଟରେ ବରିଷ୍ଠ ନାଗରିକ

**ଭୁବନେଶ୍ୱର,୧୭।୨**
**(ଅନୁରାଧା ମହାରଣା)**

**ଡିଜିଟାଲ ପେମେଣ୍ଟ ସୁରକ୍ଷା ପାଇଁ ସତର୍କକଲା ଏନ୍‌ପିସିଆଇ**

ଡିଜିଟାଲ ପେମେଣ୍ଟ ବରିଷ୍ଠ ନାଗରିକମାନଙ୍କ ନିତିଦିନିଆ ଜୀବନରେ ପରିବର୍ତ୍ତନ ଆଣିଛି। ଗ୍ରୋସେରି, ଔଷଧ କିଣିବା ଓ ଯାତାୟାତ ବୁକିଂକୁ ସହଜ କରିଛି। ନଗଦ ଟଙ୍କା ନେବାକୁ ପଡୁ ନ ଥିବାରୁ ଏହା ସୁରକ୍ଷା ଓ ନିୟନ୍ତ୍ରଣ ପ୍ରଦାନ କରୁଥିବା ବେଳେ ଚୋରିର ଆଶଙ୍କା କମ୍ କରିଛି। ପ୍ରତିଟି ପେମେଣ୍ଟର ତଥ୍ୟ ରହୁଛି। ତେବେ ଡିଜିଟାଲ ପେମେଣ୍ଟ ବଢ଼ିବା ସହ ଡିଜିଟାଲ ଠକମାନେ ଠକେଇ କରିବାକୁ ଉଦ୍ୟମ କରୁଛି। ବରିଷ୍ଠ ନାଗରିକମାନଙ୍କୁ ବିଭିନ୍ନ ଉପାୟରେ ଟାର୍ଗେଟ କରାଯାଉଛି। ଠକମାନେ ଆପଣାଇଥିବା ଏକ ପ୍ରମୁଖ ପଦ୍ଧତି ହେଉଛି ଡିଜିଟାଲ ଆରେଷ୍ଟ ଯେଉଁଥିରେ ମିଛ ମାମଲାରେ ଫସାଇ ଓ ଚାପଗ୍ରସ୍ତକରି ବରିଷ୍ଠ ନାଗରିକମାନଙ୍କଠାରୁ ଗୋପନୀୟ ବ୍ୟକ୍ତିଗତ ତଥ୍ୟ ହାସଲ କରିବାକୁ ଉଦ୍ୟମ କରାଯାଉଛି। ଏଭଳି ପରିସ୍ଥିତିରେ ଏନ୍‌ପିସିଆଇ ବରିଷ୍ଠ ନାଗରିକମାନଙ୍କୁ ସତର୍କ କରିଛି। ସରକାର କିମ୍ବା କୌଣସି ସରକାରୀ ଏଜେନ୍ସି କେବେ ତଦନ୍ତ ପାଇଁ ଫୋନ୍ ଓ ଭିଡିଓ କଲ୍‌ରେ ଟଙ୍କା ମାଗନ୍ତି ନାହିଁ। ନିବେଶ ଠକେଇ ସାଇବର ଠକଙ୍କ ପାଇଁ ଆଉ ଏକ ଅସ୍ତ୍ର ହୋଇଛି। ଏଥିରେ ଠକମାନେ ଆର୍ଥିକ ବିଶେଷଜ୍ଞ ଭାବେ ନିଜକୁ ଏକ ଲୋକପ୍ରିୟ ସଂସ୍ଥାର ପ୍ରତିନିଧି ଭାବେ ପରିଚୟ ଦେଇ ଅଧିକ ରିଟର୍ନ ପାଇବାର ଲୋଭ ଦେଖାଇ ଠକିବାକୁ ଉଦ୍ୟମ କରନ୍ତି। କୌଣସି ନିବେଶ ପ୍ରସ୍ତାବ ଅତି ଭଲ ଲାଗିଲେ ତେବେ ତାହା ଠକେଇ ହୋଇଥାଇପାରେ ବୋଲି ଏନ୍‌ପିସିଆଇ ସୂଚାଇଛି। ଫିସିଂ ଓ ଭିସିଂ ସ୍କାମ୍ ଯେଉଁଥିରେ ଇମେଲ୍, ମେସେଜ ଓ କଲ୍ ଜରିଆରେ ବ୍ୟାଙ୍କ କିମ୍ବା ସରକାରୀ ସଂସ୍ଥାର ପ୍ରତିନିଧି ଭାବେ ପରିଚୟ ଦେଇ ଓଟିପି ଓ ଅନ୍ୟାନ୍ୟ ସମ୍ବେଦନଶୀଳ ତଥ୍ୟ ହାସଲ କରିବାକୁ ଠକମାନେ ଉଦ୍ୟମ କରନ୍ତି। ଟେକ୍ ସପୋର୍ଟ ସ୍କାମ୍ ଜରିଆରେ ନିର୍ଦ୍ଦିଷ୍ଟ ଫାଇଲ ଡାଉନଲୋଡ୍ କରିବାକୁ ବରିଷ୍ଠ ନାଗରିକମାନଙ୍କୁ ପ୍ରବର୍ତ୍ତାଇ ଠକେଇ କରିବାକୁ ଉଦ୍ୟମ କରାଯାଏ। ରିଫଣ୍ଡ ଓ ପେମେଣ୍ଟ ଲିଙ୍କ୍ ମାଧ୍ୟମରେ ମଧ୍ୟ ଠକେଇ କରିବାକୁ ଉଦ୍ୟମ ହେଉଛି। କେବେବି ୟୁପିଆଇ ପିନ୍, ଓଟିପି, ପାସ୍‌ୱାର୍ଡ, ବ୍ୟାଙ୍କ ବିବରଣୀ ଓ ଲଗ୍ ଇନ୍ ବିବରଣୀ କାହାକୁ ଦିଅନ୍ତୁ ନାହିଁ। ଅଜଣା ଲିଙ୍କ୍‌ରେ କ୍ଲିକ୍ କରନ୍ତୁ ନାହିଁ ଓ ଅଜଣା ଆପ୍ ଇନ୍‌ଷ୍ଟଲ କରନ୍ତୁ ନାହିଁ। ଅଜଣା ଲୋକଙ୍କ ସହ ସ୍କ୍ରିନ୍ ଶେୟାର କରନ୍ତୁ ନାହିଁ।

# ଭାରତ ବିଶ୍ୱସ୍ତରରେ ଶ୍ରେଷ୍ଠ ୩ଟି ଏଆଇ ମହାଶକ୍ତି ମଧ୍ୟରେ ସ୍ଥାନ ପାଇବା ଉଚିତ: ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀରେ ଇଣ୍ଡିଆ ଏଆଇ ଇମ୍ପାକ୍ଟ ଶିଖର ସମ୍ମିଳନୀ ଆରମ୍ଭ ହୋଇଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଖବର ସରବରାହ ସଂସ୍ଥା ଏଏନ୍ଆଇକୁ ସ୍ୱତନ୍ତ୍ର ସାକ୍ଷାତ୍କାର ଦେଇଛନ୍ତି । ଏଥିରେ ସେ ସମ୍ମିଳନୀର ବାର୍ତ୍ତା 'ସର୍ବଜନ ହିତାୟ, ସର୍ବଜନ ସୁଖାୟ' (ସମସ୍ତଙ୍କ କଲ୍ୟାଣ, ସମସ୍ତଙ୍କ ଖୁସି) ଉପରେ ଆଲୋକପାତ କରିଛନ୍ତି ।**

## ଏଏନ୍ଆଇକୁ ପ୍ରଧାନମନ୍ତ୍ରୀଙ୍କ ସ୍ୱତନ୍ତ୍ର ସାକ୍ଷାତ୍କାର


ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

**ଏଏନ୍ଆଇ :** ଭାରତ ପ୍ରଥମ ଥର ପାଇଁ ଗ୍ଲୋବାଲ ସାଉଥ୍‌ରେ ଏଆଇ ଇମ୍ପାକ୍ଟ ଶିଖର ସମ୍ମିଳନୀ ୨୦୨୬ ଆୟୋଜନ କରୁଛି। ଏହାର ମୂଳମନ୍ତ୍ର ହେଉଛି 'ସର୍ବଜନ ହିତାୟ, ସର୍ବଜନ ସୁଖାୟ'। ଏହି ସମ୍ମିଳନୀର ଉଦ୍ଦେଶ୍ୟ କ'ଣ ଓ ଏପରି ବାର୍ତ୍ତା କାହିଁକି ରଖାଯାଇଛି ?

**ପ୍ରଧାନମନ୍ତ୍ରୀ:** ଆଜି ଏଆଇ ଏକ ସଭ୍ୟତାର ପରିବର୍ତ୍ତନ ବିନ୍ଦୁରେ ଠିଆ ହୋଇଛି। ଏହା ଅଭୂତପୂର୍ବ ଉପାୟରେ ମାନବ କ୍ଷମତାକୁ ବିସ୍ତାର କରିପାରିବ, କିନ୍ତୁ ଯଦି ଏହାକୁ ଠିକ୍ ମାର୍ଗଦର୍ଶନ କରା ନ ଯାଏ, ତେବେ ଏହା ବର୍ତ୍ତମାନ ସାମାଜିକ ଭିତ୍ତିଭୂମିକୁ ମଧ୍ୟ କ୍ଷତିଗ୍ରସ୍ତ କରିପାରେ। ସେଥିପାଇଁ ଆମେ ଜାଣିଶୁଣି ଏହି ଶିଖର ସମ୍ମିଳନୀକୁ ଏପରି ପ୍ରସ୍ତୁତ କରିଛୁ ଯାହା କେବଳ ନବୋନ୍ମେଷ ନୁହେଁ, ବରଂ ଅର୍ଥପୂର୍ଣ୍ଣ ଏବଂ ସମାନ ଫଳାଫଳ ସୁନିଶ୍ଚିତ କରେ। ସମ୍ମିଳନୀର ବାର୍ତ୍ତା, 'ସର୍ବଜନ ହିତାୟ, ସର୍ବଜନ ସୁଖାୟ', ଭାରତର ସଭ୍ୟତାଗତ ଦର୍ଶନକୁ ପ୍ରତିଫଳିତ କରେ। ପ୍ରଯୁକ୍ତିର ଶେଷ ଲକ୍ଷ୍ୟ 'ସମସ୍ତଙ୍କ କଲ୍ୟାଣ, ସମସ୍ତଙ୍କ ଖୁସି' ହେବା ଉଚିତ। ଗ୍ଲୋବାଲ ସାଉଥ୍‌ରେ ଆୟୋଜିତ ପ୍ରଥମ ବିଶ୍ୱ ଏଆଇ ଶିଖର ସମ୍ମିଳନୀ ଆୟୋଜନ କରି ଭାରତ ଏକ ପ୍ଲାଟଫର୍ମ ସୃଷ୍ଟି କରୁଛି, ଯାହା ସମସ୍ତଙ୍କ ସ୍ୱର ଏବଂ ବିକାଶକୁ ପ୍ରାଥମିକତା ଦେଉଛି।

**ଏଏନ୍ଆଇ :** ଆପଣ ସବୁବେଳେ ସଶକ୍ତୀକରଣ ଓ ବିକାଶ ପାଇଁ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରିବା ବିଷୟରେ କହିଛନ୍ତି। ୨୦୪୭ ମସିହାରେ ଏଆଇର ଭୂମିକାକୁ ଆପଣ କିପରି ଦେଖନ୍ତି ?

**ପ୍ରଧାନମନ୍ତ୍ରୀ:** ଏଆଇ ୨୦୪୭ ସୁଦ୍ଧା ବିକଶିତ ଭାରତ ଅଭିମୁଖୀ ଯାତ୍ରାରେ ଏକ ପରିବର୍ତ୍ତନକାରୀ ସୁଯୋଗକୁ ପ୍ରତିନିଧିତ୍ୱ କରେ। ଏକ ରଣନୀତିକ ଦୃଷ୍ଟିକୋଣ ସହିତ ଏଆଇକୁ ସଚେତନ ଭାବରେ ବ୍ୟବହାର କରିବା ଦ୍ୱାରା ସମ୍ପୂର୍ଣ୍ଣ ନୂତନ ଆର୍ଥିକ ସୁଯୋଗ ସୃଷ୍ଟି ହେବା ସହ ଗଭୀର ବିକାଶମୂଳକ ଆହ୍ୱାନଗୁଡ଼ିକୁ ମୁକାବିଲା କରିବାରେ ସାହାଯ୍ୟ ମିଳିଥାଏ।

**ଏଏନ୍ଆଇ :** ପ୍ୟାରିସ୍‌ରେ ଏଆଇ ଆକ୍ସନ ଶିଖର ସମ୍ମିଳନୀ ୨୦୨୫ ଅଭିଭାଷଣରେ ଆପଣ ଏଆଇର ପକ୍ଷପାତିତା ଓ ସୀମାବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେହି ତୁଳନାରେ ବର୍ତ୍ତମାନ ପରିସ୍ଥିତି ବଦଳିଛି କି? ଭାରତ କିପରି ଏହି ସମସ୍ୟାର ସମାଧାନ କରିବ ବୋଲି ଆପଣ ଭାବୁଛନ୍ତି ?

**ପ୍ରଧାନମନ୍ତ୍ରୀ:** ଏଆଇରେ ପକ୍ଷପାତିତା ଓ ସୀମାବଦ୍ଧତାକୁ ନେଇ ଚିନ୍ତା ଗଭୀର ପ୍ରାସଙ୍ଗିକ ରହିଛି। ଏଆଇ ଗ୍ରହଣୀୟତା ତ୍ୱରାନ୍ୱିତ ହେବା ସହିତ ବିପଦ ମଧ୍ୟ ବୃଦ୍ଧି ପାଇଥାଏ। ଏଆଇ ସିଷ୍ଟମ୍‌ଗୁଡ଼ିକ ଅଜାଣତରେ ଲିଙ୍ଗ, ଭାଷା ଏବଂ ସାମାଜିକ-ଆର୍ଥିକ ପୃଷ୍ଠଭୂମି ସହିତ ଜଡ଼ିତ ପକ୍ଷପାତିତାକୁ ସ୍ଥାୟୀ କରିପାରେ। ଏଆଇ ଇମ୍ପାକ୍ଟ ସମ୍ମିଳନୀ ୨୦୨୬ ବିଭିନ୍ନ ଅଂଶୀଦାରମାନଙ୍କୁ ଏକାଠି କରୁଛି ଓ ଏଆଇର ପକ୍ଷପାତିତା ଏବଂ ସୀମାବଦ୍ଧତା ଭଳି ବିଷୟଗୁଡ଼ିକ ଉପରେ ବିଶ୍ୱସ୍ତରରେ ସଚେତନତା ସୃଷ୍ଟି କରୁଛି।

**ଏଏନ୍ଆଇ:** ଆଧାର ଓ ୟୁପିଆଇ ଭଳି କମ୍ ମୂଲ୍ୟର ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମି (ଡିପିଆଇ) ନିର୍ମାଣରେ ଭାରତର ସଫଳତା ଅଭୂତପୂର୍ବ। ଡିପିଆଇ ଏବଂ ଏଆଇର ସମନ୍ୱୟ ସାର୍ବଜନୀନ ସେବା ପ୍ରଦାନରେ ଉଲ୍ଲେଖନୀୟ ଉନ୍ନତି ଆଣିପାରେ। ଏଥିରେ ଭାରତ କ'ଣ ଶିଖୁଛି, ଯାହା ଗ୍ଲୋବାଲ ସାଉଥ୍‌କୁ ସାହାଯ୍ୟ କରିପାରିବ ?

**ପ୍ରଧାନମନ୍ତ୍ରୀ:** ଭାରତର ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମି ଯାତ୍ରା ଗ୍ଲୋବାଲ ସାଉଥ୍ ପାଇଁ ଗୁରୁତ୍ୱପୂର୍ଣ୍ଣ ଏବଂ ବ୍ୟାବହାରିକ ଶିକ୍ଷା ପ୍ରଦାନ କରେ। ଡିପିଆଇ ଏବଂ ଏଆଇର ସମନ୍ୱୟ ହେଉଛି ସମାବେଶୀ ବିକାଶର ପରବର୍ତ୍ତୀ ସୀମା। ଆଧାର, ୟୁପିଆଇ ଏବଂ ଅନ୍ୟାନ୍ୟ ଡିଜିଟାଲ ସାର୍ବଜନୀନ ସାମଗ୍ରୀ ସହିତ ଆମର ସଫଳତା ଆକସ୍ମିକ ନ ଥିଲା। ଏହା କିଛି ପ୍ରତିକୃତିଯୋଗ୍ୟ ନୀତିରୁ ଉତ୍ପନ୍ନ ହୋଇଛି। ଆମେ ଏକ ସାର୍ବଜନୀନ ହିତ ଭାବେ ଡିଜିଟାଲ ଭିତ୍ତିଭୂମି ନିର୍ମାଣ କରିଥିଲୁ, ଏକ ମାଲିକାନା ପ୍ଲାଟଫର୍ମ ଭାବେ ନୁହେଁ।

**ଏଏନ୍ଆଇ:** ଭାରତ ଇଞ୍ଜିନିୟରିଂ ପ୍ରତିଭାର ଏକ ମହାଶକ୍ତି। ଆମେ ବିଶ୍ୱକୁ ବହୁସଂଖ୍ୟକ ପ୍ରଯୁକ୍ତିବିଦ୍ୟାରେ ଦକ୍ଷ କର୍ମଚାରୀ ଯୋଗାଇ ଦେଉଛୁ । ଏଆଇ ଯୁଗରେ ଆମେ ଏହାକୁ କିପରି ଆହୁରି ଗଭୀର କରିପାରିବା ?

**ପ୍ରଧାନମନ୍ତ୍ରୀ:** କେବଳ ଏକ ଗ୍ରାହକ ଭାବରେ ନୁହେଁ, ବରଂ ସ୍ରଷ୍ଟା ଭାବରେ ଏକ ଏଆଇ ମହାଶକ୍ତି ହେବା ପାଇଁ ଭାରତରେ ପ୍ରତିଭା ଓ ଉଦ୍ୟୋଗ ଶକ୍ତି ଅଛି। କେନ୍ଦ୍ରୀୟ ବଜେଟ ୨୦୨୬-୨୭ ଏହି ଦୃଷ୍ଟିକୋଣକୁ ସୁଦୃଢ଼ କରେ।

**ଏଏନ୍ଆଇ:** ଭାରତରେ ଏକ ସକ୍ରିୟ ଆଇଟି କ୍ଷେତ୍ର ରହିଛି, ଯାହା ଆମର ସେବା ରପ୍ତାନିରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖୁଛି। ଏଆଇ ଆମ ଆଇଟି କ୍ଷେତ୍ରକୁ ପ୍ରଭାବିତ କରିବାକୁ ଆପଣ କିପରି ଦେଖୁଛନ୍ତି ?

**ପ୍ରଧାନମନ୍ତ୍ରୀ:** ଭାରତର ଆଇଟି କ୍ଷେତ୍ର ଆମ ସେବା ରପ୍ତାନିର ମେରୁଦଣ୍ଡ ଓ ଆର୍ଥିକ ଅଭିବୃଦ୍ଧିର ଏକ ପ୍ରମୁଖ ଚାଳକ । ଏଆଇ ଏହି କ୍ଷେତ୍ର ପାଇଁ ବିପୁଳ ସୁଯୋଗ ଓ ଆହ୍ୱାନ ଉପସ୍ଥାପନ କରିଥାଏ। ଏଆଇ ବଜାର ଆକଳନ ଦର୍ଶାଉଛି ଯେ ଏଆଇ-ସକ୍ଷମ ଆଉଟସୋର୍ସିଂ ଏବଂ ଡୋମେନ ଆଧାରିତ ଅଟୋମେଶନର ନୂତନ ତରଙ୍ଗ ଦ୍ୱାରା ଭାରତର ଆଇଟି କ୍ଷେତ୍ର ୨୦୩୦ ସୁଦ୍ଧା ୪୦୦ ବିଲିୟନ ଡଲାରରେ ପହଞ୍ଚିପାରେ।

**ଏଏନ୍ଆଇ:** ଆମେ ଏଆଇର ଅପବ୍ୟବହାର ହେବାର ଅନେକ ଉଦାହରଣ ଦେଖିଛୁ। ଏଆଇ ପ୍ରଯୁକ୍ତିର ସମ୍ଭାବ୍ୟ କ୍ଷତିରୁ ଆମେ ଭାରତୀୟମାନଙ୍କୁ କିପରି ସୁରକ୍ଷା ପ୍ରଦାନ କରିପାରିବା ?

**ପ୍ରଧାନମନ୍ତ୍ରୀ:** ପ୍ରଯୁକ୍ତିବିଦ୍ୟା ଏକ ଶକ୍ତିଶାଳୀ ଉପକରଣ, କିନ୍ତୁ ଏହା କେବଳ ମାନବ ଉଦ୍ଦେଶ୍ୟ ପାଇଁ ପ୍ରୋତ୍ସାହନକାରୀ। ଏଆଇକୁ ଏକ ଲାଭଦାୟକ ଶକ୍ତିରେ ପରିଣତ କରିବା ଆମ ଉପରେ ନିର୍ଭର କରେ । ଯଦିଓ ଏଆଇ ମାନବ କ୍ଷମତାକୁ ବୃଦ୍ଧି କରିପାରେ, ନିଷ୍ପତ୍ତି ନେବାର ଚୂଡ଼ାନ୍ତ ଦାୟିତ୍ୱ ସର୍ବଦା ମଣିଷଙ୍କ ପାଖରେ ରହିବା ଉଚିତ। ସାରା ବିଶ୍ୱରେ, ସମାଜଗୁଡ଼ିକ ଏଆଇ କିପରି ବ୍ୟବହାର ଏବଂ ଶାସିତ ହେବା ଉଚିତ, ତାହା ଉପରେ ବିତର୍କ କରୁଛନ୍ତି। ଭାରତ ଏହି ଆଲୋଚନାକୁ ରୂପ ଦେବାରେ ସାହାଯ୍ୟ କରୁଛି।

**ଏଏନ୍ଆଇ:** ଏଆଇ ସେମାନଙ୍କର ଚାକିରି ଛଡ଼ାଇ ନେବ ବୋଲି ଯୁବବର୍ଗଙ୍କ ମଧ୍ୟରେ ଭୟ ରହିଛି। ଯଦି ଏପରି ହୁଏ, ତେବେ ଭାରତର ଜନସଂଖ୍ୟାଗତ ଲାଭାଂଶକୁ ବ୍ୟବହାର କରିବା କଷ୍ଟକର ହୋଇଯିବ। ଭାରତ ସରକାର ଏହି ଚ୍ୟାଲେଞ୍ଜକୁ କିପରି ମୁକାବିଲା କରୁଛନ୍ତି ?

**ପ୍ରଧାନମନ୍ତ୍ରୀ:** ଚାକିରି ବଜାରରେ ଏଆଇ ପରିଚାଳିତ ବାଧା ବିଷୟରେ ଆମ ଯୁବପିଢ଼ିଙ୍କ ଚିନ୍ତା ମୁଁ ବୁଝିପାରୁଛି। ଭୟର ସର୍ବୋତ୍ତମ ପ୍ରତିଷେଧକ ହେଉଛି ପ୍ରସ୍ତୁତି। ସେଥିପାଇଁ ଆମେ ଏଆଇଚାଳିତ ଭବିଷ୍ୟତ ପାଇଁ ଲୋକଙ୍କ ଦକ୍ଷତା ବୃଦ୍ଧି ପାଇଁ ନିବେଶ କରୁଛୁ।

**ଏଏନ୍ଆଇ:** ଆପଣଙ୍କ ନେତୃତ୍ୱରେ ଭାରତ ୪ଜି-୫ଜି, ଡ୍ରୋନ ଜ୍ଞାନକୌଶଳ ଭଳି ସ୍ୱଦେଶୀ ପ୍ରଯୁକ୍ତି ବିକାଶ କରିଛି। ଆତ୍ମନିର୍ଭର ଭାରତ ପାଇଁ ଆପଣଙ୍କର ଦୃଷ୍ଟିକୋଣ କ'ଣ ?

**ପ୍ରଧାନମନ୍ତ୍ରୀ:** ଆତ୍ମନିର୍ଭର ଭାରତ ଆଡ଼କୁ ଆମର ଯାତ୍ରା ଏକ ମୌଳିକ ନୀତି ଉପରେ ଆଧାରିତ। ତାହା ହେଲା ଭାରତ କେବଳ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରିବ ନାହିଁ, ବରଂ ଏହାକୁ ସୃଷ୍ଟି କରିବ। ଆତ୍ମନିର୍ଭର ଭାରତରେ ଏଆଇ ପାଇଁ ମୋର ଦୃଷ୍ଟିକୋଣ ତିନୋଟି ସ୍ତମ୍ଭ ଉପରେ ନିର୍ଭର କରେ: ସାର୍ବଭୌମତ୍ୱ, ଅନ୍ତର୍ଭୁକ୍ତୀକରଣ ଏବଂ ନବସୃଜନ। ମୋର ଦୃଷ୍ଟିକୋଣ ହେଉଛି ଭାରତ କେବଳ ଏଆଇ ବ୍ୟବହାରରେ ନୁହେଁ, ବରଂ ସୃଷ୍ଟିରେ ବିଶ୍ୱସ୍ତରରେ ଶ୍ରେଷ୍ଠ ତିନୋଟି ଏଆଇ ମହାଶକ୍ତି ମଧ୍ୟରେ ରହିବା ଉଚିତ।

## ପୃଥକ୍ ଦୁର୍ଘଟଣାରେ ୬ ମୃତ, ୩ ଗୁରୁତର

**ବୀରମହାରାଜପୁର/ଟିକିରି, ୧୭।୨ (ଯୁଗଳ କିଶୋର ମିଶ୍ର/ପ୍ରଫୁଲ୍ଲ କୁମାର ବେହେରା)**

ସୁବର୍ଣ୍ଣପୁର ଓ ରାୟଗଡ଼ା ଜିଲାରେ ପୃଥକ୍ ଦୁର୍ଘଟଣାରେ ୬ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୩ ଜଣ ଗୁରୁତର ହୋଇଛନ୍ତି। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ହିଲୁଙ୍ଗ ଛକ ନିକଟରେ ମଙ୍ଗଳବାର ୨ବାଇକ୍ ମୁହାଁମୁହିଁ ଧକ୍କାରେ ୨ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୩ ଜଣ ଗୁରୁତର ହୋଇଛନ୍ତି। ସନ୍ଧ୍ୟା ପ୍ରାୟ ୭ଟାରେ ବୀରମହାରାଜପୁର ଥାନା ହରିହରଜୋର ଫାଣ୍ଡି ଅଧୀନ କେଶଲଗା ବଡ଼ମାଲ ଗାଁର ଅଗସ୍ତି ଭୋଇ (୩୦)ଓ ହିଲୁଙ୍ଗ ଗ୍ରାମର ଭଗବାନ ସେଠୀ (୨୫) ହିଲୁଙ୍ଗକୁ ଆସୁଥିଲେ। ଏହି ସମୟରେ ବୀରମହାରାଜପୁର ପଟରୁ ମୁର୍ଷୁଣ୍ଡୀ ଗ୍ରାମର କିଙ୍କକଙ୍ଗ କୁମ୍ଭାର(୨୦) ବଙ୍କିଆ ଗ୍ରାମର ରିଙ୍କୁ ଭୋଇ(୨୦) ଓ ଶିବ (୨୨) ଏକ ବାଇକ୍‌ରେ ଯାଉଥିଲେ। ଉଭୟ ବାଇକ୍ ମୁହାଁମୁହିଁ ଧକ୍କାହେବା ଫଳରେ ଅଗସ୍ତି ଭୋଇ, ରିଙ୍କୁ ଭୋଇଙ୍କ ମୃତ୍ୟୁ ଘଟିଥିଲା। ସେହିଭଳି ପାଇଁପୁର ଓ ମୁର୍ଷୁଣ୍ଡୀ ରାସ୍ତା ବଦଳା ବୁଲାଣିରେ ବାଇକ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ଜଣକ ସୁବଳୟା ଥାନା ଖଣ୍ଡହତା ପଞ୍ଚାୟତ ଚୁପକାଦାର ଗାଁର ସୁଶାନ୍ତ ପଧାନ(୩୪)। ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ ଅନ୍ତର୍ଗତ ଟିକିରି ଥାନା ଅଞ୍ଚଳରେ ସୋମବାର ବିଳମ୍ବିତ ରାତିରେ ସଡ଼କ ଦୁର୍ଘଟଣାରେ ୩ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ଟିକିରିସ୍ଥିତ ନଟରାଜ ପେଟ୍ରୋଲ ପମ୍ପ ରାସ୍ତାପାର୍ଶ୍ୱରେ ଛିଡ଼ାହୋଇଥିବା ଏକ ଟ୍ୟାଙ୍କରକୁ ବାଇକ୍ ଧକ୍କାଦେବାରୁ ୨ ନାବାଳକଙ୍କ ସମେତ ୩ ଜଣଙ୍କର ଜୀବନ ଯାଇଛି। ମୃତକମାନେ ହେଲେ ଟିକିରି ଥାନା ଅନ୍ତର୍ଗତ ମହତପୁଟ ଖୁରିଗାଁ ଗ୍ରାମର ନରେନ୍ଦ୍ର ଝୋଡ଼ିଆ (୨୫), ବିପିନ ଝୋଡ଼ିଆ (୧୪) ଓ ଟୁନୁ ଝୋଡ଼ିଆ (୧୫)। ନରେନ୍ଦ୍ର, ବିପିନ ଓ ଟୁନୁ ସୋମବାର ରାତିରେ ଟିକିରି ପଟୁ ଗୋରଖପୁର ଆଡ଼କୁ ଯାଉଥିବାବେଳେ ରାସ୍ତାକଡ଼ରେ ଛିଡ଼ାହୋଇଥିବା ଟ୍ୟାଙ୍କରକୁ ଧକ୍କାଦେଇଥିଲେ। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ୩ଜଣଙ୍କୁ ଉଦ୍ଧାରକରି ଉଷାପଡ଼ାସ୍ଥିତ ଉତ୍କଳ ହସ୍ପିଟାଲରେ ଭର୍ତ୍ତିକରିଥିଲେ। ସେଠାରେ ଡାକ୍ତର ଜଣଙ୍କୁ ମୃତ ଘୋଷଣା କରିଥିବା ବେଳେ ଅନ୍ୟ ୨ ଜଣଙ୍କୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ସେମାନଙ୍କ ମୃତ୍ୟୁ ଘଟିଛି। କ୍ଷତିପୂରଣ ଦାବିରେ ଲୋକେ ମଙ୍ଗଳବାର ସକାଳେ ରାସ୍ତାରୋକୋ କରିଥିଲେ। ରାୟଗଡ଼ା ଉପଜିଲାପାଳ ରମେଶ ଚନ୍ଦ୍ର ଜେନା ଲୋକଙ୍କୁ ବୁଝାଶୁଝା କରିବା ସହ ପ୍ରଶାସନ ତରଫରୁ ସହାୟତା ପ୍ରଦାନର ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା।

## ପୂର୍ତ୍ତ ବିଭାଗର ଚାଲୁଥିବା ପ୍ରକଳ୍ପ ଶୀଘ୍ର ଶେଷକର: ମନ୍ତ୍ରୀ

**ଭୁବନେଶ୍ୱର, ୧୭।୨ (ସୁନିତ୍ ମିଶ୍ର)**

▪ **ନିର୍ମାଣ ବିଭାଗ ଅଧୀନକୁ ଆସିଥିବା ନୂତନ ରାସ୍ତାର ହେବ ସମ୍ପ୍ରସାରଣ**


ପୃଥ୍ୱୀରାଜ ହରିଚନ୍ଦନ

ରାଜ୍ୟର ବିକାଶକୁ ତ୍ୱରିତ ଗତିରେ ଆଗେଇନେବାକୁ ହେଲେ ବିଭିନ୍ନ ଭିତ୍ତିଭୂମି ପ୍ରକଳ୍ପକୁ ଧାର୍ଯ୍ୟ ସମୟ ମଧ୍ୟରେ ସାରିବା ଏବଂ ନୂତନ ପ୍ରକଳ୍ପ ଲାଗି ଯୋଜନା ପ୍ରସ୍ତୁତ କରିବା ଜରୁରୀ । ବିଗତ ବର୍ଷରେ ପୂର୍ତ୍ତ ବିଭାଗ ପ୍ରକଳ୍ପଗୁଡ଼ିକୁ ନିର୍ଦ୍ଧାରିତ ସମୟ ଅବଧି ମଧ୍ୟରେ ସାରିବା ଏବଂ ବଜେଟ ଅର୍ଥକୁ ଠିକ୍ ଭାବେ ଖର୍ଚ୍ଚ କରିବା କ୍ଷେତ୍ରରେ ମାଇଲଖୁଣ୍ଟ ପ୍ରତିଷ୍ଠା କରିଥିଲା। ସେହିଭଳି ଚଳିତ ବର୍ଷ ମଧ୍ୟ ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ବିଭାଗ ଯେପରି ଭଲ ପ୍ରଦର୍ଶନ କରିବ ସେଥିନେଇ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବିଭାଗର ପ୍ରକଳ୍ପୱାରି ଖର୍ଚ୍ଚର ସମୀକ୍ଷା କରିଛନ୍ତି। ଲୋକସେବା ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅନୁଷ୍ଠିତ ବୈଠକରେ ମନ୍ତ୍ରୀ ହରିଚନ୍ଦନ ଅଧ୍ୟକ୍ଷତା କରିବା ସହ ରାଜ୍ୟର ପ୍ରମୁଖ ପ୍ରକଳ୍ପଗୁଡିକର ଅଗ୍ରଗତି ଓ ବଜେଟର ଖର୍ଚ୍ଚ ସମୀକ୍ଷା କରିବା ସହ ବ୍ୟୟକୁ ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ପ୍ରକଳ୍ପର ଗୁଣବତ୍ତା ଯାଞ୍ଚ ନେଇ ନିର୍ଦ୍ଦେଶ ଦେବା ସହ ଅନ୍ୟ ବିଭାଗରୁ ନିର୍ମାଣ ବିଭାଗ ଅଧୀନକୁ ଆସିଥିବା ନୂତନ ରାସ୍ତାର ଉନ୍ନୟନ ଏବଂ ସମ୍ପ୍ରସାରଣ, ଏକାମ୍ର, ସମଲେଇ, ଅବଢ଼ା ପ୍ରକଳ୍ପ ସମେତ ବିଭିନ୍ନ ରାସ୍ତା, କୋଠାବାଡ଼ି ଓ ସେତୁ ପ୍ରକଳ୍ପକୁ ଶୀଘ୍ର ଶେଷ କରିବା ଉପରେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଇଆଇସି ତଥା ସ୍ୱତନ୍ତ୍ର ଶାସନ ସଚିବ ଇଂ. ଲକ୍ଷ୍ମୀକାନ୍ତ ପାଢ଼ୀ, ଇଆଇସି ସିଭିଲ ଇଂ. ସତ୍ୟବ୍ରତ ବେହେରା, ଇଆଇସି ରୋଡ୍ସ ଇଂ. ଧାନଚାନ୍ଦ ନାୟକ, ଅର୍ଥ ପରାମର୍ଶଦାତା ରତିକାନ୍ତ ମହାପାତ୍ରଙ୍କ ସମେତ ବିଭାଗୀୟ ଅଧିକାରୀ ଓ ମୁଖ୍ୟଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

## ସୀମାନ୍ତରେ ୨୨ ମାଓବାଦୀଙ୍କ ଆତ୍ମସମର୍ପଣ

**ମାଲକାନଗିରି, ୧୭।୨(ସୁଚିତ୍ରା ଦାସ/ ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ସୀମାନ୍ତ ଛତିଶଗଡ଼ର ସୁକ୍‌ମା ଜିଲାରେ ୨୨ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଆତ୍ମସମର୍ପଣ ନୀତି ଏବଂ ପୁନର୍ବାସ ଅଭିଯାନ ଦ୍ୱାରା ପ୍ରଭାବିତ ହୋଇ ଭାଙ୍ଗିପଡୁଥିବା ମାଓବାଦୀ ସଙ୍ଗଠନରୁ ମୁହଁ ଫେରାଇ ସେମାନେ ଅସ୍ତ୍ରତ୍ୟାଗ କରିଥିବା ସୂଚନା ମିଳିଛି। ସୁକ୍‌ମା ଏସ୍‌ପି କିରଣ ଚୌହାନଙ୍କ ନିକଟରେ ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କୁ ପୁନର୍ବାସ ନୀତିର ଲାଭ ଦିଆଯିବ ଏବଂ ତୁରନ୍ତ ସହାୟତା ଆକାରରେ ୫୦ ହଜାର ଲେଖାଏ ସହାୟତା ରାଶି ପ୍ରଦାନ କରାଯାଇଥିବା ଏସ୍‌ପି ଚୌହାନ କହିଛନ୍ତି। ସୁକ୍‌ମା ଜିଲାରେ ନିରନ୍ତର ମାଓବାଦୀ ବିରୋଧୀ ଅଭିଯାନ, ନୂତନ ସୁରକ୍ଷା ଶିବିର ପ୍ରତିଷ୍ଠା, ସଡକ ସଂଯୋଗକୁ ସୁଦୃଢ଼ କରିବା ଏବଂ ବିକାଶ ପ୍ରକଳ୍ପର ବୃଦ୍ଧି ଯୋଗୁ ମାଓବାଦୀ ସଙ୍ଗଠନ ପ୍ରଭାବ ଦୁର୍ବଳ ହେଉଛି। ଛତିଶଗଡ଼ରେ ପୋଲିସ ଓ ସୁରକ୍ଷା କର୍ମୀଙ୍କ ଘନ ଘନ ଅପରେଶନ ଚାଲିଥିବାବେଳେ ଏଥିରେ ଭୟଭୀତ ଓ ନିଜର ଜୀବନ ବଞ୍ଚାଇବାକୁ ଆତ୍ମସମର୍ପଣ କରିଥିବା ମାଓବାଦୀମାନେ କହିଛନ୍ତି।

## ଭାଜପାର ଦୀନ୍‌ଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହା ଅଭିଯାନ-୨୦୨୬ ଆରମ୍ଭ

**ଭୁବନେଶ୍ୱର, ୧୭।୨(ସୁନିତ୍ ମିଶ୍ର)**

ପ୍ରଶିକ୍ଷଣ ଭାଜପା କାର୍ଯ୍ୟକର୍ତ୍ତାମାନଙ୍କର ଏକ ପ୍ରମୁଖ ଅଙ୍ଗ। ଭାଜପା ତା'ର କାର୍ଯ୍ୟକର୍ତ୍ତାମାନଙ୍କ ଶାରୀରିକ, ମାନସିକ, ବୌଦ୍ଧିକ ଏବଂ ରାଜନୈତିକ ବିକାଶ କରିବାକୁ ବିଭିନ୍ନ ସମୟରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରିଥାଏ। ଏହି କ୍ରମରେ ମଙ୍ଗଳବାର ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ପଣ୍ଡିତ ଦୀନ୍‌ଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହା ଅଭିଯାନ-୨୦୨୬କୁ ସଫଳକରିବା ପାଇଁ ପ୍ରଦେଶ ଯୋଜନା ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ଦଳର ୧୦୫୨ ମଣ୍ଡଳ, ୩୭ ସାଙ୍ଗଠନିକ ଜିଲା ସମେତ ସମସ୍ତ ୭ ମୋର୍ଚ୍ଚାର ଜିଲାସ୍ତରରୁ ଆରମ୍ଭକରି ପ୍ରଦେଶ ପର୍ଯ୍ୟନ୍ତ କାର୍ଯ୍ୟକର୍ତ୍ତା, ବିଧାୟକ ଓ ଏମ୍‌ପିମାନଙ୍କୁ ନେଇ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏହି ଅବସରରେ ଆୟୋଜିତ ଯୋଜନା ବୈଠକରେ ରାଜ୍ୟ ସଭାପତି ମନମୋହନ ସାମଲ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର, ରାଜ୍ୟ ସହପ୍ରଭାରୀ ଲତା ଉସେଣ୍ଡିଙ୍କ ସମେତ ଜିଲା ପ୍ରଭାରୀ, ଜିଲା ପ୍ରଶିକ୍ଷଣ ଟୋଲି, ରାଜ୍ୟ ପଦାଧିକାରୀ ପ୍ରମୁଖ ଯୋଗଦେଇ ଆଲୋଚନା କରିଛନ୍ତି ବୋଲି ଦଳର ରାଜ୍ୟ ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ ତ୍ରିପାଠୀ କହିଛନ୍ତି। ପ୍ରଶିକ୍ଷଣ ମହା ଅଭିଯାନ-୨୦୨୬ ସମ୍ପର୍କରେ ସୂଚନା ଦେଇ ବିରଞ୍ଚି କହିଛନ୍ତି, ଶୃଙ୍ଖଳା ଓ ଅନୁଶାସନକୁ ଗୁରୁତ୍ୱ ଦେଇ ଏବଂ ସିଦ୍ଧାନ୍ତ, ବିଚାର ଓ ରାଷ୍ଟ୍ର ନିର୍ମାଣ ଚିନ୍ତାଧାରାରେ ଅନୁପ୍ରାଣିତ ହେବା ଲାଗି ଶିବିରରେ କାର୍ଯ୍ୟକର୍ତ୍ତାଙ୍କୁ ପ୍ରଶିକ୍ଷଣ ଦିଆଯିବ ବୋଲି ସେ କହିଛନ୍ତି।

ପ୍ରଥମ ପୃଷ୍ଠାରୁ...

## ୪୬ ପଇସା ..

୯୨୭୯ ଟଙ୍କା ଦେବାକୁ କୁହାଯାଇଥିଲା। ଏହାଶୁଣି ସେ ବିସ୍ମିତ ହେବାସହ ଏପରି କିପରି ହେଲା ବୋଲି ପଚାରିଥିଲେ। କିନ୍ତୁ ଶୋ'ରୁମ୍ ପରିଚାଳକ ଦାମ୍ ବଢ଼ିଯାଇଥିବା ଦର୍ଶାଇ ଅବଶିଷ୍ଟ ଟଙ୍କା ନ ଦେଲେ ଗାଡ଼ି ଛାଡ଼ିବେ ନାହିଁ ବୋଲି ଚେତାବନୀ ଦେଇଥିଲେ। ଏ ପରିସ୍ଥିତିରେ ସେ ବାଧହୋଇ ସନ୍ଧ୍ୟାରେ ବିଲ୍‌ଠାରୁ ଅଧିକ ୪୬ ପଇସା ସହ ମୋଟ ୧୨,୨୭୯ ଟଙ୍କା ଦେଇ ବାଇକ୍ ନେଇଥିଲେ। ପରେ ଅର୍ଥାତ୍ ୨୦୨୪ ଅଗଷ୍ଟ ୨୮ରେ ସେ ଏ ସମ୍ପର୍କରେ ଶୋ'ରୁମ୍ ପ୍ରୋପ୍ରାଇଟରଙ୍କୁ ରେଜିଷ୍ଟ୍ରି ଡାକଯୋଗେ ଲିଖିତ ଭାବେ ଜଣାଇ ଚିଠି ପାଇବାର ୧୫ ଦିନ ମଧ୍ୟରେ ସମାଧାନ ପାଇଁ ଅନୁରୋଧ କରିଥିଲେ। ସମ୍ପୃକ୍ତ ପ୍ରୋପ୍ରାଇଟର ତାଙ୍କ ସହ ଫୋନ୍‌ରେ କଥା ହୋଇଥିଲେ ସୁଦ୍ଧା କୌଣସି ସମାଧାନ କରି ନ ଥିଲେ। ଶୋ'ରୁମ୍ ପକ୍ଷରୁ ଚୁକ୍ତି ସହ ବିଲ୍‌ଠାରୁ ଅଧିକ ଟଙ୍କା ନେବା ଖାଉଟି ସୁରକ୍ଷା ଆଇନର ଉଲ୍ଲଂଘନ ଦର୍ଶାଇ ରାଉତ ଆୟୋଗରେ ନ୍ୟାୟଭିକ୍ଷା କରିବା ସହ ୪,୫୪, ୦୬୯ ଟଙ୍କା କ୍ଷତିପୂରଣ ସହ କୋର୍ଟ ମାମଲା ଖର୍ଚ୍ଚ କାଞ୍ଚନ ମୁରଲୀ ହୋଣ୍ଡା ପ୍ରୋପ୍ରାଇଟର ପ୍ରଦାନ କରିବାକୁ ଅଭିଯୋଗ କରିଥିଲେ।


ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା



ରାଜ୍ୟ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ୨୦୨୬ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା, ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା ଏବଂ ମଧ୍ୟମା ପରୀକ୍ଷା ଚଳିତ ବର୍ଷ ଫେବୃଆରୀ ୧୯ରୁ ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି । ଏହି ପରୀକ୍ଷା ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ତେଣୁ ଛାତ୍ରଛାତ୍ରୀମାନେ ଯେପରି ସମ୍ପୂର୍ଣ୍ଣ ଚାପମୁକ୍ତ ହୋଇ ପରୀକ୍ଷା ଦେବେ ଏବଂ ପରୀକ୍ଷାରେ ଉତ୍ତମ ପ୍ରଦର୍ଶନ କରିବେ, ସେଥିପ୍ରତି ଆମେ ସମସ୍ତେ ଯତ୍ନବାନ ହେବା ଉଚିତ । ଏତଦ୍‌ବ୍ୟତୀତ ଶାନ୍ତିପୂର୍ଣ୍ଣ ତଥା ତ୍ରୁଟିଶୂନ୍ୟ ପରୀକ୍ଷା ପରିଚାଳନା ପାଇଁ ମୁଁ ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ ତଥା ଜନସାଧାରଣଙ୍କ ସହଯୋଗ କାମନା କରୁଛି ।

ଏହି ଅବସରରେ ପରୀକ୍ଷାର୍ଥୀମାନଙ୍କୁ ମୋର ଶୁଭକାମନା ଜଣାଇବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-27001/27004/2/25-26/0010

27001/21/2526

ବାର୍ତ୍ତା

ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, ଆନୁକୂଲ୍ୟରେ ଚଳିତ ମାସ ୧୯ ତାରିଖରୁ ରାଜ୍ୟର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ବାର୍ଷିକ ହାଇସ୍କୁଲ/ ରାଜ୍ୟ ମୁକ୍ତ ବିଦ୍ୟାଳୟ/ ମଧ୍ୟମା ସଂସ୍କୃତ ସାର୍ଟିଫିକେଟ୍ ପରୀକ୍ଷା ଅନୁଷ୍ଠିତ ହେଉଅଛି । ଏହି ଅବସରରେ ମୁଁ ସମସ୍ତ ପରୀକ୍ଷାର୍ଥୀଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଇବା ସଙ୍ଗେ ସଙ୍ଗେ ସେମାନଙ୍କର ସଫଳତା କାମନା କରୁଛି ।

ଛାତ୍ର ଜୀବନରେ ମାଟ୍ରିକ୍ ପରୀକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହି ପରୀକ୍ଷାର ସଫଳତା ଉଚ୍ଚଶିକ୍ଷାର ଭିତ୍ତିଭୂମି ନିର୍ମାଣ ଦିଗରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥାଏ । ତେଣୁ ପିଲାମାନେ ଅତ୍ୟଧିକ ଚାପର ବଶବର୍ତ୍ତୀ ନ ହୋଇ ଉତ୍ତମ ଅଧ୍ୟୟନ, କଠିନ ପରିଶ୍ରମ ଓ ଦୃଢ଼ ଆତ୍ମବିଶ୍ୱାସକୁ ନେଇ ପରୀକ୍ଷାର ସମ୍ମୁଖୀନ ହୁଅ । ତୁମେମାନେ ଶୃଙ୍ଖଳା ଓ ସ୍ୱଚ୍ଛତା ରକ୍ଷା କରିବା ସଙ୍ଗେ ସଙ୍ଗେ ଗଭୀର ବିଶ୍ୱାସ ଆତ୍ମପ୍ରତ୍ୟୟର ସହିତ ପରୀକ୍ଷାରେ ଅଂଶଗ୍ରହଣ କରିବ ବୋଲି ମୋର ଆଶା ଓ ବିଶ୍ୱାସ ।

ପରୀକ୍ଷା ପ୍ରକ୍ରିୟାକୁ ସଫଳତାର ସହ ପରିଚାଳନା କରିବା ନିମନ୍ତେ ସମ୍ପୃକ୍ତ ପଦାଧିକାରୀ, ଶିକ୍ଷକ-ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଅଭିଭାବକ ଓ ପ୍ରଶାସନର ସହଯୋଗ କାମନା କରୁଛି ।

(ନିତ୍ୟାନନ୍ଦ ଗଣ୍ଡ)
ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା, ଓଡ଼ିଶା

# ୧୦୭୮ ପ୍ରକଳ୍ପ ଅଧାପନ୍ତରିଆ

ବୋଲଗଡ଼,୧୭।୨(ଦେବବ୍ରତ ହୋତା)


ବୈଠକରେ ଉପସ୍ଥିତ ଅଧିକାରୀମାନେ।

୨୦୨୫-୨୬ ଆର୍ଥିକବର୍ଷ ନିମିତ୍ତ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଅନ୍ତର୍ଗତ ଜନଶୁଣାଣି କାର୍ଯ୍ୟକ୍ରମ ସହ ନୂତନ ଭାବେ ପ୍ରଣିତ ବିକଶିତ ଭାରତ ଗ୍ୟାରେଣ୍ଟି ରୋଜଗାର ଓ ଆଜୀବିକା ମିଶନ (ଗ୍ରାମୀଣ) (ଭିବି-ଜି-ରାମ୍ ଜି)ଏକ୍ଟରେ ସଚେତନ କାର୍ଯ୍ୟକ୍ରମ ମଙ୍ଗଳବାର ବୋଲଗଡ଼ ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ବ୍ଲକ ଅଞ୍ଚଳରେ ଗତ ୬ ମାସ ମଧ୍ୟରେ ଏହି ଯୋଜନା ଅନ୍ତର୍ଗତ ବିଭିନ୍ନ ପ୍ରକଳ୍ପ ଓ ଉନ୍ନୟନମୂଳକ କାର୍ଯ୍ୟର ଜନଶୁଣାଣି ତଥା ସମୀକ୍ଷା ବୈଠକ ହୋଇଥିଲା। ବିଡିଓ ସୁମନସ୍ୱିତା କୁହୁଙ୍କ ଅଧ୍ୟକ୍ଷତାରେ ଜିଲା ସାମାଜିକ ସମୀକ୍ଷକ ପ୍ରଦୋଷ ମହାରଣା, ଜିଲା ସଂଯୋଜିକା ଜ୍ୟୋତ୍ସ୍ନାମୟୀ ରାଉତ, ସହକାରୀ ନିର୍ବାହୀ ଯନ୍ତ୍ରୀ ଐଶ୍ୱର୍ଯ୍ୟ ଭଞ୍ଜଦେଓ, ବ୍ଲକ ସଂଯୋଜିକା ସୁକାନ୍ତି ମହାପାତ୍ର ପ୍ରମୁଖ ଯୋଗଦେଇ ବ୍ଲକର ୧୯ଟି ପଞ୍ଚାୟତରେ କାର୍ଯ୍ୟକାରୀ ହେଉଥିବା ସମସ୍ତ ପ୍ରକଳ୍ପ ଉପରେ ଆଲୋଚନା କରିଥିଲେ। ଏପିଓ ରୁବି ଡାକୁଆ ବିବରଣୀ ପାଠକରି ୨୦୨୫-୨୬ ଆର୍ଥିକବର୍ଷରେ ୪୫% କାର୍ଯ୍ୟ ହୋଇଥିବା ନେଇ ସୂଚନା ଦେବା ସହ ୫୪ ପରିବାର ୧୦୦ ଦିନ କାମ କରିଥିବା ବେଳେ ଅନୁମୋଦିତ ୨୦୪୭ଟି ପ୍ରକଳ୍ପରୁ ୯୭୯ଟି ସମ୍ପୂର୍ଣ୍ଣ ହୋଇଥିବା କହିବା ସହ ୩୯୮୮ଟି ପରିବାରକୁ କାମ ଯୋଗାଇ ଦିଆଯାଇ ଏହି ଅବଧି ମଧ୍ୟରେ ୧,୨୯,୫୪୫ ଶ୍ରମଦିବସ ସୃଷ୍ଟି ହୋଇଥିବା କହିଛନ୍ତି। ତେବେ ୧୦୭୮ ପ୍ରକଳ୍ପ ଅଧାପନ୍ତରିଆ ରହିଥିବା ଜଣାପଡ଼ିଛି। ଏହି ଅବସରରେ ଅତିରିକ୍ତ ବିଡିଓ ଡ. ରଶ୍ମିକାନ୍ତ ମିଶ୍ର ବିକଶିତ ଭାରତ ଗ୍ୟାରେଣ୍ଟି ରୋଜଗାର ଓ ଆଜୀବିକା ମିଶନ ଗ୍ୟାରେଣ୍ଟିର ନୂତନ ରୂପରେଖ ସମ୍ପର୍କରେ ବୁଝାଇଥିଲେ। ଅସମ୍ପୂର୍ଣ୍ଣ ପ୍ରକଳ୍ପ କାର୍ଯ୍ୟକୁ ତୁରନ୍ତ ସମ୍ପୂର୍ଣ୍ଣ କରିବା ପାଇଁ ବିଡିଓ କୁହୁ ପରାମର୍ଶ ଦେଇଥିଲେ। ଅନ୍ୟପଟେ ବିଡିଓଙ୍କ ବଦଳି ଦାବିରେ ସମସ୍ତ ଜିଲା ପରିଷଦ ସଦସ୍ୟ ଓ ଅଧିକାଂଶ ସରପଞ୍ଚ ସମିତିସଭ୍ୟ ଧାରଣାରେ ଥିବାରୁ ଅନୁପସ୍ଥିତ ଥିବା ବେଳେ ଏହି ବୈଠକରେ କେତେଜଣ ନିର୍ବାଚିତ ପଞ୍ଚାୟତ ପ୍ରତିନିଧି, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ, ଡାଟା ଏଣ୍ଟ୍ରିଅପରେଟର, ଭିଲେଜ ରିସୋର୍ସ ପର୍ସନ, ଗାଁ ସାଥୀ(ମେଟ୍), ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ, ଜବ୍‌କାର୍ଡଧାରୀ ଶ୍ରମିକମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଏପିଓ ରୁବି ଡାକୁଆ ଧନ୍ୟବାଦ ଅର୍ପଣ କରିଥିଲେ।

## ତମାଣ୍ଡୋ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ
# ଏମ୍ଏମ୍ସିସି ସମ୍ବଲପୁର ବିଜୟୀ

ଯାଁଲା,୧୭।୨(ଜୁଲା ବାରିକ)

ତମାଣ୍ଡୋ କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ୮ମ ତମାଣ୍ଡୋ ପ୍ରିମିୟର ଲିଗ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ମଙ୍ଗଳବାର ମାଇଟି ୟଙ୍ଗ ଷ୍ଟାରକୁ ୧୩୪ ରନ୍‌ରେ ପରାସ୍ତ କରି ଏମ୍ଏମ୍ସିସି ସମ୍ବଲପୁର ଟିମ୍ ବିଜୟୀ ହୋଇଛି। ଟସ୍ ଜିତି ମାଇଟି ୟଙ୍ଗ ଷ୍ଟାର ବୋଲିଂ ନିଷ୍ପତ୍ତି ନେଇଥିଲା। ଏମ୍ଏମ୍ସିସି ସମ୍ବଲପୁର ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୮ ୱିକେଟ ବିନିମୟରେ ୨୮୭ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ବିଶ୍ୱନାଥ ପ୍ରତାପ ସିଂ ୧୨୪, ସନ୍ତୋଷ କୁମାର ପାତ୍ର ୧୧୧ ରନ୍ କରିଥିଲେ। ବିପକ୍ଷ ଦଳର ଅଂଶୁମାନ ସାହୁ ୨ଟି ୱିକେଟ ନେଇଥିଲେ। ପରେ ମାଇଟି ୟଙ୍ଗ ଷ୍ଟାର ଟିମ୍ ବ୍ୟାଟିଂକରି ୧୮.୨ ଓଭରରେ ସମସ୍ତ ୱିକେଟ ହରାଇ ୧୫୪ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ଦଳ ପକ୍ଷରୁ ପିଣ୍ଟୁ ଶର୍ମା ୪୨ ଏବଂ ଅଂଶୁମାନ ସାହୁ ୨୪ ରନ୍ କରିଥିଲେ। ସୁକାନ୍ତ କୁମାର ପଟ୍ଟନାୟକ ଅତିଥିଭାବେ ଯୋଗଦେଇ ବିଜୟୀ ଟିମ୍‌ର ବିଶ୍ୱନାଥ ପ୍ରତାପ ସିଂଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ସୁମନ୍ତ ପାତ୍ର ଏବଂ ଅବଦୁଲ ରହିମ୍ ଖାନ୍ ମ୍ୟାଚ ପରିଚାଳନା କରିଥିଲେ। ବୁଧବାର ୟୁଥି ରକ୍ ଷ୍ଟାର ଏବଂ ଟିସିସି ଭୁବନେଶ୍ୱର ମଧ୍ୟରେ ମ୍ୟାଚ୍ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।



ଅତିଥିଙ୍କଠାରୁ ବିଶ୍ୱନାଥ ପ୍ରତାପ ସିଂ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।

# ବଡ଼ପଦର ଜାଗର ମହୋତ୍ସବ ଉଦ୍‌ଯାପିତ


ଉଦ୍‌ଯାପନୀ ଦିବସରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ବୋଲଗଡ଼,୧୭।୨(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଅନ୍ତର୍ଗତ ବଡ଼ପଦର ଗ୍ରାମସ୍ଥିତ ଲୋକେଶ୍ୱର ଦେବଙ୍କ ପୀଠରେ ଯୁବକସଂଘ ପକ୍ଷରୁ ତିନିଦିନ ଧରି ଚାଲିଥିବା ଦ୍ୱିତୀୟ ବାର୍ଷିକ ଜାଗର ମହୋତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଜିତେନ୍ଦ୍ର ବଳିୟାରସିଂଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ସଭାରେ ସାମାଜିକ କର୍ମୀ ଜ୍ଞାନରଞ୍ଜନ ମାନ୍‌ସିଂହ ମୁଖ୍ୟ ଅତିଥି, ଧଳାପଥର ଫାଣ୍ଡି ଅଧିକାରୀ ସୁଶାନ୍ତ ମଲ୍ଲିକ ମୁଖ୍ୟବକ୍ତା, ପ୍ରତିମା ପଟ୍ଟନାୟକ, ପ୍ରଜ୍ଞାପାରମିତା ପଟ୍ଟନାୟକ, ଡ. ଶିଶିର କୁମାର ଆଚାର୍ଯ୍ୟ, ବସନ୍ତ ଉତ୍ତରକବାଟ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଲୋକନାଥ ଜେନା, ବିଲୁ ସୁବୁଦ୍ଧି ପ୍ରତିଭା ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସମ୍ପାଦକ ଦୀପକ ମିଶ୍ର ବିବରଣୀ ପାଠ ଏବଂ କୋଷାଧ୍ୟକ୍ଷ ମିଟୁ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଓଡ଼ିଶା କଳା ସଂସ୍କୃତି ବିଭାଗ ପକ୍ଷରୁ ଚଣ୍ଡିଖୋଲ ବୀଣାପାଣି କଳାପୀଠ ଏବଂ ଜଟଣୀ ନଟରାଜ ଡାନ୍ସ ଗ୍ରୁପ୍ ଦ୍ୱାରା ନୃତ୍ୟ ଓ ଗୀତ ପରିବେଷଣ ହୋଇଥିଲା। କଳାକାରମାନଙ୍କ ଦ୍ୱାରା ଦଶାବତାର ନୃତ୍ୟ ମନ ମୋହିଥିଲା।

# ୨ ଲକ୍ଷ, ସୁନା ଅଳଙ୍କାର ଚୋରି

ବାଘମାରୀ,୧୭।୨(ମିହିର ରଞ୍ଜନ ମହାପାତ୍ର)

ବାଘମାରୀ ଥାନା ଅଧୀନ ବାଘମାରୀ ସୁନ୍ଦରସାହିର ସ୍ନେହଲତା ସୁନ୍ଦରାୟଙ୍କ ଘରୁ ସୋମବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ତାଙ୍କ ଘରେ ପଶି ୨ ଲକ୍ଷ ଟଙ୍କା ଏବଂ ଲକ୍ଷେ ଟଙ୍କାର ସୁନା ଅଳଙ୍କାର ନେଇଯାଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୪୭/୨୬)ରୁଜୁକରି ଘଟଣାର ତଦନ୍ତ ଜାରି ରଖିଛି। ଅଭିଯୋଗ ମୁତାବକ, ସ୍ନେହଲତାଙ୍କ ପରିବାର ରାତିରେ ଶୋଇଥିବା ବେଳେ କେତେଜଣ ଦୁର୍ବୃତ୍ତ ତାଙ୍କ ଘରେ ପଶି ଗୋଦରେଜ୍‌ରୁ ବୁଡ଼ହଳ ସୁନା କାନଫୁଲ ଏବଂ ୨ ଲକ୍ଷ ଟଙ୍କା ନେଇଯାଇଛନ୍ତି। ଘରୁ ଚୋରି ହୋଇଥିବା ଜାଣିବା ପରେ ସୋମବାର ସକାଳେ ଏନେଇ ସ୍ନେହଲତା ବାଘମାରୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ପରେ ସ୍ୱାନ ସ୍କ୍ୱାଡ୍ ଏବଂ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଅଧିକ ତଦନ୍ତ କରିଥିଲା। ତେବେ ଖବର ଲେଖାହେବା ପର୍ଯ୍ୟନ୍ତ ପୋଲିସ ଦୁର୍ବୃତ୍ତଙ୍କ ଚେର୍ ପାଇପାରି ନ ଥିବା ଜଣାପଡ଼ିଛି।

# ୧୦.୩୮ ଲକ୍ଷ, ଥାର୍ ଜବତ: ୨୦ ଗିରଫ







## ଜୁଆଆଡ୍ଡାରେ ଚଢ଼ାଉ

ଟାଙ୍ଗୀ,୧୭।୨(ରଘୁନାଥ ସାହୁ)

ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ପୋଲିସ କୁସୁପୁରୀ ଜାଲୁ ବଗିଚାରେ ଚାଲିଥିବା ଜୁଆଆଡ୍ଡାରେ ଚଢ଼ାଉକରି ୨୦ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ନାରୁଣି ଥାନା ଅଧୀନ ଗ୍ରାମଗୋଷ୍ଠୀପୁରର ବିକାଶ ସ୍ୱାଇଁ, ଲକ୍ଷ୍ମୀଧର ସାହୁ, ବିଂଝାରର ରାମଚନ୍ଦ୍ର ବେହେରା, ପ୍ରଦୀପ କୁମାର ନାୟକ, ସାନନଈଗାଁର ଦିଲୀପ ସାହୁ, ହରିଚନ୍ଦନପୁରର କାହ୍ନୁ ବେହେରା, ବଉଳାବନ୍ଧର ବିପିନ ପ୍ରଧାନ, ବାଣପୁରର ମୁରଲୀଧର ସେଠୀ, ରମେଶ ଚନ୍ଦ୍ର ବାରିକ, ଦକ୍ଷିଣଗାଡ଼ିଆର ଶିବ ସ୍ୱାଇଁ, ବିଶ୍ୱନାଥପୁର ଶିବ ଶଙ୍କର ସେନାପତି, ନାରାୟଣ ସୁବୁଦ୍ଧି, ବାଲୁଗାଁର ବୁଦ୍ଧିମାନ୍ ବିଶ୍ୱାଳ, ଚାନ୍ଦପୁରର ଲକ୍ଷ୍ମୀଧର ବେହେରା, କଟକ ରାଣୀହାଟର ଯଶୋବନ୍ତ ଦେବତା, ଗଞ୍ଜାମ ଜିଲା ଛତ୍ରପୁରର ଅଜିତ୍ କୁମାର ଗୌଡ଼, ବ୍ରହ୍ମପୁରର ଜି. ନରେଶ, ପୁରୀ ଜିଲା ବଳିଆପଣ୍ଡାର ରାଜକିଶୋର ପ୍ରଧାନ, ତାଳବନିଆର ରଞ୍ଜନ ରାଉଳ ଏବଂ ଜଟଣୀର ଅବଦୁଲ ଜଲିମ ଖାନ୍। ଏମାନଙ୍କଠାରୁ ୧୦ ଲକ୍ଷ ୩୮ ହଜାର ୫୦୦ ଟଙ୍କା, ଗୋଟିଏ ଥାର୍ ଗାଡ଼ି ଏବଂ ୪ଟି ବାଇକ୍ ଜବତ ହୋଇଛି। ଏନେଇ ଥାନାରେ ଏକ ମାମଲା(ନଂ.୧୩୩/୨୬) ରୁଜୁ ହୋଇଛି ବୋଲି ଆଇଆଇସି ରବୀନ୍ଦ୍ର କୁମାର ଭୁକ୍ତବଳ କହିଛନ୍ତି। ସୂଚନା ମୁତାବକ, ଦୀର୍ଘଦିନ ଧରି ଏହି ଜାଲୁବଗିଚାରେ ଜୁଆଖେଳ ହେଉଥିବା ନେଇ ଅଭିଯୋଗ ହୋଇଆସୁଥିଲା। ଚନ୍ଦ୍ରଶେଖରଙ୍କ ନେତୃତ୍ୱରେ ପୋଲିସ ନିୟମିତ ଚଢ଼ାଉ ଜାରି ରଖିବା ଫଳରେ ଜୁଆଡ଼ିମାନେ ଏହି ସ୍ଥାନରେ ଖେଳ ଜାରି ରଖିଥିଲେ।

# ୮ କେନ୍ଦ୍ରରେ ୧୯୫୪ ଛାତ୍ରଛାତ୍ରୀ ଦେବେ ମାଟ୍ରିକ ପରୀକ୍ଷା

ବାଣପୁର,୧୭।୨(ଦିଲୀପ କୁମାର ସ୍ୱାଇଁ)

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଆନୁକୂଲ୍ୟରେ ଚଳିତ ୨୦୨୬ ଶିକ୍ଷା ବର୍ଷ ପାଇଁ ଆସନ୍ତା ୧୯ତାରିଖ ଅର୍ଥାତ୍ ଗୁରୁବାରଠାରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହେବ। ଏନେଇ ବାଣପୁର ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ପ୍ରସ୍ତୁତି ସରିଛି। ଚଳିତ ବର୍ଷ ମୋଟ୍ ୧୯୫୪ଜଣ ଛାତ୍ରଛାତ୍ରୀ ୮ଟି କେନ୍ଦ୍ରରେ ପରୀକ୍ଷା ଦେବା ପାଇଁ ବ୍ୟବସ୍ଥା ହୋଇଛି। ବାଣପୁର ଗୋଦାବରୀଶ ବିଦ୍ୟାପୀଠ ହବ ମାଧ୍ୟମରେ ଗୋଦାବରୀଶ ବିଦ୍ୟାପୀଠରେ ୨୩୩ଜଣ ବିଦ୍ୟାର୍ଥୀ ପରୀକ୍ଷା ଦେବା ପାଇଁ ବ୍ୟବସ୍ଥା ହୋଇଥିବା ବେଳେ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟରେ ୨୧୦ଜଣ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ୨୨୧ଜଣ, ଭୀମପୁରସ୍ଥିତ ବାନାପୁର ଏକାଡେମୀରେ ୨୯୯ଜଣ, ଭେଟେଶ୍ୱରସ୍ଥିତ ଭେଟିନାଥ ଦେବ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୩୫୫ଜଣ, ଗମ୍ଭାରୀମୁଣ୍ଡସ୍ଥିତ ପତିତପାବନ ବାଣୀମନ୍ଦିରରେ ୨୨୭ଜଣ, ନାରୁଣି ସ୍ଥିତ ଗୋଦାବରୀଶ ଉଚ୍ଚ ବିଦ୍ୟାଳୟରେ ୧୭୪ଜଣ ଏବଂ ଖଣ୍ଡେ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ୧୭୮ଜଣ ବିଦ୍ୟାର୍ଥୀ ମାଟ୍ରିକ ପରୀକ୍ଷା ଦେବେ। ଏନେଇ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା ବେଳେ ପୋଲିସ ସୁରକ୍ଷା ବଳୟରେ ପ୍ରଶ୍ନପତ୍ର ରଖାଯାଇଥିବା ହବ୍ ପରିଚାଳକ ଶ୍ୟାମ ସୁନ୍ଦର ପ୍ରଧାନ କହିଛନ୍ତି।

## ବାଙ୍କୀ ଆଥ୍ଲେଟିକ ଆସୋସିଏଶନ ସେମିରେ

ବାଘମାରୀ,୧୭।୨(ମିହିର ରଞ୍ଜନ ମହାପାତ୍ର)

ସିମୋର ପଞ୍ଚାୟତ କଣ୍ଟାମଲିନ ଜୟଦୁର୍ଗା ପୁଟ୍‌ବଲ ଆସୋସିଏଶନ ଆନୁକୂଲ୍ୟରେ ଗ୍ରାମ ଖେଳପଡ଼ିଆରେ ଚାଲିଥିବା ୩୧ତମ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ମଙ୍ଗଳବାର ବାଙ୍କୀ ଆଥ୍ଲେଟିକ ଆସୋସିଏଶନ ଏବଂ ଖଣ୍ଡପଡ଼ା ଟାଉନ କ୍ଲବ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା। ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହୋଇଥିବା ବେଳେ ୧-୦ ଗୋଲରେ ବାଙ୍କୀ ଆଥ୍ଲେଟିକ ଆସୋସିଏଶନ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଶକାବନ୍ଦିଅହମ୍ମଦ ରେଫରି, ବିଦେଶୀ ନାୟକ ଏବଂ ଉଜ୍ଜ୍ୱଳ ଖାଁ ଲାଇନ୍ସରେ ସହାୟତା କରିଥିଲେ। ମ୍ୟାଚ୍‌ରେ ଅତିଥିଭାବେ ପୂର୍ବତନ ପ୍ରଧାନଶିକ୍ଷକ ଯୋଗିନାଥ ସାହୁ, ପୂର୍ବତନ କ୍ରୀଡ଼ା ଶିକ୍ଷକ ନୀଳମଣି ମାଝୀ, ଘୁଁଘୁ ଗ୍ରାମ୍ୟ କମିଟି ସଭାପତି ନୀଳମଣି ପ୍ରଧାନ, ଗୋବିନ୍ଦ ଚନ୍ଦ୍ର ପଣ୍ଡା, ଶିବପ୍ରସାଦ ଷଡ଼ଙ୍ଗୀ, ସମୀର ରଞ୍ଜନ ଦାସ ପ୍ରମୁଖ ଅତିଥିଭାବେ ଯୋଗଦେଇଖେଳାଳିଙ୍କୁଉତ୍ସାହିତକରିଥିଲେ।

# ୩୦ ହଜାର ପୁରୁଣା ସାମଗ୍ରୀ ସାଇତିଛନ୍ତି ଅକ୍ଷୟ

ଖୋର୍ଦ୍ଧା,୧୭।୨(ପ୍ରଭାତ ପାଣିଗ୍ରାହୀ)



## ଘନଶ୍ୟାମ ପିଣ୍ଡିକି ଶ୍ରୀଚନ୍ଦନ ସଂଗ୍ରହାଳୟ

ଖୋର୍ଦ୍ଧା ଜିଲା ବୋଲଗଡ଼ ଅଞ୍ଚଳର ଅକ୍ଷୟ ପଟ୍ଟନାୟକ। ବୟସ ୮୭ ଛୁଇଁଲାଣି। ଜଣେ ବିଶିଷ୍ଟ ସଂଗ୍ରାହକ ଭାବେ ତାଙ୍କର ପରିଚୟ ରହିଛି। ନିଜସ୍ୱ ଉଦ୍ୟମରେ କରିଛନ୍ତି ଘନଶ୍ୟାମ ପିଣ୍ଡିକି ଶ୍ରୀଚନ୍ଦନ ସଂଗ୍ରହାଳୟ। ବୋଲଗଡ଼ ବ୍ଲକ ସମ୍ମୁଖ ଏକ କମ୍ପ୍ଲେକ୍ସ ସେଣ୍ଟରରେ ଏହି ସଂଗ୍ରହାଳୟ ରହିଛି। ଅକ୍ଷୟ ସଂଗ୍ରହାଳୟରେ ୩୮ଟି ବିଭାଗରେ ୩୦ ହଜାରରୁ ଊର୍ଦ୍ଧ୍ୱ ସାମଗ୍ରୀ ସାଇତି ରଖିଛନ୍ତି। ୧୧ଶହ ପ୍ରକାର ରେଡିଓ, ଗ୍ରାମଫୋନ୍, ବିଭିନ୍ନ ପ୍ରକାର ଲାଇଟ୍, ଚରଖା, ଟାଇପ୍ ମେସିନ, କିରୋସିନଚାଳିତ ରେଫ୍ରିଜେରେଟର, ଟେଲିଭିଜନ, ଟେଲିଫୋନ୍, ଟେଲିଗ୍ରାଫର, ବିଭିନ୍ନ ଦେଶର କ୍ୟାମେରା, ତାଳପତ୍ର ପୋଥି, ବାଦ୍ୟଯନ୍ତ୍ର, ମାଟି ପାତ୍ର, ବିଭିନ୍ନ ଦେଶର ଡାକଟିକେଟ, ପୋଷ୍ଟକାର୍ଡ, ପୁରୁଣା ବିଦେଶୀ ଟଙ୍କା ଓ ମୁଦ୍ରା, ଟେରାକୋଟା, ପଥର ଖୋଦେଇ ସାମଗ୍ରୀ ଆଦି ରଖିଛନ୍ତି। ଏଥିସହ ବିଭିନ୍ନ ଦେଶର ଘଣ୍ଟା ଓ ବ୍ୟବହୃତ ସାମଗ୍ରୀ, ଇଂରେଜ ଅମଳର ଟର୍ଚ୍ଚ ଲାଇଟ୍ ଆଦି ରହିଛି।

ଏନେଇ ଅକ୍ଷୟ କହିଛନ୍ତି, ମାନ୍ଦ୍ରାସ ମହାନଗରନିଗମରେ ଜଣେ ମେକାନିକାଲ ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଥିବା ବେଳେ ସଂଗ୍ରହାଳୟ କରିବା ପାଇଁ ମନସ୍ଥ କରିଥିଲେ। ଲକ୍ଷ୍ୟ ଥିଲା ଭବିଷ୍ୟତ ପିଢ଼ି ପାଇଁ ନିଜ ସଂସ୍କୃତି ପରମ୍ପରା ସହ ଜଡ଼ିତ ସାମଗ୍ରୀ ସାଇତି ରଖିବେ। କାମ କରିବା ସମୟରେ ବିଭିନ୍ନ ମେକାନିକାଲ ଯନ୍ତ୍ରପାତି ସହ ପୁରୁଣା ସାମଗ୍ରୀ ଏକାଠି କରିବା ଆରମ୍ଭ କରିଥିଲେ। ଅବସର ନେଇ ଘରକୁ ଫେରିବା ପରେ ଏହା ତାଙ୍କର ନିଶାରେ ପରିଣତ ହୋଇଯାଇଥିଲା। ୧୯୭୦ ମସିହାରୁ ଆରମ୍ଭ ହୋଇଥିବା ଏହି ପ୍ରଚେଷ୍ଟା ସଂଗ୍ରହାଳୟ ରୂପ ନେଇଛି। ଏହି ସଂଗ୍ରହାଳୟ ପାଇଁ ସେ ଅଦ୍ୟାବଧି ୧ କୋଟି ଟଙ୍କା ଖର୍ଚ୍ଚ କରିଥିବା ବେଳେ ନିଜ ପୈତୃକ ସମ୍ପତ୍ତିର ପ୍ରାୟ ୨୦ ଏକର ଜମି ବିକ୍ରି କରିସାରିଲେଣି ବୋଲି ସେ କହିଛନ୍ତି। ତେବେ ତାଙ୍କୁ ଏଥିଲାଗି ସରକାରୀ ସହାୟତା ମିଳିନାହିଁ। ସରକାରୀସ୍ତରରେ ବାହାରୁଥିବା ପୁରୁଣା ବର୍ଜ୍ୟବସ୍ତୁକୁ କବାଡ଼ିବାଲାଙ୍କୁ ବିକ୍ରି କରିଦିଆଯାଉଛି, ହେଲେ ଏହାକୁ ସଂଗ୍ରହାଳୟକୁ ଦାନକଲେ, ଆଗାମୀ ପିଢ଼ି ପାଇଁ ଉପାଦେୟ ହେବ। ସରକାରୀସ୍ତରରେ ପ୍ରୋତ୍ସାହନ ତଥା ସ୍ଥାୟୀ ଘରଟିଏ ଯୋଗାଇ ଦିଆଗଲେ ଆଗାମୀ ପିଢ଼ି ଏହା ପର୍ଯ୍ୟବେକ୍ଷଣ କରି ବେଶ୍ ଆକୃଷ୍ଟ ହେବା ସହ ନିଜ ମାଟିର ଗୌରବମୟ ଗାଥାକୁ ଜାଣିବାରେ ବେଶ୍ ସହାୟକ ହୋଇପାରିବ ବୋଲି ଅକ୍ଷୟ କହିଛନ୍ତି।

# ୧୩୫୦ ଲିଟର ମହୁଲି ମଦ ଜବତ, ୬୦୫୦ କିଲୋ ପୋଚ ନଷ୍ଟ

ବାଲୁଗାଁ/ବାଣପୁର,୧୭।୨ (ସଂଗ୍ରାମ ପାଇକରାୟ/ଦିଲୀପ କୁମାର ସ୍ୱାଇଁ)

ଖୋର୍ଦ୍ଧା ଜିଲା ଅବକାରୀ ଟିମ୍ ମଙ୍ଗଳବାର ଚଢ଼ାଉକରି ଆଦିବାସୀ ଅଧ୍ୟୁଷିତ ବରବରା ଜଙ୍ଗଲସ୍ଥିତ କାନ୍ଦୁଲସାହି ନିକଟରୁ ୧୩୫୦ ଲିଟର ମହୁଲି ମଦ ସହ ୬୦୫୦ କିଲୋ ପୋଚ ଜବତ ପରେ ନଷ୍ଟ କରିଦିଆଯାଇଛି। ଜବତ ସାମଗ୍ରୀର ମୂଲ୍ୟ ୫ ଲକ୍ଷ ୭୨ ହଜାର ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ ଆକଳନ କରାଯାଇଛି। ତେବେ ଚଢ଼ାଉ ପୂର୍ବରୁ କୌଣସି ସୂତ୍ରରୁ ଖବରପାଇ ସମ୍ପୃକ୍ତ ମଦ ପ୍ରସ୍ତୁତକାରୀମାନେ ଖସି ପଳାଇଥିଲେ। ବାଲୁଗାଁ ଅବକାରୀ ବିଭାଗ ପକ୍ଷରୁ ଏନେଇ ପୃଥକ୍ ଭାବେ ୩ଟି ମାମଲା (ନଂ.୨୮୬,୨୮୭,୨୮୮/୨୫-୨୬) ରୁଜୁ କରାଯାଇଛି। ଖୋର୍ଦ୍ଧା ଜିଲା ଅବକାରୀ ଅଧୀକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ଏହି ଚଢ଼ାଉରେ ବାଲୁଗାଁ ଅବକାରୀ ଅଧିକାରୀ ଅଜିତ୍ କୁମାର ପାତ୍ର, ଟାଙ୍ଗୀ ରେଞ୍ଜ ଅଧିକାରୀ ରମେଶ ଚନ୍ଦ୍ର ବାରିକ, ବେଗୁନିଆ ଅଧିକାରୀ ସଞ୍ଜୟ କୁମାର ସୁବୁଦ୍ଧିଙ୍କ ସମେତ ସମସ୍ତ କର୍ମଚାରୀ ଏବଂ ପୋଲିସ ବାହିନୀ ସାମିଲ ଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ବାଣପୁର ତହସିଲଦାର ଟି. ପଟ୍ଟନାୟକ ଦୋରା ଥିଲେ।

# ଥଇଥାନ ଦାବିରେ ପୌର କାର୍ଯ୍ୟାଳୟ ଆଗରେ ଧାରଣା

ଜଟଣୀ,୧୭।୨(ରବୀନ୍ଦ୍ରନାଥ ମହାନ୍ତ)

ଜଟଣୀ ପୌରାଞ୍ଚଳ ୨୨ ନମ୍ବର ୱାର୍ଡ ଅନ୍ତର୍ଗତ ଖାଡ଼ବତୀ ଏବଂ ଗାନ୍ଧୀ ଲେପର୍ସି କଲୋନୀର ବାସିନ୍ଦାମାନେ ମଙ୍ଗଳବାର ଥଇଥାନ ଦାବିରେ ପୌର କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ସାମାଜିକ କର୍ମୀ ଆରତି ମହାଲାଙ୍କ ନେତୃତ୍ୱରେ ଉକ୍ତ କଲୋନୀର ଶତାଧିକ ମହିଳା ପୁରୁଷ ଏକତ୍ରିତ ହୋଇ ଦାବି ପୂରଣ ପାଇଁ ଅଡ଼ି ବସିଥିଲେ।

ସାମାଜିକ କର୍ମୀ ଆରତି ମହାଲାଙ୍କ ସୂଚନା ମୁତାବକ, ଉକ୍ତ ଅଞ୍ଚଳବାସୀଙ୍କ ନିଜସ୍ୱ ଘର ନ ଥିବାରୁ ସେମାନେ ସମସ୍ତ ସରକାରୀ ଯୋଜନାରୁ ବଞ୍ଚିତ ଥିବା ବେଳେ ଭିକ୍ଷାବୃତ୍ତି କରି ଜୀବନ କାଟୁଥିଲେ। ସମାଜର ମୁଖ୍ୟସ୍ରୋତରେ ନିଜକୁ ସାମିଲ କରିବା ସହ ସମସ୍ତ ସରକାରୀ ଯୋଜନାରେ ସାମିଲ କରିବା ଉଦ୍ଦେଶ୍ୟରେ ଉଚ୍ଚ ନ୍ୟାୟାଳୟରେ ମାମଲା କରିଥିଲେ। ଉଚ୍ଚ ନ୍ୟାୟାଳୟ ଉକ୍ତ ଅଞ୍ଚଳବାସୀଙ୍କୁ ଉପଯୁକ୍ତ ସରକାରୀ ସେବା ଯୋଗାଇବା ସହ ସମସ୍ତ ସରକାରୀ ଯୋଜନାରେ ସାମିଲ କରି ଥଇଥାନ ପାଇଁ ୨୦୨୧ ମସିହାରେ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ୨୦୨୩ ମସିହାରେ ରାଜ୍ୟ ସରକାର ନିର୍ଦ୍ଦେଶର କାର୍ଯ୍ୟକାରିତା କେତେ କରିଛନ୍ତି ଜାଣିବା ପାଇଁ ପୁଣି ଏକ ନିର୍ଦ୍ଦେଶ ଦେଇଥିଲେ। ତେବେ ଅଦ୍ୟାବଧି ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ପରେ ବି ଉକ୍ତ ଅଞ୍ଚଳବାସୀ ରହିବା ପାଇଁ ଜମି କିମ୍ବା ଘର ପାଇପାରିନାହାନ୍ତି। ରାଜସ୍ୱ ବିଭାଗର ଲ୍ୟାଣ୍ଡ ଡିମାର୍କେସନ ପରେ ଡିପିଆର ପ୍ରସ୍ତୁତ ପାଇଁ ଡିଏସ୍ଏସ୍ଟ ଜଟଣୀ ପୌର ପ୍ରଶାସନକୁ ଡିପିଆର ପ୍ରସ୍ତୁତି ପାଇଁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଗତ ଅକ୍ଟୋବରରୁ ଫେବୃଆରୀ ପଡ଼ିବାକୁ ବସିଥିଲେ ମଧ୍ୟ ଡିପିଆର ଡିଏସ୍ଏସ୍ଟ କାର୍ଯ୍ୟାଳୟକୁ ପଠାଯାଇନାହିଁ। ଅନ୍ୟପଟେ ଡିପିଆର ପ୍ରସ୍ତୁତିରେ ଆବଶ୍ୟକ ଅର୍ଥ ପଇଠ ସୂଚନା ମିଳିବା ପରେ ଅସନ୍ତୋଷ ପ୍ରକାଶକରି ଉକ୍ତ କଲୋନିବାସୀ ଧାରଣାରେ ବସିଥିଲେ। ତେବେ ଏ ସମ୍ପର୍କରେ ପୌର ପ୍ରଶାସନ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।


ଥଇଥାନ ଦାବିରେ ଧାରଣାରେ ବସିଥିବା ଖାଡ଼ବତୀ ଏବଂ ଗାନ୍ଧୀ ଲେପର୍ସି କଲୋନୀର ବାସିନ୍ଦା।


GOVERNMENT OF ODISHA
E-mail: rwd.bonai@yahoo.com
**OFFICE OF THE EXECUTIVE ENGINEER, RURAL WORKS DIVISION, BONAI**
No. 25001/186/2526
TENDER CALL NOTICE
BID IDENTIFICATION NO. ONLINE-EEBNI-08 of 2025-26

| | | |
|---|---|---|
| 1. | Name of the Work | Road Works |
| 2. | Total No. of Works | 03 (Three) Nos. |
| 3. | Estimated Cost | Rs.5.45 - 21.89 lakhs |
| 4. | Class of Contractor | "B", "C" & "D" Class |
| 5. | Period of Completion | 01 (One) Month |
| 6. | Type of Tender | Single Cover |
| 7. | Other details | |

| Procurement Officer | Bid Identification No. | Availability of Tender Online for Bidding | | Last date & time of seeking tender clarification | Date & time of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Bonai | Online - EEBNI-08 of 2025-26 | 19.02.2026 from 05.00 P.M. | 26.02.2026 upto 5.00 P.M. | 25.02.2026 upto 5.00 P.M. | 27.02.2026 11.00 A.M. |

Further details can be seen from the website www.tendersorissa.gov.in & for more information please visit the office.
OIPR-25001/25200/1/25-26/0002
Sd/- Executive Engineer, R.W. Division, Bonai



GOVT. OF ODISHA
E-Mail: eerw_anandapur@yahoo.co.in
**OFFICE OF THE SUPERINTENDING ENGINEER, RURAL WORKS DIVISION, ANANDAPUR**
NOTICE INVITING TENDER
NATIONAL COMPETITIVE BIDDING THROUGH e-PROCUREMENT NOTICE
Online - 17/EE/RW/AND/2025-26
Annual Maintenance Plan of Rural Roads under Administrative Expenditure
No. 952
Date: 16.02.2026
No. 25001/185/2526: Executive Engineer, Rural Works Division, Anandapur on behalf of Government of Odisha invites PERCENTAGE (%) RATE tender for Annual Maintenance Plan of Rural Roads through e-Procurement as per annexure. The bid should be submitted Online in the website www.tendersorissa.gov.in by eligible class of contractors having legal competency & expertise, registered with the State Government & contractors of equivalent grades/class registered with Central Govt./MES/ Railways for execution of only Civil works. The bidders should have necessary Portal Enrollment (with his own Digital Signature Certificate). The registered bidders of outside Odisha can also participate in this process, after necessary Portal Enrollment, but shall have to subsequently undergo registration with the appropriate authority of the State Government before award of the work.

| Procurement Officer | Bid Identification No. | Availability of Tender Online for Bidding | | Last date & time of seeking tender clarification | Date & time of opening of tender in O/o. the S.E., R.W. Division, Anandapur |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, R.W. Division, Anandapur | NCB-Online 17/EE/RW/AND/2025-26 | 20.02.2026 at 10.00 A.M. | 25.02.2026 upto 5.00 P.M. | 24.02.2026 upto 5.00 P.M. | 26.02.2026 at 11.30 A.M. |

OIPR-25001/25055/1/25-26/0015
Sd/- Executive Engineer, R.W. Division, Anandapur

**ଅସୁରକ୍ଷିତ ରାଜଧାନୀ ଭୁବନେଶ୍ୱର**

# ୨୪ଘଣ୍ଟାରେ ୩ ଘଟଣାରେ ଆତଙ୍କିତ ସହରବାସୀ

## ବରିଷ୍ଠ ପୋଲିସ ଅଧିକାରୀଙ୍କ ମା'ଙ୍କ ବେକରୁ ସୁନାଚେନ୍ ଲୁଟ୍

ଅସୁରକ୍ଷିତ ହୋଇପଡ଼ିଛି ରାଜଧାନୀ ଭୁବନେଶ୍ୱର। କଥା କଥାରେ ବୁଲୁଛି ଖଣ୍ଡା, ଭୁଜାଲି। ଦିନ ହେଉ ଅବା ରାତି ମହିଳାଙ୍କଠାରୁ ଆରମ୍ଭ କରି ପୁରୁଷ କେହି ସୁରକ୍ଷିତ ନାହାନ୍ତି। ଅପରାଧୀମାନେ ପୋଲିସକୁ ଚ୍ୟାଲେଞ୍ଜ କରି ଲୁଟ୍‌ପାଟ ଏବଂ ଖଣ୍ଡାରେ ଆକ୍ରମଣ କରୁଛନ୍ତି। ୨୪ଘଣ୍ଟା ମଧ୍ୟରେ କମିଶନରେଟ୍ ପୋଲିସରେ ଘଟିଥିବା ୩ଟି ଅପରାଧ ଘଟଣା ସମସ୍ତଙ୍କୁ ଚକିତ କରିଛି। ଚନ୍ଦ୍ରଶେଖରପୁର ଥାନା ଶୈଳଶ୍ରୀବିହାରରେ ଜଣେ ବରିଷ୍ଠ ପୋଲିସ ଅଧିକାରୀଙ୍କ ମା'ଙ୍କ ବେକରୁ ସୁନାଚେନ୍ ଲୁଟ ହୋଇଥିବାବେଳେ ସୋମବାର ରାତିରେ ତମାଣ୍ଡୋ ଥାନା ଭଗବାନପୁରରେ ଥିବା ଏକ କାଫେ ଭିତରେ ପଶି ଦୁର୍ବୃତ୍ତ ଖଣ୍ଡାରେ ହାଣିବା ସହ ୩ଟି କାରକୁ ଭାଙ୍ଗି ନଷ୍ଟ କରିଛନ୍ତି। ସେହିପରି କଳିଙ୍ଗନଗରରେ ଏକ ସୁନା ଦୋକାନୀଙ୍କ ମୁହଁରେ ସ୍ପ୍ରେ ମାରି ଜଣେ ଲୁଟେରା ୬ଲକ୍ଷ ଟଙ୍କା ସୁନା ଅଳଙ୍କାର ଲୁଟି ନେଇଛନ୍ତି।

**ଭୁବନେଶ୍ୱର,୧୭।୨ (ତ୍ରିନାଥ ମହାନ୍ତି)**

ଚନ୍ଦ୍ରଶେଖରପୁର ଥାନା ଶୈଳଶ୍ରୀ ବିହାରରେ ରହୁଥିବା ଜଣେ ବରିଷ୍ଠ ପୋଲିସ ଅଧିକାରୀଙ୍କ ମା'ଙ୍କ ବେକରୁ ଦୁର୍ବୃତ୍ତମାନେ ସୁନାଚେନ୍ ଲୁଟି ନେଇଛନ୍ତି। ଲୁଟ୍‌ର ଶିକାର ହୋଇଥିବା ମହିଳା ହେଲେ ଶକୁନ୍ତଳା ମହାପାତ୍ର। ସେ ଏନେଇ ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ କେସ୍ ନଂ-୧୪୦/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

ଶକୁନ୍ତଳାଙ୍କ କହିବା ଅନୁସାରେ, ସେ ମଙ୍ଗଳବାର ସକାଳ ୮ଟାରେ ଶୈଳଶ୍ରୀବିହାରରେ ରହୁଥିବା ଘରୁ ମର୍ନିଂ ୱାକ୍‌ରେ ମଙ୍ଗଳା ମନ୍ଦିର ନିକଟରେ ଚାଲିଚାଲି ଯାଉଥିଲେ। ଏହି ସମୟରେ ପଛରୁ ଜଣେ ଯୁବକ ଆସି ହଠାତ୍ ତାଙ୍କ ବେକରୁ ସୁନାଚେନ୍ ଝାମ୍ପି ନେଇଥିଲେ। ଶକୁନ୍ତଳା କ'ଣ ହେଲା ବୋଲି ପ୍ରଥମେ କିଛି ଜାଣିପାରି ନ ଥିଲେ। ଚେନ୍‌ରେ ଲାଗିଥିବା ଲକେଟ୍ ତଳେ ପଡ଼ିଯିବା ପରେ ଶକୁନ୍ତଳା ଏହାକୁ ଉଠାଇ ଚିତ୍କାର କରିଥିଲେ। ହେଲେ ସେତେବେଳକୁ ଲୁଟେରା ତାଙ୍କ ସହଯୋଗୀ ସହ ବାଇକ୍‌ରେ ବସି ଫେରାର ହୋଇଯାଇଥିଲେ। ଲୁଟ୍ ସମୟର ସିସିଟିଭି ଫୁଟେଜ ପୋଲିସ ଜବତ କରି ତଦନ୍ତ କରୁଛି। ୩ବର୍ଷ ତଳେ ମଧ୍ୟ ସମାନ ଢଙ୍ଗରେ ଶକୁନ୍ତଳାଙ୍କ ବୋହୂ ଲୁଟ୍‌ର ଶିକାର ହେବାରୁ ବର୍ତ୍ତି ଯାଇଥିଲେ। ଲୁଟେରାମାନେ ତାଙ୍କ ବେକରୁ ସୁନାଚେନ୍ ଝାମ୍ପିବା ସମୟରେ ସେ ବେକ ଯାକି ଦେବାରୁ ଲୁଟେରା ସୁନା ଚେନ୍ ନେଇପାରି ନ ଥିଲେ।

### କାଫେରେ ପଶି ହାଣିଲେ, ୨ଆହତ



ତମାଣ୍ଡୋ ଥାନା ଭଗବାନପୁରରେ ଥିବା ଏକ କାଫେ ସାମ୍ନାରେ ଦୁର୍ବୃତ୍ତମାନେ ଖଣ୍ଡା ବୁଲାଇଛନ୍ତି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସୋମବାର ରାତି ୧୨ଟାରେ କାଫେ ଭିତରେ ପଶିଥିଲେ। କାଫେରେ କେହି ନ ଥିବାବେଳେ ବାହାରେ ଛିଡ଼ା ହୋଇଥିବା ଯୁବକଙ୍କୁ ଆକ୍ରମଣ କରିଥିଲେ। ଏଥିରେ ଗୋପୀନାଥ ଭୁଜବଳ ଓ ସନିଆ ବାରିକ ଆହତ ହୋଇଛନ୍ତି। ଆକ୍ରମଣ ପରେ ବି ଦୁର୍ବୃତ୍ତଙ୍କ ରାଗ ଶାନ୍ତ ହୋଇ ନ ଥିଲା। କାଫେ ଆଗରେ ପାର୍କିଂ ହୋଇଥିବା ୩ଟି କାରକୁ ଖଣ୍ଡାରେ ହାଣି ନଷ୍ଟ କରିଛନ୍ତି। ଏନେଇ ତମାଣ୍ଡୋ ଥାନାରେ କାଫେ ମାଲିକ କବିରାଜ ଲେଙ୍କା ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ଆକ୍ରମଣ କରିଥିବା ଯୁବକମାନଙ୍କୁ ପୋଲିସ ଚିହ୍ନଟ କରିବା ସହ ୨ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏଭଳି ଆକ୍ରମଣ ହୋଇଥିବା କୁହାଯାଉଛି।

### ଗ୍ରାହକ ହୋଇ ଆସିଲେ, ମୁହଁରେ ସ୍ପ୍ରେ ମାରି ଲୁଟିଲେ

ତମାଣ୍ଡୋ ଥାନା କଳିଙ୍ଗବିହାର କେ-୪ରେ ଥିବା ଶୁଭଲକ୍ଷ୍ମୀ ସୁନା ଦୋକାନକୁ ଟାର୍ଗେଟ କରି ଦୁର୍ବୃତ୍ତ ଲୁଟପାଟ କରିଛନ୍ତି। ଅପରାହ୍ନ ୧ଟାରେ ଜଣେ ଲୁଟେରା ଗ୍ରାହକ ବେଶରେ ମୁହଁରେ ମାସ୍କ ବାନ୍ଧି ଆସି ଭଉଣୀର ବାହାଘର ଅଛି ଗହଣା ଦେଖାନ୍ତୁ ବୋଲି କହିଥିଲେ। ଦୋକାନୀ ସୁନା ମୁଦି, ସୁନା ଚେନ ଦେଖାଇବା ସମୟରେ ଲୁଟେରା ଦୋକାନୀଙ୍କ ମୁହଁରେ ସ୍ପ୍ରେ ମାରି ସୁନା ଗହଣା ଲୁଟି ନେଇ ସେଠାରୁ ଚମ୍ପଟ ମାରିଥିଲେ। ଲୁଟେରା ମୁହଁରେ ମାସ୍କ ଭିଡ଼ି ଆସିଥିବାରୁ ପୋଲିସ ଚିହ୍ନଟ କରିବା କଷ୍ଟକର ହେଉଛି। ଦୋକାନରୁ ୫ଟି ସୁନାମୁଦି, ୨ଟି ସୁନା ଚେନ୍ ଲୁଟେରା ନେଇଯାଇଛନ୍ତି, ଯାହାର ମୂଲ୍ୟ ପ୍ରାୟ ୬ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଉଛି। ଏନେଇ ଥାନାରେ କାଶୀପୁରର ସୋମନାଥ ବାରିକ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି। ଦୋକାନରେ ଲାଗିଥିବା ସିସିଟିଭି ଫୁଟେଜ ଆଧାରରେ ଲୁଟେରାଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି।




## ପ୍ରେମ, ପ୍ରତାରଣା ମାମଲା: ଆସିଷ୍ଟାଣ୍ଟ ଲେବର ଅଫିସର ଗିରଫ

**ଭୁବନେଶ୍ୱର,୧୭।୨(ତ୍ରିନାଥ ମହାନ୍ତି)**

ପ୍ରେମ ଓ ପ୍ରତାରଣା ଅଭିଯୋଗରେ ଖାରବେଳନଗର ଥାନା ପୋଲିସ ବଲାଙ୍ଗୀରରେ କାର୍ଯ୍ୟରତ ଜଣେ ଆସିଷ୍ଟାଣ୍ଟ ଲେବର ଅଫିସରଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ନୟାଗଡ଼ର ବିଶ୍ୱଜିତ୍ ରାଉତ। ଅଭିଯୋଗ ଅନୁଯାୟୀ, ଦୁଇବର୍ଷ ତଳେ ବିଶ୍ୱଜିତ୍ ଫେସ୍‌ବୁକ୍ ମାଧ୍ୟମରେ କେନ୍ଦ୍ରାପଡ଼ା ସଦର ଅଞ୍ଚଳର ଜଣେ ଯୁବତୀଙ୍କ ସହ ପରିଚିତ ହୋଇଥିଲେ। ଉଭୟ ପ୍ରଥମେ ସାଙ୍ଗହୋଇ ଚାଟିଂ କରିଥିଲେ। ପରେ ଫୋନ୍ ନମ୍ବର ଦିଆନିଆ ହେବା ପରେ ରାତିଦିନ କଥା ହୋଇଥିଲେ। ଏହାପରେ ବିଶ୍ୱଜିତ୍ ତାଙ୍କୁ ପ୍ରେମ କରୁଥିବା କହିବା ସହ ବିବାହ ପ୍ରତିଶ୍ରୁତି ଦେଇଥିଲେ। ଯୁବତୀ ରାଜି ହେବାପରେ ଉଭୟ ଭୁବନେଶ୍ୱର ଆସି ଲଜ୍‌ରେ ରହିବା ସହ ଶାରୀରିକ ସମ୍ପର୍କ ରଖିଥିଲେ। ତେବେ କିଛିମାସ ପରେ ଯୁବତୀ ତାଙ୍କୁ ବିବାହ ପାଇଁ କହିଥିଲେ। ହେଲେ ସେ ରାଜି ନ ହେବାରୁ ଯୁବତୀ ଶେଷରେ ଥାନାର ଦ୍ୱାରସ୍ଥ ହୋଇଥିଲେ।

## ବ୍ୟବସାୟୀଙ୍କ ନିଖୋଜ ନାବାଳକ ପୁଅ ଆହତ ଅବସ୍ଥାରେ ଉଦ୍ଧାର

**ଭୁବନେଶ୍ୱର,୧୭।୨ (ତ୍ରିନାଥ ମହାନ୍ତି)**

ଏୟାରଫିଲ୍ଡ ଥାନା ସୁନ୍ଦରପଦା ବୋଉଣ୍ଡା ଅଞ୍ଚଳର ବ୍ୟବସାୟୀ ମହେନ୍ଦ୍ର ପଟ୍ଟନାୟକଙ୍କ ନାବାଳକ ପୁଅ ସୋମବାର ସକାଳେ ନିଖୋଜ ହୋଇଯାଇଥିଲେ। ତାଙ୍କୁ କେହି ଅପହରଣ କରି ନେଇଥିବା ପରିବାର ଲୋକ ଅଭିଯୋଗ କରି ପୋଲିସକୁ ଜଣାଇଥିଲେ। ପୋଲିସ ବିଭିନ୍ନ ଦିଗରୁ ତଦନ୍ତ କରିଥିଲା। ମଙ୍ଗଳବାର ସନ୍ଧ୍ୟାରେ ହାଇଟେକ୍ ନିକଟ ଏକ ପରିତ୍ୟକ୍ତ ଘରୁ ନାବାଳକଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରାଯାଇଛି। ପିଲାଟି ଅସୁସ୍ଥ ହୋଇପଡ଼ି ଥିବାରୁ ଘଟଣା ସମ୍ପର୍କରେ କହି ପାରୁନି। ତାଙ୍କୁ ଗୁରୁତର ଅବସ୍ଥାରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। କୁଆଡେ ଓ କେମିତି ଯାଇଥିଲେ ସେନେଇ ଖୋଳତାଡ଼ ଚାଲିଛି। ସେ ସୁସ୍ଥ ହେବା ପରେ ଘଟଣା ବିଷୟରେ ଜଣାପଡ଼ିବ ବୋଲି ପୋଲିସ କହିଛି। ସୋମବାର ସକାଳ ସାଢେ ୮ଟା ବେଳେ ନାବାଳକ ଜଣଙ୍କ ଘରୁ ବାହାରକୁ ବୁଲିବାକୁ ଯାଇଥିଲେ। ହେଲେ ସନ୍ଧ୍ୟା ହୋଇଯାଇଥିଲେ ମଧ୍ୟ ସେ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରି ନ ପାଇବା ପରେ ଶେଷରେ ଥାନାର ଦ୍ୱାରସ୍ଥ ହୋଇଥିଲେ।




ଆଉଟ୍‌ରିଚ୍ ରେଡିଓ ମେଳା ୨୦୨୬ରେ ସୁପ୍ରସିଦ୍ଧ ଅନ୍ତଃରାଷ୍ଟ୍ରୀୟ କଥକ ନୃତ୍ୟାଙ୍ଗନା ସଙ୍ଗୀତା ସାହୁ ଓ ଓଡ଼ିଆ ଭାଷା ସାହିତ୍ୟର ବରିଷ୍ଠ ଅଧ୍ୟାପକ ତଥା ଓଡ଼ିଶୀ ନୃତ୍ୟଶିଳ୍ପୀ ଚିତ୍ତରଞ୍ଜନ ସାହାଣୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ଜମି ଦେବାକୁ କହି ୨୦ ଲକ୍ଷ ଠକେଇ: ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୧୭।୨(ତ୍ରିନାଥ ମହାନ୍ତି)**

ଜମି ଦେବାକୁ କହି ଠକେଇ କରିବା ଅଭିଯୋଗରେ ଶହୀଦନଗର ଥାନା ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ହଂସପାଳ ଅଞ୍ଚଳର ହେମନ୍ତ କୁମାର ପାଣିଗ୍ରାହୀ। ଅଭିଯୋଗକାରୀ ନଗେନ କୁମାର ବେହେରା(୩୦)ଙ୍କୁ ହେମନ୍ତ ଭୁବନେଶ୍ୱରର ଗୋଡ଼ା ଗୋପୀନାଥ ପ୍ରସାଦ ମୌଜା, ଚଣ୍ଡୀମାତା କଲୋନୀ ଅଞ୍ଚଳରେ ଥିବା କିଛି ଜମି କ୍ରୟ କରିବା ପାଇଁ ପ୍ରଲୋଭିତ କରିଥିଲେ। ଜମି ବିକ୍ରୟ ଓ ପଞ୍ଜୀକରଣ କରାଇଦେବା ବାବଦରେ ମିଥ୍ୟା ପ୍ରତିଶ୍ରୁତି ଦେଇ ଆର୍‌ଟିଜିଏସ୍ ମାଧ୍ୟମରେ ୨୦ଲକ୍ଷ ଟଙ୍କା ଅଗ୍ରିମ ନେଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଜମି ନ ଦେଇ ଦିନ ଗଡ଼ାଇ ଚାଲିଥିଲେ। ଟଙ୍କା ମାଗିଲେ ଧମକଚମକ ଦେଉଥିଲେ।

## ଜେଇଇ ମେନ୍-୨୦୨୬ରେ ଓଡିଏମ୍‌ର ସଫଳତା

### ୧୦ ଜଣ ହାସଲ କରିଛନ୍ତି ୯୯ ପର୍ସେଣ୍ଟାଇଲରୁ ଅଧିକ

**ଭୁବନେଶ୍ୱର,୧୭।୨ (ଅନୁରାଧା ମହାରଣା)**

ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି(ଏନ୍‌ଟିଏ) ଦ୍ୱାରା ପରିଚାଳିତ ସର୍ବଭାରତୀୟ ଜେଇଇ ମେନ୍ (ପର୍ଯ୍ୟାୟ-୧) - ୨୦୨୬ ପରୀକ୍ଷାରେ ପଟିଆସ୍ଥିତ ଓଡିଏମ୍ ପବ୍ଲିକ୍ ସ୍କୁଲ ଏବଂ ଓଡିଏମ୍ ଗ୍ଲୋବାଲ ସ୍କୁଲର ଛାତ୍ରୀଛାତ୍ରମାନେ କୃତିତ୍ୱ ହାସଲ କରିଛନ୍ତି। ଓଡିଏମ୍ ଶିକ୍ଷା ସମୂହସ୍ଥିତ ଓଡିଏମ୍ ପବ୍ଲିକ୍ ସ୍କୁଲର ଛାତ୍ର ଅର୍ମାନ୍ କମଲ୍ ପାତ୍ର (୯୯.୮୬୨) ପରସେଣ୍ଟାଇଲ୍ ରଖି ପ୍ରଥମ ସ୍ଥାନ ପାଇଥିଲାବେଳେ ବେଦାନ୍ତ ବର୍ମା (୯୯.୮୧୦) ଦ୍ୱିତୀୟ ସ୍ଥାନରେ, ସ୍ୱୟମ୍ ପ୍ରକାଶ ସେଠୀ (୯୯.୭୭୨) ତୃତୀୟ ସ୍ଥାନରେ ଅଛନ୍ତି। ଶ୍ରୀମାନ୍ ଅନୁଭବ ସାହୁ (୯୯.୭୩୯), ସୁବାଶିଷ ସାହୁ (୯୯.୫୦୩), ସ୍ନେହୀଲ୍ ରାଜ୍ (୯୯.୫୦୩), ସବେରା ପ୍ରଧାନ (୯୯.୪୭୨), ଆଦ୍ୟାଶା ମହାପାତ୍ର (୯୯.୩୭୫) ଏବଂ ଈଶାନ୍ ମହାପାତ୍ର (୯୯.୩୧୨) ପରସେଣ୍ଟାଇଲ୍ ପାଇଛନ୍ତି। ସେହିପରି ଓଡିଏମ୍ ଗ୍ଲୋବାଲ ସ୍କୁଲର ପ୍ରିୟାଂଶୁ ପ୍ରୀତମ୍ (୯୯.୧୪୯) ପରସେଣ୍ଟାଇଲ୍ ରଖିଛନ୍ତି। ଓଡିଏମ୍ ଶିକ୍ଷା-ସମୂହର ପ୍ରତିଷ୍ଠାତା ଡ. ସତ୍ୟବ୍ରତ ମୀନକେତନ, ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ସ୍ୱୟନ୍ ସତ୍ୟେନ୍ଦୁ, ଅନ୍ୟ ଅଧିକାରୀ ତଥା ଶିକ୍ଷୟିତ୍ରୀଶିକ୍ଷକ ଏହି ସଫଳତା ପାଇଁ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।



# କୃଷି ଖାଦ୍ୟ ପ୍ରଣାଳୀକୁ ପରିବର୍ତ୍ତନ ପାଇଁ ଏଆଇର ପ୍ରୟୋଗ

### ଓୟୁଏଟି ଏବଂ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ମଧ୍ୟରେ ଚୁକ୍ତି

**ଭୁବନେଶ୍ୱର,୧୭।୨ (ସୁଚିସ୍ମିତା ସାହୁ)**

କୃଷି ଖାଦ୍ୟ ପ୍ରଣାଳୀକୁ ପରିବର୍ତ୍ତନ କରିବା ପାଇଁ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ପ୍ରୟୋଗ ସଂକ୍ରାନ୍ତ ୨ଦିନିଆ କର୍ମଶାଳା ମଙ୍ଗଳବାର ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟରେ ଉଦ୍‌ଯାପିତ ହୋଇଯାଇଛି। କର୍ମଶାଳାରେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶ୍ୟାମସୁନ୍ଦର ପଟ୍ଟନାୟକ ଯୋଗଦେଇ କହିଛନ୍ତି, ବର୍ତ୍ତମାନ ସମୟରେ ସମସ୍ତେ କୃତ୍ରିମ ବୁଦ୍ଧିମତ୍ତା ଦିଗରେ ଜ୍ଞାନ ଆହରଣ ସହ ଏହାର ଠିକ୍ ବ୍ୟବହାର ନେଇ ସଜାଗ ରହିବା ଉଚିତ। କୃଷିଠୁ ଆରମ୍ଭ କରି ଶିକ୍ଷା, ବାଣିଜ୍ୟ, ବୈଷୟିକ କ୍ଷେତ୍ରରେ ଏହାର ସୁଫଳ ମାନବ ସମାଜକୁ ମିଳିପାରୁଛି। ପ୍ରତ୍ୟେକ ବର୍ଗର ବ୍ୟକ୍ତିଙ୍କ ପାଇଁ ସୁବିଧାଦାୟକ ସେବା ଯୋଗାଇବାରେ ଏଆଇ ସହାୟକ ହୋଇପାରିବ ବୋଲି ପ୍ରଫେସର ପଟ୍ଟନାୟକ ମତବ୍ୟକ୍ତ କରିଛନ୍ତି। ସେହିପରି ଓୟୁଏଟି କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ କହିଲେ, ପ୍ରଗତିଶୀଳ ବିଶ୍ୱରେ କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗ କୃଷିକ୍ଷେତ୍ରକୁ ମାର୍ଜିତ କରିବାରେ ସଫଳ ହୋଇପାରିଛି। ଖାଦ୍ୟ ଅମଳଠୁ ଆରମ୍ଭକରି ବିକ୍ରି ବ୍ୟବସ୍ଥା, ସଂରକ୍ଷଣ, ବଜାର ପ୍ରବେଶ, ରପ୍ତାନି ଆଦି କ୍ଷେତ୍ରରେ ମଧ୍ୟ ଚାଷୀଙ୍କୁ ଏଆଇ ସହଯୋଗ କରିପାରିବ ବୋଲି ରାଉଳ ପ୍ରକାଶ କରିଛନ୍ତି। ଆଗାମୀ ଦିନରେ ଓୟୁଏଟି ଏବଂ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ କୃତ୍ରିମ ବୁଦ୍ଧିମତ୍ତା ଦିଗରେ ଆହୁରି ବିକଶିତ ପନ୍ଥା ହାତକୁ ନେବା ପାଇଁ ଉଭୟ ବିଶ୍ୱବିଦ୍ୟାଳୟ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହି କାର୍ଯ୍ୟକ୍ରମ ସମ୍ପର୍କରେ ପିଜିଏଫ୍-କମ୍-ଡିଆର୍‌ଆଇ ଅଧକ୍ଷ ପ୍ରଫେସର ଚନ୍ଦ୍ରମଣି ଖଣ୍ଡା ବିସ୍ତୃତ ସୂଚନା ଦେଇଥିଲେ। କୃଷି ଯାନ୍ତ୍ରିକ ଓ ବୈଷୟିକ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଅମ୍ବିକା ପ୍ରସାଦ ସାହୁ ସ୍ୱାଗତ ଭାଷଣ ଏବଂ ପ୍ରଫେସର ଏସ୍. କେ. ରାଉଳ ଧନ୍ୟବାଦ ଦେଇଥିଲେ।



ଓୟୁଏଟିରେ ଆୟୋଜିତ ଏଆଇର ପ୍ରୟୋଗ ସଂକ୍ରାନ୍ତ କର୍ମଶାଳାରେ ଉପସ୍ଥିତ ଅତିଥି।

## ୯ ଦିନ ହେଲା ନିଖୋଜ ନାବାଳକଙ୍କ ପତ୍ତା ମିଳୁନି

### ରେଳଷ୍ଟେଶନ ଓ ବସ୍‌ଷ୍ଟାଣ୍ଡରେ ପୋଷ୍ଟର ଲଗାଇଲା ପୋଲିସ

**ଭୁବନେଶ୍ୱର,୧୭।୨(ତ୍ରିନାଥ ମହାନ୍ତି)**

ଶାନ୍ତିପଲ୍ଲୀ ବସ୍ତିରୁ ୧୧ ବର୍ଷୀୟ ଦିଲୀପ ଶବର ଗତ ୯ ଦିନ ହେବ କେଉଁଆଡ଼େ ନିଖୋଜ ହୋଇଯାଇଛନ୍ତି। ତାଙ୍କ ପରିବାର ଲୋକେ ଖୋଜାଖୋଜି କରି ନିରାଶ ହେବା ପରେ ଶହୀଦନଗର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ନିଖୋଜ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ମଙ୍ଗଳବାର ଶହୀଦନଗର ପୋଲିସର ଅନୁରୋଧ କ୍ରମେ ଜିଆର୍‌ପି ପକ୍ଷରୁ ଭୁବନେଶ୍ୱର ରେଳଷ୍ଟେଶନ ଓ ବସ୍‌ଷ୍ଟାଣ୍ଡରେ ଦିଲୀପଙ୍କ ଫଟୋ ଲଗାଯାଇଛି। କେହି ବ୍ୟକ୍ତି ଦିଲୀପଙ୍କ ବିଷୟରେ ସୂଚନା ପାଇଲେ ପ୍ରଦତ୍ତ ଫୋନ୍ ନମ୍ବରରେ ଯୋଗାଯୋଗ କରିବାକୁ କୁହାଯାଇଛି।

ଶାନ୍ତିପଲ୍ଲୀ ବସ୍ତିରେ ଦିଲୀପ ତାଙ୍କ ମା'ଙ୍କ ସହିତ ରୁହନ୍ତି। ସେ ବେଳେବେଳେ ଦୁଷ୍ଟ ହେଉଥିବାରୁ ମା' ଗାଳି କରିଥାନ୍ତି। ଗତ ୯ ତାରିଖରେ ମା' କାମ କରିବା ପାଇଁ ବାହାରକୁ ଯାଇଥିଲେ। ଏହି ସମୟରେ ଦିଲୀପ କେଉଁଆଡ଼େ ଚାଲିଯାଇଥିଲେ। ମା' ଘରକୁ ଫେରି ତାଙ୍କୁ ନ ପାଇବାରୁ ଗତ ୧୦ ତାରିଖରେ ଥାନାରେ ଏତଲା ଦେଇଥିଲେ। ଶହୀଦନଗର ଥାନା ପକ୍ଷରୁ ସମସ୍ତ ଜିଲା ପୋଲିସକୁ ଅବଗତ କରାଯିବା ସହ ନାବାଳକ ମିସିଂ ପୋର୍ଟାଲରେ ଅପଲୋଡ୍ କରାଯାଇଛି। ଏ ସଂକ୍ରାନ୍ତରେ ରାଜ୍ୟ ବାହାରର ଜିଆର୍‌ପି ଏବଂ ଆର୍‌ପିଏଫ୍‌କୁ ଅବଗତ କରାଯିବା ସହ ଦିଲୀପଙ୍କ ଫଟୋ ପଠାଯାଇଛି। ସେ ଟ୍ରେନ୍ କିମ୍ବା ବସ୍ ଯୋଗେ ରାଜ୍ୟ ବାହାରକୁ ପଳାଇଥିବା ପୋଲିସ ସନ୍ଦେହ କରୁଛି।

# ଜେଇଇ ମେନ୍‌ରେ ଆଲେନ ଛାତ୍ର ଭବେଶ ଓଡ଼ିଶା ଟପ୍ପର




ଆଲେନ କ୍ୟାରିୟର ଇନ୍‌ଷ୍ଟିଚ୍ୟୁଟ୍ ଭୁବନେଶ୍ୱରର କେନ୍ଦ୍ର ମୁଖ୍ୟ ରଜନୀଶ ଶ୍ରୀବାସ୍ତବ ଏବଂ ଅନ୍ୟ ଅଧ୍ୟାପକଙ୍କ ସହ ଭବେଶ ପାତ୍ର।

**ଭୁବନେଶ୍ୱର,୧୭।୨ (ସୁଚିସ୍ମିତା ସାହୁ)**

ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନଟିଏ) ପକ୍ଷରୁ ଜେଇଇ ମେନ-୨୦୨୬ ଜାନୁଆରୀ ଅଧିବେଶନର ଫଳ ସୋମବାର ପ୍ରକାଶ ପାଇଛି। ଜେଇଇ ମେନ୍ ପରୀକ୍ଷାରେ ୧୨ ଜଣ ଛାତ୍ରୀଛାତ୍ର ୧୦୦ ଏନ୍‌ଟିଏ ସ୍କୋର ହାସଲ କରିଛନ୍ତି। ସେମାନଙ୍କ ମଧ୍ୟରୁ ଆଲେନ ଭୁବନେଶ୍ୱରର ଛାତ୍ର ଭବେଶ ପାତ୍ର ୧୦୦ ପର୍ସେଣ୍ଟାଇଲ ହାସଲ କରି ଓଡ଼ିଶା ଟପ୍ପର ହୋଇଛନ୍ତି। ଆଲେନ କ୍ୟାରିୟର ଇନ୍‌ଷ୍ଟିଚ୍ୟୁଟ୍ ଭୁବନେଶ୍ୱରର କେନ୍ଦ୍ର ମୁଖ୍ୟ ରଜନୀଶ ଶ୍ରୀବାସ୍ତବ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀ କରି କହିଛନ୍ତି ଯେ, ଭବେଶ ଆଲେନ ଭୁବନେଶ୍ୱରର ଜଣେ ୫ ବର୍ଷିଆ କ୍ଲାସରୁମ୍ ଛାତ୍ର। ସେ ୧୦୦ ପର୍ସେଣ୍ଟାଇଲ ସ୍କୋର ସହ ଓଡ଼ିଶାରେ ଶ୍ରେଷ୍ଠ ସ୍ଥାନ ହାସଲ କରିଛନ୍ତି। ଏଥିସହ ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ୯୯ରୁ ଅଧିକ ପର୍ସେଣ୍ଟାଇଲ ହାସଲ କରିଥିବା ଆଶା କରାଯାଉଛି। ୪୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ୯୦ ପର୍ସେଣ୍ଟାଇଲରୁ ଅଧିକ ହାସଲ କରିଥିବା ଆମେ ଆଶା କରୁଛୁ ବୋଲି ଶ୍ରୀବାସ୍ତବ ପ୍ରକାଶ କରିଛନ୍ତି।

ଜାତୀୟ ଫଳ ସମ୍ପର୍କରେ ଆଲେନ କ୍ୟାରିୟର ଇନ୍‌ଷ୍ଟିଚ୍ୟୁଟ୍‌ର ସିଇଓ ନୀତିନ କୁକରେଜା କହିଛନ୍ତି, ୧୨ ଜଣ ଛାତ୍ରୀଛାତ୍ର ୧୦୦ ପର୍ସେଣ୍ଟାଇଲ ରଖିଥିବା ଘୋଷଣା କରାଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ୮ଜଣ ଛାତ୍ରୀଛାତ୍ର ଆଲେନର ରହିଛନ୍ତି। ଏଥିସହ ୧୮ଟି ରାଜ୍ୟର ଟପ୍ପର ମଧ୍ୟ ଆଲେନ କ୍ୟାରିୟର ଇନ୍‌ଷ୍ଟିଚ୍ୟୁଟ୍‌ର ଛାତ୍ରୀଛାତ୍ର। ୨୦୨୬ର ପ୍ରଥମ ପ୍ରମୁଖ ପରୀକ୍ଷାଫଳ ଭାବେ ଆଲେନର କୋଟା କ୍ଲାସରୁମ୍ ଛାତ୍ର କବୀର ଛିଲର ଶ୍ରେଷ୍ଠ ସ୍କୋର କରିଛନ୍ତି। ୧୦୦ ପର୍ସେଣ୍ଟାଇଲ ସହିତ କବୀର ୩୦୦ରୁ ୩୦୦ ମାର୍କ ରଖିଛନ୍ତି। ତାଙ୍କ ସହିତ କ୍ଲାସରୁମ କାର୍ଯ୍ୟକ୍ରମର ଛାତ୍ର ଅର୍ଣ୍ଣବ ଗୌତମ, ଶୁଭମ କୁମାର, ଭବେଶ ପାତ୍ର, ଅନୟ ଜୈନ, ନିମୟ ପୁରୋହିତ ଓ ଚିରଞ୍ଜିବୀ କର ୧୦୦ ୧୦୦ ପର୍ସେଣ୍ଟାଇଲ ରଖିଥିବା ଘୋଷଣା କରାଯାଇଛି। ଆଲେନ ଅନ୍‌ଲାଇନ ରେକର୍ଡେଡ ଓ ଟେଷ୍ଟ ସିରିଜର ଛାତ୍ର ଶ୍ରେୟସ ମିଶ୍ର ୧୦୦ ପର୍ସେଣ୍ଟାଇଲ ହାସଲ କରିଛନ୍ତି।

### 'କଠିନ ପରିଶ୍ରମ, ଉପଯୁକ୍ତ ମାର୍ଗଦର୍ଶନ ପାଇଁ ସଫଳତା ମିଳିଛି'

କଠିନ ପରିଶ୍ରମ, ଶୃଙ୍ଖଳା ଓ ଉପଯୁକ୍ତ ମାର୍ଗଦର୍ଶନ ପାଇଁ ସେ ନିଜର ଲକ୍ଷ୍ୟ ହାସଲ କରିପାରିଛନ୍ତି ବୋଲି ଭବେଶ ପାତ୍ର କହିଛନ୍ତି। ସେ ଜେଇଇ ପାଇଁ ଆଗୁଆ ପ୍ରସ୍ତୁତି ଆରମ୍ଭ କରିଥିଲେ। ଗତ ୫ବର୍ଷ ଧରି ସେ ଆଲେନର ଛାତ୍ର ଥିଲେ। ନିୟମିତ କ୍ଲାସ କରିବା ସହ ଫାକଲ୍‌ଟିମାନେ ଦେଉଥିବା ପାଠକୁ ମନଦେଇ ପଢୁଥିଲେ। ନିଜ ଦୁର୍ବଳତାକୁ ଚିହ୍ନଟ କରି ସେଥିରେ ଉନ୍ନତି ଆଣିବା ଏବଂ ସମୟକୁ ଉପଯୁକ୍ତ ଭାବେ ପରିଚାଳନା କରି ପାଠ ପଢ଼ିବା ଉପରେ ସେ ଗୁରୁତ୍ୱ ଦେଉଥିଲେ। ମୋବାଇଲ ବ୍ୟବହାରଠାରୁ ଦୂରେଇ ରହୁଥିଲେ। କେବଳ ପରୀକ୍ଷା ସମ୍ବନ୍ଧୀୟ ତଥ୍ୟ ଜାଣିବା ପାଇଁ ମୋବାଇଲକୁ ବ୍ୟବହାର କରୁଥିଲେ ବୋଲି ସେ କହିଛନ୍ତି। ପୂର୍ବରୁ ସେ ଦଶମଶ୍ରେଣୀରେ ୯୭.୬ ପ୍ରତିଶତ ନମ୍ବର ରଖିଥିଲେ। ଭାରତର ଏକ ସମ୍ମାନଜନକ ଆଇଆଇଟିରେ ବି.ଟେକ୍ ପାଠ୍ୟକ୍ରମରେ ନାମ ଲେଖାଇବା ସେ ଇଚ୍ଛା ରଖି ଜେଇଇ ଆଡ୍‌ଭାନ୍ସଡ ପାଇଁ ପ୍ରସ୍ତୁତି ହେଉଛନ୍ତି ବୋଲି ଭବେଶ ଏହି ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି।

GOVERNMENT OF ODISHA
E-mail: rwd.bonai@yahoo.com

**OFFICE OF THE EXECUTIVE ENGINEER, RURAL WORKS DIVISION, BONAI**

No. 25001/186/2526

TENDER CALL NOTICE

BID IDENTIFICATION NO. ONLINE-EEBNI-08 of 2025-26

1. Name of the Work : Road Works
2. Total No. of Works : 03 (Three) Nos.
3. Estimated Cost : Rs.5.45 - 21.89 lakhs
4. Class of Contractor : "B", "C" & "D" Class
5. Period of Completion : 01 (One) Month
6. Type of Tender : Single Cover
7. Other details :

| Procurement Officer | Bid Identification No. | Availability of Tender Online for Bidding | | Last date & time of seeking tender clarification | Date & time of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Bonai | Online - EEBNI-08 of 2025-26 | 19.02.2026 from 05.00 P.M. | 26.02.2026 upto 5.00 P.M. | 25.02.2026 upto 5.00 P.M. | 27.02.2026 11.00 A.M. |

Further details can be seen from the website **www.tendersorissa.gov.in** & for more information please visit the office.

OIPR-25001/25200/1/25-26/0002
Sd./- Executive Engineer, R.W. Division, Bonai

GOVT. OF ODISHA
E-Mail: eerw_anandapur@yahoo.co.in

**OFFICE OF THE SUPERINTENDING ENGINEER, RURAL WORKS DIVISION, ANANDAPUR**

NOTICE INVITING TENDER

NATIONAL COMPETITIVE BIDDING THROUGH e-PROCUREMENT NOTICE
Online - 17/EE/RW/AND/2025-26
Annual Maintenance Plan of Rural Roads under Administrative Expenditure

No. 952
Date: 16.02.2026

No. 25001/185/2526: Executive Engineer, Rural Works Division, Anandapur on behalf of Government of Odisha invites PERCENTAGE (%) RATE tender for Annual Maintenance Plan of Rural Roads through e-Procurement as per annexure. The bid should be submitted Online in the website **www.tendersorissa.gov.in** by eligible class of contractors having legal competency & expertise, registered with the State Government & contractors of equivalent grades/class registered with Central Govt./MES/Railways for execution of only Civil works. The bidders should have necessary Portal Enrollment (with his own Digital Signature Certificate). The registered bidders of outside Odisha can also participate in this process, after necessary Portal Enrollment, but shall have to subsequently undergo registration with the appropriate authority of the State Government before award of the work.

| Procurement Officer | Bid Identification No. | Availability of Tender Online for Bidding | | Last date & time of seeking tender clarification | Date & time of opening of tender in O/o. the S.E., R.W. Division, Anandapur |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, R.W. Division, Anandapur | NCB-Online 17/EE/RW/AND/2025-26 | 20.02.2026 at 10.00 A.M. | 25.02.2026 upto 5.00 P.M. | 24.02.2026 upto 5.00 P.M. | 26.02.2026 at 11.30 A.M. |

OIPR-25001/25055/1/25-26/0015
Sd./- Executive Engineer, R.W. Division, Anandapur



ମଙ୍ଗଳବାର ଭିଆଇପି ରୋଡ଼ସ୍ଥିତ ଏକ ହୋଟେଲ ପରିସରରେ ପୁରୀ ଜିଲା ଯୁବ କଂଗ୍ରେସର କାର୍ଯ୍ୟକାରିଣୀ ବୈଠକ ।



ପୁରୀ ଅନପୂର୍ଣ୍ଣା ରଙ୍ଗମଞ୍ଚରେ ଅନୁଷ୍ଠିତ କିଡ୍ସ ପବ୍ଲିକ୍ ସ୍କୁଲର ବାର୍ଷିକୋତ୍ସବରେ ପୁରସ୍କୃତ ଶିଶୁମାନେ । (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୭।୨।୨୦୨୬

| | |
|---|---|
| ୪,୬୦,୪୨୮ ଟଙ୍କା | |
| ସୁନା | ୯୦ ମିଲି ଗ୍ରାମ୍ |
| ରୁପା | ୨୭.୩୦୦ ଗ୍ରାମ୍ |

## ସଂକ୍ଷେପରେ

### ଅତିରିକ୍ତ ଜିଲାପାଳଙ୍କ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ ପରିଦର୍ଶନ

ପୁରୀ,୧୭।୨(ଅଜିତ୍ କୁମାର ମହାନ୍ତି)

ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ବ୍ରହ୍ମଗିରି ବିଡିଓ ମନୀଷା ଷଡ଼ଙ୍ଗୀ ଓ ସହକାରୀ ନିର୍ବାହୀ ଯନ୍ତ୍ରୀ ମଙ୍ଗଳବାର ଅପରାହ୍ନରେ ବ୍ରହ୍ମଗିରି ବ୍ଲକର ମୋଟ ଏବଂ ସାତିକପୁର ଗ୍ରାମ ପରିଦର୍ଶନ କରିଥିଲେ। ଏହି ଗସ୍ତ ସମୟରେ ସାତିକପୁରର ବହୁମୁଖୀ ସାଇକ୍ଲୋନ ଆଶ୍ରୟସ୍ଥଳ ବା ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳର ମରାମତି କାର୍ଯ୍ୟ ଯାଞ୍ଚ କରିଥିଲେ। ଏଥିସହ ସୁନାମି ମୁକାବିଲା ପାଇଁ ପ୍ରସ୍ତୁତ ଚିହ୍ନଟ କାର୍ଯ୍ୟକ୍ରମ ଦ୍ୱିତୀୟ ପର୍ଯ୍ୟାୟ ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟକଳାପର ସମୀକ୍ଷା କରିଥିଲେ। ପରେ ବେହେରା ସୁନାମି ସଚେତନତା ସମ୍ପର୍କରେ ସମ୍ପ୍ରଦାୟ ସଦସ୍ୟ, ଗ୍ରାମବାସୀ ଏବଂ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା ଏବଂ ମୋଟ ଗ୍ରାମରେ ସୁନାମି ସାଇନେଜ୍ ସ୍ଥାପନ ମଧ୍ୟ ଯାଞ୍ଚ କରିଥିଲେ।

### ନୋଡାଲ୍ ସେଣ୍ଟରରେ ପହଞ୍ଚିଲା ମାଟ୍ରିକ୍ ପ୍ରଶ୍ନପତ୍ର

କଣାସ,୧୭।୨(ବିଭୂତି ଭୂଷଣ ତ୍ରିପାଠୀ)

ଆସନ୍ତା ୧୯ରେ ମାଧ୍ୟମିକ ଶିକ୍ଷା ବୋର୍ଡ ପକ୍ଷରୁ ମାଟ୍ରିକ୍ ପରୀକ୍ଷା ଆରମ୍ଭ ହେଉଥିବାରୁ କଣାସ ସରକାରୀ ଉଚ୍ଚ ବିଦ୍ୟାଳୟ ନୋଡାଲ୍ କେନ୍ଦ୍ରରେ ସୋମବାର ପ୍ରଶ୍ନପତ୍ର କଡ଼ା ସୁରକ୍ଷା ମଧ୍ୟରେ ପହଞ୍ଚିଛି। କଣାସ ବ୍ଲକର ୧୪ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେବାକୁ ଥିବା ୨,୩୮୭ ଜଣ ରେଗୁଲାର ପରୀକ୍ଷାର୍ଥୀ ଏବଂ ୨୨୨ ଜଣ ଓପନ ସ୍କୁଲ ପରୀକ୍ଷାର୍ଥୀ, ୮ ଜଣ ମଧ୍ୟମା ପରୀକ୍ଷାର୍ଥୀଙ୍କ ପାଇଁ ପ୍ରଶ୍ନପତ୍ର କଡ଼ା ସୁରକ୍ଷା ମଧ୍ୟରେ ଆସି ପହଞ୍ଚିଥିବା ଏବଂ କଡ଼ା ସୁରକ୍ଷା ମଧ୍ୟରେ ରଖାଯାଇଥିବା ସୁପରିଣ୍ଟେଣ୍ଡେଣ୍ଟ ସୁଲେଖା ମହାପାତ୍ରଙ୍କଠାରୁ ପ୍ରକାଶ। ଏହି କେନ୍ଦ୍ରରୁ ପରୀକ୍ଷାର ଏକ ଘଣ୍ଟା ପୂର୍ବରୁ ପ୍ରଶ୍ନପତ୍ରଗୁଡ଼ିକ ୩ଟି ଡେସ୍‌ପାଚ ଦଳ ମାଧ୍ୟମରେ ମହନ୍ତ ବନମାଳୀ ଦାସ ଉଚ୍ଚ ବାଳିକା ବିଦ୍ୟାଳୟ, ତିପୁରୀ ଉଚ୍ଚ ବିଦ୍ୟାଳୟ, ତ୍ରିଲୋଚନପୁର ଉଚ୍ଚ ବିଦ୍ୟାଳୟ, ଗଡ଼ସାନପୁଟ ଉଚ୍ଚ ବିଦ୍ୟାଳୟ, କଣାସ ସରକାରୀ ଉଚ୍ଚ ବିଦ୍ୟାଳୟ, ଜଙ୍କିଆ ଗଡ଼ସାହି ବିଦ୍ୟାନିକେତନ, ଆଞ୍ଚଳିକ ଗୌରଚନ୍ଦ୍ର ବିଦ୍ୟାପୀଠ, ଶ୍ରୀ ଅଭିରାମ ବିଦ୍ୟାପୀଠ, ଗୋପୀନାଥ ଉଚ୍ଚ ବିଦ୍ୟାଳୟ, ଦୁର୍ଗାଦେବୀ ଉଚ୍ଚ ବିଦ୍ୟାଳୟ, ଭିକାରୀ ଚରଣ ବିଦ୍ୟାନିକେତନ, ଜେ. ବି. ଉଚ୍ଚ ବିଦ୍ୟାଳୟ, କୁଳମଣି ବିଦ୍ୟାପୀଠରେ ପହଞ୍ଚିବାର ବ୍ୟବସ୍ଥା କରାଯାଇଛି। ପରୀକ୍ଷା ପରେ ଖାତାଗୁଡ଼ିକୁ ସୁରକ୍ଷିତ ଭାବେ ନୋଡାଲ କେନ୍ଦ୍ରକୁ ଅଣାଯିବା ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା ସୁପରିଣ୍ଟେଣ୍ଡେଣ୍ଟଙ୍କଠାରୁ ପ୍ରକାଶ ପାଇଛି।

# ଥାନା ଘେରିଲେ, ରାଜପଥରେ ବସିଲେ ମହିଳା

- ଗ୍ରାମ ଦେବୀଙ୍କ ମନ୍ଦିର ବିବାଦ, ୪ ଗିରଫ
- ଦେବୀ ପ୍ରତିମା ଚୋରି, ମନ୍ଦିରରେ ନିଆଁ ଲଗାଇବା ଅଭିଯୋଗ

ସାକ୍ଷୀଗୋପାଳ,୧୭।୨(କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)



ଧାରଣାରତ ମହିଳାମାନେ ।

ସତ୍ୟବାଦୀ ଥାନା ଅନ୍ତର୍ଗତ ମୂଳଅଳସା ପଞ୍ଚାୟତ ଅନ୍ତର୍ଗତ ତେନ୍ତୁଳିଆ ଓ ବଗୁଲାପାରି ଗ୍ରାମବାସୀଙ୍କ ମଧ୍ୟରେ ମା' ନାରାୟଣୀଙ୍କ ମନ୍ଦିରରେ ପୂଜାର୍ଚ୍ଚନାକୁ ନେଇ ଲାଗି ରହିଥିବା ବିବାଦ ଥମିବାର ନାଁ ଧରୁନି। ଦୁଇ ଗ୍ରାମବାସୀଙ୍କ ମଧ୍ୟରେ ସୋମବାର ସନ୍ଧ୍ୟାରେ ଗୋଷ୍ଠୀ ସଂଘର୍ଷରେ ତେନ୍ତୁଳିଆ ଗ୍ରାମର ମହିଳା, ଶିଶୁ ଓ ପୁରୁଷଙ୍କ ସହିତ ୧୧ଜଣ ଆହତ ହୋଇ ସାକ୍ଷୀଗୋପାଳ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ସେପଟେ ତେନ୍ତୁଳିଆ ଗ୍ରାମବାସୀଙ୍କ ଅଭିଯୋଗକ୍ରମେ ସତ୍ୟବାଦୀ ଥାନାରେ କେସ୍ ନଂ.୬୮/୨୦୨୫ରେ ଏକ ମାମଲା ରୁଜୁ କରିଥିଲେ। ଅଭିଯୁକ୍ତଙ୍କ ମଧ୍ୟରୁ ବଗୁଲାପାରି ଗ୍ରାମର ସୌମ୍ୟରଞ୍ଜନ ସୁକାରୀ (୧୯), ପ୍ରକାଶ ସୁକାରୀ (୪୦), ଆଶିଷ ସୁକାରୀ (୨୬) ଓ ବେଣୁ ଶାସମଲ (୫୦)ଙ୍କୁ ଗିରଫ କରାଯାଇଛି। ମଙ୍ଗଳବାର ସେମାନଙ୍କୁ ପୋଲିସ କୋର୍ଟଚାଲାଣ କରିଥିବା ବେଳେ ବଗୁଲାପାରୀ ଗ୍ରାମର ଶତାଧିକ ମହିଳା ତେନ୍ତୁଳିଆ ଗ୍ରାମର ନିଲୁ ଭଞ୍ଜ, ନିଲୁ ବେହେରା, ରଜନୀ ସାହୁ, କୈଳାସ ସାହୁ ଓ ଅନ୍ୟମାନଙ୍କ ବିରୋଧରେ ପାଲଟା ଅଭିଯୋଗ କରିଥିଲେ। ମନ୍ଦିରରୁ ଦେବୀ ପ୍ରତିମାଙ୍କୁ ଚୋରି ସହ ମନ୍ଦିରରେ ନିଆଁ ଲଗାଇଦେବା ଭଳି ଅଭିଯୋଗ ନେଇ ସତ୍ୟବାଦୀ ଥାନାରେ ପହଞ୍ଚି କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ସକାଳେ ମନ୍ଦିରକୁ ଫୁଲ ନେଇ ଯାଇଥିଲେ, ମାତ୍ର ଆସ୍ଥାନରେ ନାରାୟଣୀଙ୍କ ପ୍ରତିମୂର୍ତ୍ତି ନ ଥିବା ସେମାନେ ପୋଲିସକୁ କହିଥିଲେ।

ସେହିପରି ପୂର୍ବାହ୍ନରେ କୌଣସି କାରଣରୁ ଆକସ୍ମିକ ଅଗ୍ନିକାଣ୍ଡ ଘଟି ମନ୍ଦିର କବାଟ ଓ ଝରକାରେ ନିଆଁ ଲାଗି ଯାଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ମୁତୟନ ହୋଇଥିବା ପୋଲିସ କର୍ମଚାରୀ ପାଣି ଓ ବାଲି ପକାଇ ନିଆଁକୁ ଆୟତ୍ତ କରିଥିଲେ। ଏହି ଅଗ୍ନିକାଣ୍ଡରେ ମନ୍ଦିର କବାଟ ଓ ଝରକା କ୍ଷତିଗ୍ରସ୍ତ ହୋଇଛି। ଖବରପାଇ ସାକ୍ଷୀଗୋପାଳ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ପୋଲିସ ଗିରଫ ଭୟରେ ବଗୁଲାପାରି ଗ୍ରାମ ପୁରୁଷଶୂନ୍ୟ ହୋଇଛି। ସତ୍ୟବାଦୀ ପୋଲିସ ଏତଲା ଗ୍ରହଣ କରୁନାହାନ୍ତି ଓ ଏକପାଖିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ବୋଲି ସତ୍ୟବାଦୀ ଥାନାରେ ଧାରଣା ଦେଇଥିଲେ। ବଗୁଲାପାରି ଗ୍ରାମର କନକଲତା ବରାଳ, ସଜନୀ ଶାସମଲ ଓ ଶାନ୍ତିଲତା ପ୍ରଧାନଙ୍କ ସମେତ ଶତାଧିକ ମହିଳା ଏକତ୍ରିତ ହୋଇ ସତ୍ୟବାଦୀ ଥାନା ସମ୍ମୁଖରେ ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥ ଅବରୋଧ କରିଥିଲେ। ସତ୍ୟବାଦୀ ଆଇଆଇସି ସୌମ୍ୟ ରଞ୍ଜନ ମହାଳିକ ମହିଳାଙ୍କୁ ବୁଝାଶୁଝା କରି ପ୍ରତିଶ୍ରୁତି ପ୍ରଦାନ କରିବା ପରେ ରାଜପଥ ଅବରୋଧ ପ୍ରତ୍ୟାହାର କରି ମହିଳାମାନେ ଥାନା ପରିସରରେ ଧାରଣାରେ ବସିଥିଲେ। ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀ ମହିଳାଙ୍କ ସହିତ ଆଲୋଚନା କରିବା ସହ ଥାନା ଆଇଆଇସି ସୌମ୍ୟ ରଞ୍ଜନ ମହାଳିକଙ୍କ ସହିତ ଆଲୋଚନା କରିଥିଲେ। ଉଭୟ ଗ୍ରାମର ମୁରବୀ, ସରପଞ୍ଚ, ସମିତିସଭ୍ୟ ଓ ପ୍ରଶାସନିକ ଅଧିକାରୀଙ୍କ ସହଯୋଗରେ ଉଭୟ ଗ୍ରାମର ଏହି ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ଉଦ୍ୟମ କରାଯିବ ବୋଲି ଅଧ୍ୟକ୍ଷ ପଣ୍ଡା ମହିଳାଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ଉଭୟ ଗ୍ରାମରେ ପୋଲିସ ମୁତୟନ କରାଯାଇଛି ଏବଂ ସ୍ଥାୟୀ ସମାଧାନ ଓ ଶାନ୍ତି ପ୍ରତିଷ୍ଠା ନିମନ୍ତେ ପ୍ରଶାସନ ପକ୍ଷରୁ ଉଦ୍ୟମ କରାଯାଉଛି ବୋଲି ଆଇଆଇସି ମହାଳିକ କହିଛନ୍ତି।

# ୬ ଗୃହରେ ପରୀକ୍ଷା ଦେବେ ୪୩୮ ଛାତ୍ରୀଛାତ୍ର

- ଆଜି +୨ ପରୀକ୍ଷା, ସିସିଟିଭି କ୍ୟାମେରାକୁ ନେଇ ଉଠିଲା ପ୍ରଶ୍ନ
- ସିସିଟିଭି ଯାଞ୍ଚ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି

ଗୋପ,୧୭।୨(ଭାରତୀ ଭୂଷଣ ଉପାଧ୍ୟାୟ)

ଆଜିଠାରୁ +୨ ପରୀକ୍ଷା ଆରମ୍ଭ ହେଉଥିବା ବେଳେ ପୁରୀ ଜିଲାର ଗୋପ କଲେଜରେ ଅବ୍ୟବସ୍ଥା ଦେଖାଦେଇଛି। ସରକାର +୨ ପରୀକ୍ଷାରେ ସିସିଟିଭି କ୍ୟାମେରା ବାଧ୍ୟତାମୂଳକ ଲଗାଯିବା ସହିତ କପି ରୋକିବା ପାଇଁ ସମସ୍ତ ବ୍ୟବସ୍ଥା ଉପରେ ମଧ୍ୟ ଗୁରୁତ୍ୱ ଦେଇଛନ୍ତି। ହେଲେ ଗୋପ ମହାବିଦ୍ୟାଳୟରେ ଲାଗିଥିବା ସିସିଟିଭିରେ ଭଲ ଦୃଶ୍ୟମାନ ହେଉ ନ ଥିବା ବେଳେ ଶୃଙ୍ଖଳିତ ପରୀକ୍ଷାକୁ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ପ୍ରକାଶ ଯେ, ଗୋପ ମହାବିଦ୍ୟାଳୟ ବିଭିନ୍ନ ସମସ୍ୟା ଦେଇ ଗତି କରୁଥିବା ଭଳି ଅଭିଯୋଗ ହେଉଥିଲା। ଏପରିକି ଛାତ୍ରୀଛାତ୍ର କଲେଜକୁ ନ ଆସିବା, ଠିକ ସମୟରେ ବିଭିନ୍ନ ବିଭାଗର ଅଧ୍ୟାପକ ଅଧ୍ୟାପିକାମାନେ କଲେଜକୁ ନ ଆସିବା ଠିକ ଭାବେ କ୍ଲାସ ନ କରିବା, କଲେଜରେ ବାର୍ଷିକ ଉତ୍ସବ ପାଳନ ନ ହେବା ସହ ବାର୍ଷିକ କଲେଜ ପତ୍ରିକା ବଣ୍ଟନ ନ ହେବା ଭଳି ଅନେକ ସମସ୍ୟା ସୃଷ୍ଟି ହୋଇଥିଲା। ଏଭଳି ଅଭିଯୋଗ ଉପରେ ରାଜ୍ୟ ସରକାରଙ୍କ ସହିତ ପରିଚାଳନା କମିଟି ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବା ନେଇ ପୁରାତନ ଛାତ୍ର ସଂସଦର ଛାତ୍ରମାନେ ବିଭାଗୀୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ମଧ୍ୟ ଅଭିଯୋଗ କରିଥିଲେ। ଏଭଳି ପରିସ୍ଥିତି ଉପୁଜିଥିବା ବେଳେ ବୁଧବାର ଗୋପ ମହାବିଦ୍ୟାଳୟରେ ମହାବିଦ୍ୟାଳୟର ୩୭୪ଜଣ ଛାତ୍ରୀଛାତ୍ର ଓ ଚାରିଛକସ୍ଥିତ ଘରୋଇ ସରସ୍ୱତୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୬୪ ଜଣ ଛାତ୍ରୀଛାତ୍ର +୨ ପରୀକ୍ଷା ଦେଉଥିବା ବେଳେ ସିସିଟିଭି କ୍ୟାମେରା ଉପରେ ମୁଖ୍ୟତଃ ଗୁରୁତର ଅଭିଯୋଗ ହୋଇଛି। କଲେଜରେ ଲାଗିଥିବା ସିସିଟିଭି କ୍ୟାମେରାଗୁଡ଼ିକ ଠିକ ଭାବେ ଦୃଶ୍ୟମାନ ହେଉ ନ ଥିବା, ୬ ଗୋଟି ଗୃହରେ ଆବଶ୍ୟକତା ଅନୁସାରେ ସିଟ୍‌ରେ ଛାତ୍ରୀଛାତ୍ରମାନେ ବସି ପରୀକ୍ଷା ଦେଇପାରୁ ନ ଥିବା ଭଳି ଅଭିଯୋଗ ହୋଇଛି। ଏହି ଅଭିଯୋଗ ଉପରେ ପୁରାତନ ଛାତ୍ର ସଂସଦର ଛାତ୍ରମାନେ ନୂଆକରି ଯୋଗ ଦେଇଥିବା କଲେଜ ଅଧ୍ୟକ୍ଷା ଜ୍ୟୋସ୍ନାରାଣୀ ପଟ୍ଟନାୟକଙ୍କୁ ପୂର୍ବରୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ଯାଇ ନ ଥିବା ଦେବାଶିଷ ସାହୁ, ଧୋନିକାନ୍ତ ପଣ୍ଡା, ଅଭିଶେକ ଜେନା ପ୍ରମୁଖ କହିଛନ୍ତି। ଅଭିଯୋଗ ଅନୁସାରେ ଗୋପ ମହାବିଦ୍ୟାଳୟର ଅଧ୍ୟକ୍ଷା ପଟ୍ଟନାୟକଙ୍କୁ ପଚାରିବାରେ ସିସିଟିଭି କ୍ୟାମେରା ଠିକ ଭାବରେ ରହିଛି। ହେଲେ ନୂତନ ଗୃହ ନିର୍ମାଣ ହେଉଥିବାରୁ କେତେକ ସିସିଟିଭି କ୍ୟାମେରା ତାର ଖରାପ ରହିଥିବାରୁ ବାରମ୍ବାର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଯାଇଛି। ମାତ୍ର+୨ ପରୀକ୍ଷା ଶୃଙ୍ଖଳିତ ଭାବେ ହେବ ବୋଲି ଅଧ୍ୟକ୍ଷା କହିଛନ୍ତି।

## ୮ କେନ୍ଦ୍ରରେ ୧,୬୧୯ ପରୀକ୍ଷାର୍ଥୀ

- ସିସିଟିଭି ନଜରରେ ରହିବ ପରୀକ୍ଷା କେନ୍ଦ୍ର

କାକଟପୁର/ଅସ୍ତରଙ୍ଗ,୧୭।୨ (ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ୍ ପରୀକ୍ଷା ଆସନ୍ତା ୧୯ ତାରିଖଠାରୁ ଆରମ୍ଭ ହେବ। ଏଥର ପୁରୀ ଜିଲା କାକଟପୁର ବ୍ଲକ ଅନ୍ତର୍ଗତ ପିଏମ୍‌ଶ୍ରୀ କାକଟପୁର ସରକାରୀ ଉଚ୍ଚ ବିଦ୍ୟାଳୟ ନୋଡାଲ ସେଣ୍ଟର ଅଧୀନରେ ୧,୬୧୯ ଛାତ୍ରୀଛାତ୍ର ମାଟ୍ରିକ୍ ପରୀକ୍ଷା ଦେବେ। ସେଥିମଧ୍ୟରେ କାକଟପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ୨୮୦, ସତ୍ୟ ନାରାୟଣ ବିଦ୍ୟାପୀଠରେ ୨୦୬, ନୟାହାଟ ଉଚ୍ଚ ବିଦ୍ୟାଳୟରେ ୨୩୫, ଗୋପୀକାନ୍ତପୁର ଉଚ୍ଚ ବିଦ୍ୟାଳୟରେ ୧୭୦, ବରୁଣେଇ ଉଚ୍ଚ ବିଦ୍ୟାଳୟରେ ୧୫୯, କାକଟପୁର ବାଳିକା ନୋଡାଲ ଉଚ୍ଚ ବିଦ୍ୟାଳୟରେ ୨୫୩, ଲତାହରଣ ଉଚ୍ଚ ବିଦ୍ୟାଳୟରେ ୧୭୯ ଓ ବୀରଭଦ୍ରପୁର ନୋଡାଲ୍ ବିଦ୍ୟାପୀଠରେ ୧୩୭ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ସ୍ୱଚ୍ଛ ପରୀକ୍ଷା ପରିଚାଳନା ଓ ପ୍ରଶ୍ନପତ୍ର ସୁରକ୍ଷାକୁ ଅଧିକ ଗୁରୁତ୍ୱ ଦିଆଯାଇଛି।

# ଶିଶୁଯତ୍ନ ଅନୁଷ୍ଠାନ କର୍ମକର୍ତ୍ତାଙ୍କୁ ତାଲିମ

ପୁରୀ,୧୭।୨(ଅଜିତ୍ କୁମାର ମହାନ୍ତି)

ଜିଲା ଶିଶୁ ସୁରକ୍ଷା ୟୁନିଟ୍, ପୁରୀଙ୍କ ତତ୍ତ୍ୱାବଧାନରେ ଜିଲାର ସମସ୍ତ ଶିଶୁଯତ୍ନ ଅନୁଷ୍ଠାନର ୪୫ ଅଧିକାରୀ ଓ କର୍ମକର୍ତ୍ତାଙ୍କୁ ନେଇ ୩ ଦିନିଆ ତାଲିମ ଶିବିର ସ୍ଥାନୀୟ ଉତ୍କଳ ବାଳାଶ୍ରମ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବ ଯୋଗଦେଇ କହିଛନ୍ତି, ସମସ୍ତ କର୍ମକର୍ତ୍ତା ଆଇନ, ଗାଇଡ୍‌ଲାଇନ ଆଧାରରେ ଶିଶୁଙ୍କୁ ଉପଯୁକ୍ତ ସେବା ଯତ୍ନ ଯୋଗାଇଦେବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟକ୍ଷ ଶିଶୁ ମଙ୍ଗଳ କମିଟି ତଥା ତାଲିମଦାତା ଡା. ଅଜିତ କୁମାର ମହାପାତ୍ର ଉପସ୍ଥିତ ଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ସ୍ୱାଗତ ଭାଷଣ ଦେବା ସହିତ ତାଲିମ ପ୍ରଦାନ କରିଥିଲେ। ଶିଶୁରୋଗ ବିଶେଷଜ୍ଞ ଡା. ସୂର୍ଯ୍ୟ ନାରାୟଣ ମିଶ୍ର, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ନାରାୟଣ ପ୍ରସାଦ ନନ୍ଦ ଯୋଗଦେଇ ପ୍ରାଥମିକ ଚିକିତ୍ସା ତଥା ଶିଶୁଯତ୍ନ ଅନୁଷ୍ଠାନରେ ସ୍ୱାସ୍ଥ୍ୟସେବା ଉପରେ ଆଲୋକପାତ କରିଥିଲେ। ବିଷୟ ବିଶେଷଜ୍ଞ ଭାବେ ଏଲ୍‌ପିଓ ସ୍ନିଗ୍ଧାରାଣୀ ସାହୁ, ରୋଜାଲିନ ପାତ୍ର, ମୀନାକ୍ଷୀ ବାରିକ, ଅଧୀକ୍ଷକ ରୁଧିସୁନ୍ଦର୍ ମିଶ୍ର, ବିଜୟ କୁମାର ପରିଡ଼ା, କମଳା ମହାରଣା, ହରେକୃଷ୍ଣ ସାହୁ ପ୍ରମୁଖ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ।

# ସୁରଜମଲ୍ଲ ଶାହା ମହାବିଦ୍ୟାଳୟ ଛାତ୍ରଙ୍କ ସଫଳତା



ମହାବିଦ୍ୟାଳୟ ପକ୍ଷରୁ କୃତୀ ଛାତ୍ର କରେ ସାନ୍ତା ମୂର୍ତ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

ପୁରୀ,୧୭।୨(ଅଜିତ୍ କୁମାର ମହାନ୍ତି)

ପୁରୀ ସୁରଜମଲ୍ଲ ଶାହା ମହାବିଦ୍ୟାଳୟ +୩ ଦ୍ୱିତୀୟ ବର୍ଷର ଛାତ୍ର କରେ ସାନ୍ତା ମୂର୍ତ୍ତି ଶାରୀରିକ ସୌନ୍ଦର୍ଯ୍ୟ ଓ ଫିଟନେସ୍ କ୍ଷେତ୍ରରେ ଗୌରବଜନକ ସଫଳତା ଅର୍ଜନ କରିଛନ୍ତି। ଭୁବନେଶ୍ୱରରେ ଅନୁଷ୍ଠିତ 'ଜେନ୍ସ ମଡେଲ ବେଷ୍ଟ ଫିଜିକ୍ ଓ ମେନ୍ସ ବେଷ୍ଟ ଫିଜିକ୍' ପ୍ରତିଯୋଗିତା, ଯାହା ଟ୍ରାନ୍ସଫର୍ମ ନିୟୁଟ୍ରେସନ ଦ୍ୱାରା ୨ ଦିନ ଧରି ଆୟୋଜିତ ହୋଇଥିଲା। ଏହି ପ୍ରତିଯୋଗିତାରେ କରେ ସାନ୍ତା ମୂର୍ତ୍ତି 'ମେନ୍ସ ବେଷ୍ଟ ଫିଜିକ୍' ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ 'ଜେନ୍ସ ମଡେଲ ବେଷ୍ଟ ଫିଜିକ୍' ବିଭାଗରେ ଦ୍ୱିତୀୟ ସ୍ଥାନ ଲାଭ କରିଛନ୍ତି। ତାଙ୍କର ଏହି ସଫଳତା ଅଞ୍ଚଳ ପାଇଁ ଗୌରବର ବିଷୟ ହେବା ସହ ଯୁବ ପିଢ଼ିଙ୍କୁ ଫିଟନେସ୍ ଓ ସ୍ୱାସ୍ଥ୍ୟ ସଚେତନତା ଦିଗରେ ପ୍ରେରଣା ଦେଇଛି। ଏହି ପରିପ୍ରେକ୍ଷୀରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଶରତ କୁମାର ସାହୁ, କ୍ରୀଡ଼ା କମିଟିର ଉପାଧ୍ୟକ୍ଷ ଡ. ଦୀପ୍ତି ପ୍ରସାଦ ମହାନ୍ତି, କ୍ରୀଡ଼ା ଶିକ୍ଷକ ହରିହର କର, ମୁଖ୍ୟ କିରାଣି ବଳରାମ ମିଶ୍ର ମହାବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧନା କରିଛନ୍ତି। ତାଙ୍କ ସଫଳତା ପାଇଁ ବିଭିନ୍ନ ମହଲରୁ ଅଭିନନ୍ଦନର ସୁଅ ଛୁଟିଛି।

# ରେଳ ଲାଇନ୍‌ରୁ ଅଜଣା ଯୁବକଙ୍କ ଶବ ଉଦ୍ଧାର

ସାକ୍ଷୀଗୋପାଳ,୧୭।୨(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର/ଭରତ ରାଉତ)

ଗତ ୧୫ରେ ପୁରୀରୁ ଛାଡୁଥିବା ଧଉଳି ଏକ୍ସପ୍ରେସ ଟ୍ରେନ୍ ଧକ୍କାରେ ସାକ୍ଷୀଗୋପାଳ ଅଳସା ଶିଢ଼ିଠାରୁ ଅଳ୍ପଦୂରରେ ଥିବା ଡାଉନ୍ ରେଳଲାଇନରୁ ଜଣେ ଯୁବକଙ୍କ କ୍ଷତବିକ୍ଷତ ମୃତଦେହକୁ ସାକ୍ଷୀଗୋପାଳ ରେଲ୍‌ୱେ ପୋଲିସ ଉଦ୍ଧାର କରିଛି। ଯୁବକଙ୍କ ବୟସ ଅନ୍ୟୂନ ୩୫ରୁ ୪୦ ମଧ୍ୟରେ ହୋଇଥିବା ଅନୁମାନ କରାଯାଉଛି। ଟ୍ରେନ ଦୁର୍ଘଟଣାରେ ଶରୀରର ବିଭିନ୍ନ ସ୍ଥାନରେ କ୍ଷତଚିହ୍ନ ରହିଛି। ଡାହାଣ ହାତର ବାହୁରେ ମୃତ ଯୁବକ ଜଣଙ୍କ (ଏସ୍‌କେଏମ୍‌ଏସ୍‌କେ) ବଡ଼ ବଡ଼ ଇଂରାଜୀ ଅକ୍ଷରରେ କଳାରଙ୍ଗର ଲେଖା ଚିତା କୁଟାଇଛନ୍ତି। ମୃତ ଯୁବକଙ୍କ ପରିଚୟ ଏ ପର୍ଯ୍ୟନ୍ତ ଜଣାପଡ଼ି ନ ଥିବାବେଳେ ଯୁବକଙ୍କ ଶବକୁ ଚିହ୍ନଟ ପାଇଁ ପୁରୀ ମେଡିକାଲରେ ସଂରକ୍ଷିତ ରଖାଯାଇଛି। ଏ ସମ୍ପର୍କରେ ୫/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି ବୋଲି ସାକ୍ଷୀଗୋପାଳ ରେଲ୍‌ୱେ ପୋଲିସ ଅଧିକାରୀ ସୁଧାକର ଭୋଇ ସୂଚନା ଦେଇଛନ୍ତି।

# ସାଗର ବିଜେ ନୀତି ସମ୍ପନ୍ନ

ପୁରୀ,୧୭।୨(ଅଜିତ୍ କୁମାର ମହାନ୍ତି)

ଅମାବାସ୍ୟା ତିଥିରେ ଶ୍ରୀମନ୍ଦିରରେ ସାଗର ବିଜେ ନୀତି ସମ୍ପନ୍ନ ହୋଇଛି। ଫଗୁଣ ଅମାବାସ୍ୟା ଅବସରରେ ଶ୍ରୀମନ୍ଦିର ଅମାବାସ୍ୟା ନାରାୟଣଙ୍କ ସାଗର ବିଜେ ନୀତି ସମ୍ପନ୍ନ ହୋଇଛି। ସକାଳଧୂପ ହୋଇ ପାଣିପଡ଼ିବା ପରେ ଅମାବାସ୍ୟା ନାରାୟଣଙ୍କ ସାଗର ବିଜେ ନୀତି ଆରମ୍ଭ ହୋଇଥିଲା। ମହାଜନସେବକ ଦକ୍ଷିଣୀ ଘରୁ ଚତୁର୍ଭୁଜ ନାରାୟଣଙ୍କୁ ରତ୍ନସିଂହାସନକୁ ବିଜେ କରାଇଥିଲେ। ସେଠାରେ ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ଆଜ୍ଞାମାଳ ଆଣି ନାରାୟଣଙ୍କୁ ପ୍ରଦାନ କରିଥିଲେ। ପରେ ମହାଜନସେବକ ହାତରେ ନାରାୟଣଙ୍କୁ ନେଇ ବଟବୃକ୍ଷମୂଳେ ଥିବା ପାଲିଙ୍କିରେ ବିଜେ କରାଇଥିଲେ। ଘଣ୍ଟ, ଛତା ସହ ବିମାନବଡୁ ସେବକମାନେ ଠାକୁରଙ୍କୁ ବାଲିସାହି ଦେଇ ସ୍ୱର୍ଗଦ୍ୱାର ନିକଟ ବେଳାଭୂମିକୁ ବିଜେ କରିଥିଲେ। ସେଠାରେ ଅମାବାସ୍ୟା ନାରାୟଣ ପହଞ୍ଚିବା ପରେ ପାଳିଆ ଗଡ଼ାବଡୁ ସେବକ ରୁପା ପିଙ୍ଗଣରେ ସମୁଦ୍ରରୁ ଜଳ ଆଣି ପୂଜାପଣ୍ଡାଙ୍କୁ ଦେଇଥିଲେ। ପୂଜାପଣ୍ଡା ସାମନ୍ତ ଉକ୍ତ ଜଳକୁ ସଂସ୍କାର କରି ନାରାୟଣଙ୍କୁ ଲାଗି କରିଥିଲେ। ସାବତ ନିଯୋଗ ପକ୍ଷରୁ ଠାକୁରଙ୍କ ନିକଟରେ ପଣାଭୋଗ ମଣୋହି କରାଯାଇଥିଲା। ଆଳତି ଏବଂ ବନ୍ଦାପନା ସମ୍ପନ୍ନ ହେବା ପରେ ଠାକୁରଙ୍କ ବାହୁଡ଼ା ବିଜେ ନୀତି ଆରମ୍ଭ ହୋଇଥିଲା। ସେବକମାନେ ପରେ ଠାକୁରଙ୍କୁ ହରଚଣ୍ଡୀ ସାହି ଦେଇ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ପରେ ଶ୍ରୀମନ୍ଦିରରେ ଅନ୍ୟାନ୍ୟ ନୀତି ବଢ଼ିଥିଲା।



ଅମାବାସ୍ୟା ନାରାୟଣଙ୍କ ସାଗର ବିଜେ ।

GOVERNMENT OF ODISHA E-mail: rwd.bonai@yahoo.com

OFFICE OF THE EXECUTIVE ENGINEER, RURAL WORKS DIVISION, BONAI

No. 25001/186/2526

TENDER CALL NOTICE

BID IDENTIFICATION NO. ONLINE-EEBNI-08 of 2025-26

1. Name of the Work : Road Works
2. Total No. of Works : 03 (Three) Nos.
3. Estimated Cost : Rs.5.45 - 21.89 lakhs
4. Class of Contractor : "B", "C" & "D" Class
5. Period of Completion : 01 (One) Month
6. Type of Tender : Single Cover
7. Other details :

| Procurement Officer | Bid Identification No. | Availability of Tender Online for Bidding | | Last date & time of seeking tender clarification | Date & time of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Bonai | Online - EEBNI-08 of 2025-26 | 19.02.2026 from 05.00 P.M. | 26.02.2026 upto 5.00 P.M. | 25.02.2026 upto 5.00 P.M. | 27.02.2026 11.00 A.M. |

Further details can be seen from the website **www.tendersorissa.gov.in** & for more information please visit the office.

OIPR-25001/25200/1/25-26/0002 Sd./- Executive Engineer, R.W. Division, Bonai

GOVT. OF ODISHA E-Mail: eerw_anandapur@yahoo.co.in

OFFICE OF THE SUPERINTENDING ENGINEER, RURAL WORKS DIVISION, ANANDAPUR

NOTICE INVITING TENDER

NATIONAL COMPETITIVE BIDDING THROUGH e-PROCUREMENT NOTICE
Online - 17/EE/RW/AND/2025-26
Annual Maintenance Plan of Rural Roads under Administrative Expenditure

No. 952 Date: 16.02.2026

No. 25001/185/2526: Executive Engineer, Rural Works Division, Anandapur on behalf of Government of Odisha invites PERCENTAGE (%) RATE tender for Annual Maintenance Plan of Rural Roads through e-Procurement as per annexure. The bid should be submitted Online in the website **www.tendersorissa.gov.in** by eligible class of contractors having legal competency & expertise, registered with the State Government & contractors of equivalent grades/class registered with Central Govt./MES/ Railways for execution of only Civil works. The bidders should have necessary Portal Enrollment (with his own Digital Signature Certificate). The registered bidders of outside Odisha can also participate in this process, after necessary Portal Enrollment, but shall have to subsequently undergo registration with the appropriate authority of the State Government before award of the work.

| Procurement Officer | Bid Identification No. | Availability of Tender Online for Bidding | | Last date & time of seeking tender clarification | Date & time of opening of tender in O/o. the S.E., R.W. Division, Anandapur |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, R.W. Division, Anandapur | NCB-Online 17/EE/RW/ AND/2025-26 | 20.02.2026 at 10.00 A.M. | 25.02.2026 upto 5.00 P.M. | 24.02.2026 upto 5.00 P.M. | 26.02.2026 at 11.30 A.M. |

OIPR-25001/25055/1/25-26/0015 Sd./- Executive Engineer, R.W. Division, Anandapur

## ସଂକ୍ଷେପରେ

### ବୁଲା କୁକୁର ଆକ୍ରମଣରେ ହରିଣ ଆହତ



ଖୁଣ୍ଟୁଣୀ, ୧୭।୨ (ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ କଲେଜ ନିକଟ ରାମେଶ୍ୱର ସାହିଠାରେ ମଙ୍ଗଳବାର ଅପରାହ୍ନରେ ବୁଲା କୁକୁର ଆକ୍ରମଣରେ ଏକ ହରିଣ ଆହତ ହୋଇଥିବା ଜଣାପଡ଼ିଛି। ଆଠଗଡ଼ ବନ ବିଭାଗ ଉଦ୍ଧାର କରି ହରିଣର ଚିକିତ୍ସା କରିଛି। ଏହା ଏକ ମାଈ ହରିଣ ଓ ବୟସ ୪ ବର୍ଷ ହେବ ବୋଲି ବନ ବିଭାଗ ସୂଚନା ଦେଇଛି। ସ୍ଥାନୀୟ ସୁବାସୀ ସଂରକ୍ଷିତ ଜଙ୍ଗଲରୁ ତୃଷାର୍ତ୍ତ ହରିଣ ପାଣି ପାଇଁ ଚାଲି ଆସି ଖୁଣ୍ଟୁଣୀ କଲେଜ ପାର୍ଶ୍ୱ ରାମେଶ୍ୱର ନଗର ମଧ୍ୟକୁ ଚାଲି ଆସିଥିଲା। ଏହି ସମୟରେ ବୁଲା କୁକୁର ହରିଣଟିକୁ ଦେଖି ଗୋଡ଼ାଇ ଆକ୍ରମଣ କରୁଥିଲେ। ଜିତେନ ଦାନୀ ନାମକ ଜଣେ ସାମାଜିକ କର୍ମୀ କୁକୁର କବଳରୁ ହରିଣକୁ ଉଦ୍ଧାର କରି ଖୁଣ୍ଟୁଣୀ ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗ ଆହତ ହରିଣକୁ ଉଦ୍ଧାର କରି ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ଚିକିତ୍ସା ଜାରି ରଖିଛନ୍ତି। କୁକୁର କାମୁଡ଼ି ହରିଣର ବେକ ଓ ବିଭିନ୍ନ ଭାଗରେ କ୍ଷତ ହୋଇଥିବା ବନପାଳ ଆଶିଷ ନାୟକ ସୂଚନା ଦେଇଛନ୍ତି।

### ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା

ଚୌଦ୍ୱାର, ୧୭।୨ (ଆଶୁତୋଷ ଦାସ)

ପିଏମ୍‌ଶ୍ରୀ କଖଡ଼ି ନୋଡ଼ାଲ ହାଇସ୍କୁଲର ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଚଳିତବର୍ଷ ବିଦ୍ୟାଳୟର ୧୨୪ଜଣ ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା ଅର୍ପଣ କରାଯାଇଥିଲା। ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ପ୍ରଧାନ ଶିକ୍ଷକ ଶିବ ପ୍ରସାଦ ପତି, ଶ୍ୱେତକାନ୍ତ ବେହେରା, ପରିଚାଳନା କମିଟି ସଭାପତି ନାରାୟଣ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ମନ ଲଗାଇ ପାଠପଢ଼ି ପରୀକ୍ଷାରେ କୃତକାର୍ଯ୍ୟ ହେବା ସହିତ ଭଲ ମଣିଷ ହେବା ପାଇଁ ବିଦାୟୀ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ନବମ ଶ୍ରେଣୀ ପକ୍ଷରୁ ପ୍ରଜ୍ଞାମିତା ସାହୁ ଓ ଅଭୟକାନ୍ତ ସାହୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ରଶ୍ମିତା ରାଉତ ଓ ଶିକ୍ଷକ ଜ୍ଞାନରଞ୍ଜନ କର ବିଦାୟୀ ପିଲାମାନଙ୍କୁ ଶୁଭାଶିର୍ବାଦ ପ୍ରଦାନ କରିଥିଲେ। ସୁକାନ୍ତ କୁମାର ନାୟକ, ହେମନ୍ତ ସାହୁ, କୈଳାସ ଦାସ, ସୁଜାତା ସାହୁ, ସୁପ୍ରିୟା ଦାସ ପ୍ରମୁଖ ପରିଚାଳନା କରିଥିଲେ।

# ‘ଜୀବନଶୈଳୀ ବଦଳାଉଛି ପିଏମ୍ ବିଶ୍ୱକର୍ମା’

କଟକ, ୧୭।୨ (କାର୍ତ୍ତିକ ସାହୁ)




ଖପୁରିଆସ୍ଥିତ ଓସିଆ ଗ୍ରାଉଣ୍ଡରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପାଳ ଉଦ୍‌ବୋଧନ ଦେଉଛନ୍ତି।

**ପିଏମ୍ ବିଶ୍ୱକର୍ମା ହିତାଧିକାରୀଙ୍କ ଦ୍ୱାରା ପ୍ରସ୍ତୁତ ଦ୍ରବ୍ୟ ବିକ୍ରୟ ପ୍ରଦର୍ଶନୀ ଉଦ୍‌ଘାଟିତ**

ଖପୁରିଆସ୍ଥିତ ଓସିଆ ପଡ଼ିଆରେ ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନାର ହିତାଧିକାରୀମାନଙ୍କ ଦ୍ୱାରା ପ୍ରସ୍ତୁତ ଦ୍ରବ୍ୟ ବିକ୍ରୟ ପାଇଁ ଏକ ଦୁଇଦିନିଆ ପ୍ରଦର୍ଶନୀ ମଙ୍ଗଳବାର ଆରମ୍ଭ ହୋଇଛି। ଶିଳ୍ପ ନିର୍ଦ୍ଦେଶିକା ଅବୋଲି ସୁନୀଲ ନରଭଣେ ସୋମବାର ପ୍ରଦର୍ଶନୀକୁ ଉଦ୍‌ଘାଟନ କରି କହିଲେ, ପିଏମ୍ ବିଶ୍ୱକର୍ମା ମହିଳାମାନଙ୍କ ପାଇଁ ଏକ ସୁନ୍ଦର ଯୋଜନା। ଏହାଦ୍ୱାରା ମହିଳାମାନେ ନିଜ ସ୍ୱପ୍ନକୁ ବଡ଼ କରିପାରୁଛନ୍ତି। ଘରେ ରହି ରୋଜଗାରକ୍ଷମ ମଧ୍ୟ ହୋଇପାରୁଛନ୍ତି। ସେମାନଙ୍କ ମାଧ୍ୟମରେ ଆମର ପ୍ରାଚୀନ ହସ୍ତଶିଳ୍ପ ଓ ହସ୍ତକଳାର ପୁନରୁଦ୍ଧାର ହୋଇପାରିବ। ନୂଆ ଡିଜାଇନର ସାମଗ୍ରୀ ପ୍ରସ୍ତୁତ କରିବା ସହ ସେମାନେ ନିଜ ବ୍ରାଣ୍ଡ୍‌କୁ ବଡ଼ କରିପାରିବାର ସୁଯୋଗ ମଧ୍ୟ ରହିଛି। ବିଶ୍ୱ ବଜାରରେ ସେମାନଙ୍କ ସାମଗ୍ରୀ ପ୍ରବେଶ କରିପାରିବ। ଏଥିପାଇଁ ଭଲ ପ୍ୟାକେଜିଂ ଉପରେ ଧ୍ୟାନ ଦେବାକୁ ନିର୍ଦ୍ଦେଶିକା ନରଭଣେ ପରାମର୍ଶ ଦେଇଥିଲେ। ମୁଖ୍ୟ ଅତିଥି କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ କହିଲେ, ପିଏମ୍ ବିଶ୍ୱକର୍ମା ଲୋକଙ୍କ ଜୀବନଶୈଳୀ ବଦଳାଉଛି। ସବ୍‌ସିଡି ମାଧ୍ୟମରେ ଅଧିକ ନିଯୁକ୍ତି ସୃଷ୍ଟି ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ପିଏମ୍ ବିଶ୍ୱକର୍ମା ଦ୍ୱାରା ଲୋକେ ନିଜ ଇଚ୍ଛା ଓ ସମୟ ଅନୁସାରେ କର୍ମ କରିପାରୁଛନ୍ତି। ନିଜେ କରୁଥିବା କାମକୁ ବଢ଼ାଇବା ସହ ଅନ୍ୟମାନଙ୍କୁ ମଧ୍ୟ ନିଯୁକ୍ତି ଦେଇପାରୁଛନ୍ତି। ସମ୍ମାନିତ ଅତିଥି ଭାବେ ଭାରପ୍ରାପ୍ତ ଏସ୍‌ଏଲବିସି ଲିଙ୍ଗରାଜ ନାୟକ ଓ ଆଞ୍ଚଳିକ ନିର୍ଦ୍ଦେଶକ ଗୌତମ ଚନ୍ଦ୍ର ସାହା ଉପସ୍ଥିତ ଥିଲେ। ଏମ୍‌ଏସ୍‌ଏମ୍‌ଇ ନିର୍ଦ୍ଦେଶକ ପି. କେ. ଗୁପ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସହ ନିର୍ଦ୍ଦେଶକ ସୁବାସ କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଯୁଗ୍ମ ନିର୍ଦ୍ଦେଶକ ନିତିଶା ମାନ ଧନ୍ୟବାଦ ଦେଇଥିଲେ।

# କାମଳ ଡର: ସ୍ଥିତି ଅନୁଧ୍ୟାନ କଲେ ମେୟର, କମିଶନର

କଟକ, ୧୭।୨ (କୁମାରଶ୍ରୀ)

**୨୦ରୁ ଅଧିକ ଆକ୍ରାନ୍ତ ଚିହ୍ନଟ**

ଶେଖବଜାର ଏବଂ ମାନସିଂହପାଟଣା ଅଞ୍ଚଳରେ କାମଳ ବ୍ୟାପିବା ଏବେ ସ୍ୱାସ୍ଥ୍ୟ ବିଭାଗ ପାଇଁ ଚିନ୍ତା ବଢ଼ାଇଲାଣି। ଏହି ଅଞ୍ଚଳରୁ ୨୦ରୁ ଅଧିକ ଆକ୍ରାନ୍ତ ଚିହ୍ନଟ ହେଲେଣି। ଏହାକୁ ଦୃଷ୍ଟିରେ ରଖି କଟକ ମହାନଗର ନିଗମ ମେୟର ସୁବାସ ସିଂ ଏବଂ କମିଶନର କିରଣଦୀପ କୌର ସହୋତା ମଙ୍ଗଳବାର ସେହି ଅଞ୍ଚଳ ବୁଲି ସ୍ଥିତି ଅନୁଧ୍ୟାନ କରିଥିଲେ। ସ୍ଥାନୀୟ ଅଞ୍ଚଳର ଡ୍ରେନେଜ, ପାନୀୟ ଜଳ ବ୍ୟବସ୍ଥା ଏବଂ ପରିମଳ ବ୍ୟବସ୍ଥା ଯାଞ୍ଚ କରିଥିଲେ। ଏଥି ସହିତ କାମଳ ପୀଡ଼ିତଙ୍କୁ ଭେଟି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ପାନୀୟ ଜଳ ବ୍ୟବସ୍ଥାରେ ସୁଧାର ଆଣିବାକୁ ବିଭାଗୀୟ ଯନ୍ତ୍ରୀଙ୍କୁ କମିଶନର ନିର୍ଦ୍ଦେଶ ଦେଇଛନ୍ତି। ସ୍ଥିତି ଅନୁଧ୍ୟାନ ସମୟରେ କର୍ପୋରେଟର ମୋନାଲିସା ଦାସ, ଦୀପାଞ୍ଜଳି ସିଂ, ବସନ୍ତ କୁମାର ବେହେରା, ନଗର ସ୍ୱାସ୍ଥ୍ୟ ଅଧିକାରୀ ନୃପେନ୍ଦୁ କୁମାର ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।



କାମଳ ବ୍ୟାପିବା ଅଞ୍ଚଳ ପରିଦର୍ଶନ କରୁଛନ୍ତି ମେୟର ଓ କମିଶନର।

# ଜେଟ୍‌ସ୍କି ଚାଳନା, ପହଁରା ଶିଖୁଛନ୍ତି ବନ କର୍ମଚାରୀ

କଟକ, ୧୭।୨ (କୁମାରଶ୍ରୀ)

ପାଣି ଭିତରୁ ବନ୍ୟଜନ୍ତୁଙ୍କୁ ଉଦ୍ଧାର କରିବା ହେଉ ଅଥବା ପାଣିରୁ ଘଉଡାଇବା ପାଇଁ ବନ କର୍ମଚାରୀଙ୍କୁ ଅତ୍ୟାଧୁନିକ ପ୍ରଶିକ୍ଷଣର ଲୋଡା ରହିଛି। ଏହାକୁ ଦୃଷ୍ଟିରେ ରଖି ଅନୁଗୋଳ ବନ ବିଭାଗ ପକ୍ଷରୁ ୬ଜଣ କର୍ମଚାରୀଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ନିମନ୍ତେ କଟକ ପଠାଯାଇଛି। କଳିଙ୍ଗ ଡାଇଭର୍ସ ଫାଉଣ୍ଡେଶନ ଓ ରାଷ୍ଟ୍ରୀୟ ଜୀବନ ରକ୍ଷା ସମାଜର ମିଳିତ ସହଯୋଗରେ କଟକ ମହାନଦୀର ସୂର୍ଯ୍ୟ ଦୀପରେ ତାଲିମ ଦିଆଯାଉଛି। ୨୧ ଦିନ ଧରି ଏହି ପ୍ରଶିକ୍ଷଣ ଜାରି ରହିବ।

ବିଭିନ୍ନ ସମୟରେ ନଦୀ ମଝିରେ ହାତୀ ପଲ ଫସି ରହିବା ହେଉ ଅଥବା ଜାଲରେ କୁମ୍ଭୀର ଫସିବା ଭଳି ଘଟଣାରେ ବନ ବିଭାଗ ପାଣିରେ ପଶି ସେମାନଙ୍କୁ ଉଦ୍ଧାର କରିବା କାଠିକର ପାଠ ପାଲଟିଯାଏ। ନିକଟଅତୀତରେ ଏହାର ଅନେକ ଉଦାହରଣ ଦେଖିବାକୁ ମଧ୍ୟ ମିଳିଛି। ଏଣୁ ବନ କର୍ମଚାରୀଙ୍କୁ ଦୁଃସାହସିକ ଜଳକ୍ରୀଡ଼ା ପ୍ରଶିକ୍ଷଣ ଦେବାକୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କଟକରେ ଆରମ୍ଭ ହୋଇଛି। ପ୍ରଶିକ୍ଷଣ ହାସଲ କରୁଥିବା



ସବୀର ବକ୍ସ ବନ କର୍ମଚାରୀଙ୍କୁ ତାଲିମ ଦେଉଛନ୍ତି।

- ୬ କର୍ମଚାରୀଙ୍କୁ ୨୧ ଦିନିଆ ପ୍ରଶିକ୍ଷଣ
- ଉଦ୍ଧାର କାର୍ଯ୍ୟରେ ସହଯୋଗ କରିବ ଦୁଃସାହସିକ ଜଳକ୍ରୀଡ଼ା

ବନ କର୍ମଚାରୀମାନେ ହେଲେ ଅଭିଷେକ ବେହେରା, ସୌରଭ ଦାସ, ସରଳ ନାୟକ, ମୋହନ ସେଠୀ, ବାସନ୍ତୀ ସାହୁ ଏବଂ ନିକିତା ସ୍ୱାଇଁ। ଅନୁଗୋଳର ଡିଭିଜନାଲ ଫରେଷ୍ଟ ଅଫିସର ନୀତିଶ କୁମାରଙ୍କ ନିର୍ଦ୍ଦେଶରେ କର୍ମଚାରୀଙ୍କୁ କଟକରେ ପ୍ରଶିକ୍ଷଣ ଦିଆଯାଉଛି। ପ୍ରଶିକ୍ଷଣ ପ୍ରଥମ ୭ ଦିନରେ କର୍ମଚାରୀଙ୍କୁ ଗଭୀର ଜଳରାଶିରେ ପହଁରା ପ୍ରଶିକ୍ଷଣ ଦିଆଯିବ। ପରେ ପାୱାର ବୋଟ୍ ଏବଂ ଜେଟ୍‌ସ୍କି ଚାଳନା ଶିକ୍ଷା କରିବେ। ତାଲିମ କାର୍ଯ୍ୟକ୍ରମ ଶେଷ ହେବା ପରେ ସେମାନଙ୍କୁ ରାଷ୍ଟ୍ରୀୟ ଜୀବନ ରକ୍ଷା ସମାଜ ପକ୍ଷରୁ ସାର୍ଟିଫିକେଟ ପ୍ରଦାନ କରାଯିବ। ପୂର୍ବତନ ନୌସେନା ଅଧିକାରୀ ପୀତବାସ ସାସମଲ, ଜେଟ ସ୍କି ଟ୍ରେନର ନୀହାର ରାୟ, ପହଁରା ପ୍ରଶିକ୍ଷକ ମହମ୍ମଦ ମୁସ୍ତାକିମ୍ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି ବୋଲି କଳିଙ୍ଗ ଡାଇଭର୍ସ ଫାଉଣ୍ଡେଶନର ପ୍ରତିଷ୍ଠାତା ସବୀର ବକ୍ସ ସୂଚନା ଦେଇଛନ୍ତି।

### ପଥର ଖଣିରେ ବିସ୍ଫୋରଣରୁ ଭୂମିକମ୍ପ ଝଟକା ଚର୍ଚ୍ଚା

ଟିଗିରିଆ, ୧୭।୨ (ଜାଫର ଖାଁ)

ଟିଗିରିଆ ଥାନା ଅନ୍ତର୍ଗତ ନୂଆପାଟଣା ଅଞ୍ଚଳରେ ମଙ୍ଗଳବାର ଅପରାହ୍ନରେ ଭୂମିକମ୍ପର ପ୍ରଭାବ ଦେଖିବାକୁ ମିଳିଥିବା ଚର୍ଚ୍ଚା ହେଉଛି। ଦିନ ସାଢେ ବାରଟାରୁ ଗୋଟାଏ ମଧ୍ୟରେ ନୂଆପାଟଣା ଓ ପଙ୍କାଳ ଛକ ନିକଟରେ ଥିବା କିଛି ଘର ଓ ଦୋକାନର ସାମଗ୍ରୀ ଥରିଥିବା ନେଇ ସ୍ଥାନୀୟ ଲୋକେ କହିଛନ୍ତି। ନୂଆପାଟଣା, ପଙ୍କାଳ ନିକଟରୁ ଅନତି ଦୂରରେ ଥିବା ଭେଜିଆ ସଂରକ୍ଷିତ ଜଙ୍ଗଲରେ ବେଆଇନ୍ ଖଣି ବିସ୍ଫୋରଣରେ ବଡ ପଥର ଫାଟିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଆଲୋଚନା ହେଉଛି। ଉକ୍ତ ଅଞ୍ଚଳରେ ପଥର ଫାଟିବା ଯୋଗୁ ଅନେକ ସମୟରେ ପଚଣ୍ଡ ଶବ୍ଦ ହେଉଥିବାରୁ ଏପରି ଆଶଙ୍କା କରାଯାଉଛି। ସ୍ଥାନୀୟ ଅଞ୍ଚଳରେ ପ୍ରତ୍ୟେହ ବିପୁଳ ପରିମାଣରେ ବେଆଇନ ବିସ୍ଫୋରକ ବ୍ୟବହାର କରାଯାଇ ପଥର ଫୁଟାଯାଉଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

# ଥାନା ଗୃହ ନିର୍ମାଣରେ ବାଧକ ଗୋଚର ଜମି

କଟକ ସଦର, ୧୭।୨ (ସୁଶାନ୍ତ କୁମାର ଜେନା)

୪୨ ମୌଜା ଅନ୍ତର୍ଗତ ବେଣ୍ଟକାରରେ ୨୦୨୨ ଜାନୁଆରୀ ୧ରେ ଥାନା ପ୍ରତିଷ୍ଠା କରାଯାଇଥିଲା। ଏବେ ଏହି ଥାନା ପୁରୁଣା ଫାଣ୍ଡି ଗୃହରେ କାର୍ଯ୍ୟ କରୁଛି। ସ୍ଥାୟୀ ଗୃହ ଓ କ୍ୱାର୍ଟର ନିର୍ମାଣ ପାଇଁ ବେଣ୍ଟକାର ମୌଜାର ଏକ ସ୍ଥାନରେ ଜାଗା ଚିହ୍ନଟ ସରିଥିଲା। ମାତ୍ର ଜାଗାର କିସମ ଗୋଚର ହୋଇଥିବାରୁ ଏହାକୁ ପ୍ରଥମେ ଅସଂରକ୍ଷିତ କରି ଗୃହ ବିଭାଗକୁ ହସ୍ତାନ୍ତର କରିବାକୁ ପଡ଼ିବ। ନଚେତ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରିବ ନାହିଁ। ଅଦ୍ୟାବଧି ସେହି କାର୍ଯ୍ୟ ସରି ନ ଥିବାରୁ ସ୍ଥାୟୀ ଗୃହ ନିର୍ମାଣରେ ବାଧା ଉପୁଜିଛି। ଅନ୍ୟପକ୍ଷରେ ଚିହ୍ନିତ ଜମି ନିକଟରେ ଶ୍ମଶାନ ରହିଛି। ତେଣୁ ଶବ ସତ୍କାର ସ୍ଥାନରେ ଥାନା ଘର କରିବା ପାଇଁ କେତେ ଲୋକ ବିରୋଧ କରିଆସୁଛନ୍ତି। ବେଣ୍ଟକାର ମୌଜା ଖାତା ନଂ. ୫୦୭, ପ୍ଲଟ ନଂ. ୪୭ ମୋଟ ଜମି ୪ ଏକର ୩୮ ଡିସିମିଲ ଗୋଚର ରହିଛି। ଏହି ଜମିର କିଛି ଅଂଶକୁ ସ୍ଥାନୀୟ ଉଚ୍ଚ ବିଦ୍ୟାଳୟ ପିଲାମାନେ ଖେଳପଡ଼ିଆ ଭାବେ ବ୍ୟବହାର କରୁଛନ୍ତି। ତେଣୁ ବାକି ୨ ଏକର ଗୋଚର ଜମିକୁ ଅସଂରକ୍ଷିତ ଘୋଷଣା କରିବାରେ ଆଇନଗତ ପ୍ରତିବନ୍ଧକ ରହିଛି। ପୂର୍ବରୁ ଏହି ମୌଜାରେ ଥିବା ଗୋଚର ଜମିରେ ସରକାରଙ୍କ ଦ୍ୱାରା ବିଭିନ୍ନ ସରକାରୀ ଗୃହର ସ୍ଥାୟୀ ନିର୍ମାଣ କରାଯାଇଛି। ସେଥିପାଇଁ ଓଡ଼ିଶା ସରକାରୀ ଜମି ବନ୍ଦୋବସ୍ତ ଆଇନ ମୁତାବକ ଉକ୍ତ ଜମିକୁ ଅସଂରକ୍ଷିତ କରିବାରେ ସମସ୍ୟା ଦେଖାଦେଇଛି। ଅନ୍ୟପକ୍ଷରେ ଗୋ ଚାରଣ ପାଇଁ ଜାଗା ନ ଥିବାରୁ କେତେଜଣ ଲୋକ ଏହାକୁ ବିରୋଧ କରିବା ଆରମ୍ଭ କରିଛନ୍ତି। ୫ବର୍ଷ ତଳେ ଏହି ଜମି ଉପରେ ସ୍ଥାୟୀ ଶବଦାହ ଗୃହ ନିର୍ମାଣ ମଧ୍ୟ ସରିଛି। ସେଥିପାଇଁ ପୋଲିସ ବିଭାଗ ପରୋକ୍ଷରେ ଏହାକୁ ବିରୋଧ କରୁଥିବା ଏକ ସୂତ୍ରରୁ ଜଣାପଡ଼ିଛି। ଏ ନେଇ କଟକ ସଦର ଉପଜିଲାପାଳ ଦିବ୍ୟଜ୍ୟୋତି ସ୍ମୃତି ରଞ୍ଜନ ଦେଓ କହିଛନ୍ତି, ଏହି ଜାଗା ପୋଲିସ ବିଭାଗକୁ ହସ୍ତାନ୍ତର ନ ହେବା କାରଣ ସମ୍ପର୍କରେ ସେ ଅବଗତ ନାହାନ୍ତି।



ବେଣ୍ଟକାର ମୌଜା ଗୋଚର ଜମି ଉପରେ ଶବଦାହ ଗୃହ।

# ଇଫ୍‌କୋ ପକ୍ଷରୁ ଏସ୍‌ସିବି ନ୍ୟୁ ମେଡିସିନକୁ ୫୦ ଚେୟାର ପ୍ରଦାନ




ନ୍ୟୁ ମେଡିସିନକୁ ଚେୟାର ପ୍ରଦାନ ଅବସରରେ ଉପସ୍ଥିତ ଇଫ୍‌କୋର ଅଧିକାରୀଙ୍କ ସହ ମେଡିକାଲ କର୍ତ୍ତୃପକ୍ଷ।

କଟକ, ୧୭।୨ (ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲର ନ୍ୟୁ ମେଡିସିନ ବିଭାଗକୁ ଇଫ୍‌କୋ କମ୍ପାନୀ ପାରାଦୀପ ପକ୍ଷରୁ ସୋମବାର ୫୦ଟି ଷ୍ଟିଲ୍ ଚେୟାର ପ୍ରଦାନ କରାଯାଇଛି। ବିଭାଗ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଇଫ୍‌କୋର ଲୋକସମ୍ପର୍କ ଅଧିକାରୀ ଡ. ପ୍ରସନ କୁମାର ବେହୁରା, ଏସ୍‌ସିବି ମେଡିକାଲ କଲେଜ ଅଧ୍ୟକ୍ଷା ଡା. ଲୁସି ଦାସ, ଏସ୍‌ସିବି ମେଡିକାଲ ଅଧ୍ୟକ୍ଷ ପ୍ରଫେସର ଡା. ଗୌତମ ଶତପଥୀ, ଅତିରିକ୍ତ ଅଧୀକ୍ଷକ ଡା. ଜ୍ୟୋତିର୍ମୟ ନାୟକ, ଡା. ସରୋଜ କୁମାର ତ୍ରିପାଠୀ, ମେଡିସିନ ବିଭାଗର ପ୍ରଫେସର ଡା. ଜୟନ୍ତ କୁମାର ପଣ୍ଡା ଯୋଗଦେଇଥିଲେ। ଇଫ୍‌କୋର ଲୋକସମ୍ପର୍କ ଅଧିକାରୀ ଡ. ବେହୁରା କହିଛନ୍ତି, ମେଡିସିନ ବିଭାଗରେ ରୋଗୀ ଓ ସମ୍ପର୍କୀୟ ବସିବା ପାଇଁ ବହୁତ ହଇରାଣ ହେଉଥିବାବେଳେ ଏହି ଚେୟାର ପ୍ରଦାନ ଦ୍ୱାରା ସେମାନେ ଉପକୃତ ହେବେ ବୋଲି ସେ କହିଛନ୍ତି। ଡା. ଜୟନ୍ତ ପଣ୍ଡା କହିଛନ୍ତି, ଇଫ୍‌କୋର ସହାୟତା ରୋଗୀ ଓ ସମ୍ପର୍କୀୟଙ୍କ ପାଇଁ ସହାୟକ ହେବ ଏବଂ ଆଗାମୀ ଦିନରେ ରୋଗୀଙ୍କ ନିମନ୍ତେ ବ୍ୟାଟେରି ଗାଡ଼ି ଓ ହୁଇଲ ଚେୟାର ଯୋଗାଇ ଦିଆଯିବ ବୋଲି ମଧ୍ୟ ପ୍ରତିଶ୍ରୁତି ଦିଆଯାଇଛି ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ବିଭାଗୀୟ ଡାକ୍ତର ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

### ଡ. ମୁରଲୀ ମନୋହର ଶର୍ମା ପାଇବେ ‘ରସଗୁଲା’ର ସର୍ବୋଚ୍ଚ ସମ୍ମାନ

କଟକ, ୧୭।୨ (କାର୍ତ୍ତିକ ସାହୁ)

କଟକରୁ ପ୍ରକାଶିତ ହାସ୍ୟ ବ୍ୟଙ୍ଗ ପତ୍ରିକା ରସଗୁଲାର ୧୧ତମ ବାର୍ଷିକ ଉତ୍ସବ ଆସନ୍ତା ୨୨ ତାରିଖ (ରବିବାର) କଟକସ୍ଥିତ ଶ୍ରୀରାମ ଚନ୍ଦ୍ର ଭବନ ପରିସରରେ ଅନୁଷ୍ଠିତ ହେବ। ଏହି ଉତ୍ସବରେ ବିଶ୍ୱ ଓଡ଼ିଆ ସମ୍ମିଳନୀର ସଭାପତି ଡ. ମୁରଲୀ ମନୋହର ଶର୍ମାଙ୍କୁ ରସଗୁଲାର ସର୍ବୋଚ୍ଚ ସମ୍ମାନ-୨୦୨୬ ପ୍ରଦାନ କରାଯିବ। କାର୍ଯ୍ୟକ୍ରମରେ ବିଶିଷ୍ଟ ବ୍ୟଙ୍ଗକବି ତଥା ଅଭିନେତା ପ୍ରିୟବ୍ରତ ପଣ୍ଡାଙ୍କୁ ଡା ମନମୋହନ ମିଶ୍ର ଏବଂ ମନୋରମା ମିଶ୍ର ସ୍ମୃତି ହାସ୍ୟ ଶିରୋମଣି ସମ୍ମାନ, ବିଶିଷ୍ଟ ସାହିତ୍ୟିକ ଡ. ଆଦିତ୍ୟ ପ୍ରତାପ ଧଳଙ୍କୁ ସନ୍ଧ୍ୟାରାଣୀ ସିଂ ସ୍ମୃତି ରସଗୁଲା ହାସ୍ୟ ମଉଡ଼ମଣି ସମ୍ମାନ, ବିଶିଷ୍ଟ ବ୍ୟଙ୍ଗକବି ମାଧବ ଚନ୍ଦ୍ର ସ୍ୱାଇଁଙ୍କୁ ରବି ମିଶ୍ର ସ୍ମୃତି ରସଗୁଲା ହାସ୍ୟ ମୁକ୍ତାମଣି ସମ୍ମାନ ଏବଂ ହାସ୍ୟକବୀ ଶ୍ରୀମତୀ ସ୍ନେହଲତା ଦ୍ୱିବେଦୀଙ୍କୁ କାହ୍ନୁକ୍ଷେତ୍ରମଣୀ ସ୍ମାରକୀ ରସଗୁଲା ହାସ୍ୟ ରତ୍ନମଣି ସମ୍ମାନ ପ୍ରଦାନ କରାଯିବାକୁ ସ୍ଥିର କରାଯାଇଛି ବୋଲି ଅନୁଷ୍ଠାନ ସମ୍ପାଦକ ବାବାଜୀ ଚରଣ ଲେଙ୍କା ଜଣାଇଛନ୍ତି।

**କାଳ ସାଜୁଛି ଚୌଦ୍ୱାର ପୌର ଡମ୍ପିଂୟାର୍ଡ ନିଆଁ**

# ଜଳୁଛି ନିଆଁ, ଉଡୁଛି ଧୂଆଁ

ମଙ୍ଗୁଳି-ଜଗତପୁର, ୧୭।୨ (ମାନସ ସାମଲ)

ଚୌଦ୍ୱାର ଥାନା ଅଧୀନ ବାଟବୁଢ଼ୀ କଲୋନୀବାସୀ ବାସ କରୁଥିବା ସଂଲଗ୍ନ ପାର୍ଶ୍ୱରେ ପୌର ପ୍ରଶାସନ ପକ୍ଷରୁ ୧୯ଟି ୱାର୍ଡର ଅଳିଆଆବର୍ଜନା ଗଦା କରୁଥିବା ନେଇ ଅଞ୍ଚଳବାସୀ ତୀବ୍ର ବିରୋଧ କରି ତୁରନ୍ତ ଡମ୍ପିଂୟାର୍ଡ ହଟାଇବାକୁ ଦାବି କରିଛନ୍ତି। ଏ ନେଇ ଅଞ୍ଚଳର ଶତାଧିକ ପରିବାର ମଙ୍ଗଳବାର ଚୌଦ୍ୱାର ପୌର ଅଧିକାରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗ ମୁତାବକ, ସରକାର ବାୟୁ ପ୍ରଦୂଷଣ ନ ହେବା ବିଭିନ୍ନ ଯୋଜନା ପ୍ରଣୟନ କରୁଥିବା ବେଳେ ଗତ ୬ ମାସ ହେବ ଚୌଦ୍ୱାର ପୌର ପ୍ରଶାସନ ଏହାକୁ ବେଖାତିର କରୁଛି। ୧୯ଟି ୱାର୍ଡରୁ ବାହାରୁଥିବା ଓଦା ଓ ଶୁଖିଲା ଅଳିଆ ଆବର୍ଜନା ଜନବସତି ପାଖରେ ଗଦାକରି ସନ୍ଧ୍ୟାରେ ନିଆଁ ଲଗାଇ ଦେଉଛି। ଫଳରେ ନିଆଁ ଜଳି ଧୂଆଁ ଉଡ଼ିବା ଲୋକଙ୍କ ପାଇଁ କାଳ



ସାଜୁଛି। ସନ୍ଧ୍ୟା ହେଲେ ଘର କବାଟ, ଝରକା ଖୋଲି ହେଉନି। ଖୋଲିଲେ ଏହି ବିଷାକ୍ତ ଧୂଆଁ ଘରେ ପଶିଯାଉଛି। ପୌର ପ୍ରଶାସନର ଏଭଳି ମନମୁଖି କାର୍ଯ୍ୟ ପାଇଁ ସ୍ଥାନୀୟ ଅଞ୍ଚଳରେ ଆଜ୍‌ମା ରୋଗୀଙ୍କ ସଂଖ୍ୟା ବୃଦ୍ଧିକୁ ନିମନ୍ତ୍ରଣ କରୁଛି। ଓଟିଏମ୍ କଲୋନୀ-ନୂଆଗାଁ ରାସ୍ତାରେ ଲୋକେ ଯିବାଆସିବା କରିପାରୁନାହାନ୍ତି। ରାସ୍ତାରେ ଯିବାକୁ ହେଲେ

- ଆଜ୍‌ମା ରୋଗକୁ ନିମନ୍ତ୍ରଣ
- ଡମ୍ପିଂୟାର୍ଡ ନ ହଟାଇଲେ ପୌରପାଳିକାରେ ପଡ଼ିବ ତାଲା

ମୁହଁ ଘୋଡାଇବାକୁ ପଡୁଛି। ଯେପରି ବିଷ ବଳୟ ମଧ୍ୟରେ ବାଟବୁଢ଼ୀ କଲୋନୀ ରହିଛି। ତୁରନ୍ତ ପ୍ରଶାସନ ଅଳିଆ ଆବର୍ଜନାକୁ ଏଠାରୁ ନ ହଟାଇଲେ ପୌରପାଳିକାରେ ତାଲା ପକେଇବୁ ବୋଲି କିଶୋର ପରିଡା, ଲୋକନାଥ ସାହୁ, ସାରଦା ରଞ୍ଜନ ପରିଜା, ସନ୍ତୋଷ ପଣ୍ଡା, ଶୈଳେନ୍ଦ୍ର ସାହୁ, ଅକ୍ଷୟ ପ୍ରସାଦ କର, ପ୍ରସାଦ ରାଓ, ମଧୁସ୍ମିତା ରାଓ, ସୁବାସ ଦାସ, ଶଶାଙ୍କ ସୁନ୍ଦରୀ ରାଉତ, ସମୀର ରଞ୍ଜନ ମହାପାତ୍ର, ଜି. ଶଙ୍କର ରାଓ, ରଘୁନାଥ ମହାରଣା, ଜଗନ୍ନାଥ ସାହୁ ପ୍ରମୁଖଙ୍କ ସମେତ ଶତାଧିକ ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି। ଏ ନେଇ ପୌରନିର୍ବାହୀ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

GOVERNMENT OF ODISHA E-mail: rwd.bonai@yahoo.com
**OFFICE OF THE EXECUTIVE ENGINEER, RURAL WORKS DIVISION, BONAI**
No. 25001/186/2526
TENDER CALL NOTICE
BID IDENTIFICATION NO. ONLINE-EEBNI-08 of 2025-26

1. Name of the Work : Road Works
2. Total No. of Works : 03 (Three) Nos.
3. Estimated Cost : Rs.5.45 - 21.89 lakhs
4. Class of Contractor : "B", "C" & "D" Class
5. Period of Completion : 01 (One) Month
6. Type of Tender : Single Cover
7. Other details :

| Procurement Officer | Bid Identification No. | Availability of Tender Online for Bidding | | Last date & time of seeking tender clarification | Date & time of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Bonai | Online - EEBNI-08 of 2025-26 | 19.02.2026 from 05.00 P.M. | 26.02.2026 upto 5.00 P.M. | 25.02.2026 upto 5.00 P.M. | 27.02.2026 11.00 A.M. |

Further details can be seen from the website **www.tendersorissa.gov.in** & for more information please visit the office.
OIPR-25001/25200/1/25-26/0002 Sd./- Executive Engineer, R.W. Division, Bonai

GOVT. OF ODISHA E-Mail: eerw_anandapur@yahoo.co.in
**OFFICE OF THE SUPERINTENDING ENGINEER, RURAL WORKS DIVISION, ANANDAPUR**
NOTICE INVITING TENDER
NATIONAL COMPETITIVE BIDDING THROUGH e-PROCUREMENT NOTICE
Online - 17/EE/RW/AND/2025-26
Annual Maintenance Plan of Rural Roads under Administrative Expenditure
No. 952 Date: 16.02.2026
No. 25001/185/2526: Executive Engineer, Rural Works Division, Anandapur on behalf of Government of Odisha invites PERCENTAGE (%) RATE tender for Annual Maintenance Plan of Rural Roads through e-Procurement as per annexure. The bid should be submitted Online in the website **www.tendersorissa.gov.in** by eligible class of contractors having legal competency & expertise, registered with the State Government & contractors of equivalent grades/class registered with Central Govt./MES/ Railways for execution of only Civil works. The bidders should have necessary Portal Enrollment (with his own Digital Signature Certificate). The registered bidders of outside Odisha can also participate in this process, after necessary Portal Enrollment, but shall have to subsequently undergo registration with the appropriate authority of the State Government before award of the work.

| Procurement Officer | Bid Identification No. | Availability of Tender Online for Bidding | | Last date & time of seeking tender clarification | Date & time of opening of tender in O/o. the S.E., R.W. Division, Anandapur |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, R.W. Division, Anandapur | NCB-Online 17/EE/RW/ AND/2025-26 | 20.02.2026 at 10.00 A.M. | 25.02.2026 upto 5.00 P.M. | 24.02.2026 upto 5.00 P.M. | 26.02.2026 at 11.30 A.M. |

OIPR-25001/25055/1/25-26/0015 Sd./- Executive Engineer, R.W. Division, Anandapur

## ମୁଣ୍ଡମଞ୍ଚ ନାଟକ ଉଦ୍‌ଯାପିତ

**ବେଗୁନିଆ, ୧୭।୨ (ସନ୍ଧ୍ୟାରାଣୀ ମିଶ୍ର):** ବେଗୁନିଆ ବ୍ଲକ ପଙ୍ଗାରସିଂହ ପଞ୍ଚାୟତର ଭୋଗଡ଼ା ଗ୍ରାମସ୍ଥିତ ବାଲୁଙ୍କେଶ୍ୱର ଦେବଙ୍କ ପୀଠରେ ଜାଗରଯାତ୍ରା ଉପଲକ୍ଷେ ଦୁଇଦିନ ଧରି ଚାଲିଥିବା ମୁଣ୍ଡମଞ୍ଚ ନାଟକ ଉଦ୍‌ଯାପିତ ହୋଇଯାଇଛି। ଗତ ୧୫ ତାରିଖରେ ବାଲୁଙ୍କେଶ୍ୱର ଦେବ ନାଟ୍ୟସଂସଦର ପ୍ରଥମ ରାତିରେ 'କଟି କଟି ଡାଲ କଟି' ଏବଂ ୧୬ ତାରିଖ ଦ୍ୱିତୀୟ ରାତିରେ 'ଏ ଆଖି କାନ୍ଦୁଛି ତୋରି ପାଇଁ' ନାଟକ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମକୁ ଉପଦେଷ୍ଟା ସଦାଶିବ ମହାପାତ୍ର, ସୌମେନ୍ଦ୍ର ସାମନ୍ତରାୟ, ନିର୍ଦ୍ଦେଶକ ଦୀପକ ପ୍ରଧାନ, ଗୋକୁଳାନନ୍ଦ ଜେନା ପରିଚାଳନା କରିଥିଲେ। ଅଜିତ୍ କୁମାର ପ୍ରଧାନ, ଅଜୟ କୁମାର ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ନିଶଙ୍କ ପ୍ରମୁଖ ସହଯୋଗ କରିଥିଲେ।

# ଅତ୍ରି ଉଷ୍ଣ ପ୍ରସ୍ରବଣ: ପ୍ରବେଶ ଶୁଳ୍କ ବୃଦ୍ଧି ନେଇ ଅସନ୍ତୋଷ

**ଖୋର୍ଦ୍ଧା, ୧୭।୨ (ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଜିଲା ବାଘମାରୀ ନିକଟ ଅତ୍ରିଠାରେ ରହିଛି ପର୍ଯ୍ୟଟନସ୍ଥଳ ଉଷ୍ଣ ପ୍ରସ୍ରବଣ। ଏଠାରେ ବର୍ଷସାରା ରାଜ୍ୟ ତଥା ରାଜ୍ୟ ବାହାର ପର୍ଯ୍ୟଟକଙ୍କ ଭିଡ଼ ଜମିଥାଏ। ରାଜ୍ୟ ପର୍ଯ୍ୟଟନ ବିଭାଗ ମାନ୍ୟତାପ୍ରାପ୍ତ ସତ୍ତ୍ୱେ ଏହାର ଭିତ୍ତିଭୂମି ବିକାଶ ପ୍ରତି ଗୁରୁତ୍ୱ ଦିଆଯାଉନାହିଁ। ଏହି ଉଷ୍ଣ ପ୍ରସ୍ରବଣ ଅବହେଳିତ ଅବସ୍ଥାରେ ରହିଥିବା ବେଳେ ଏବେ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ(ଓଟିଡିସି) ପକ୍ଷରୁ ଏଠାରେ ୩ ଗୁଣା ପ୍ରବେଶ ଶୁଳ୍କ ବୃଦ୍ଧି କରାଯାଇଛି। ପୂର୍ବରୁ ପ୍ରବେଶ ଶୁଳ୍କ ୫ ଟଙ୍କା ଥିବା ବେଳେ ବର୍ତ୍ତମାନ ଟିକେଟ ମୂଲ୍ୟ ୧୫ ଟଙ୍କାରେ ପହଞ୍ଚିଛି। ଏନେଇ ପର୍ଯ୍ୟଟକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।




ସୂଚନାଥାଉ କି, ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଏହାର ପରିବେଶ ନଷ୍ଟ ହେବାକୁ ବସିଛି। ଚାରିଆଡ଼େ ଅନାବନା ଘାସ, ଗଛଲତା ମାଡ଼ିଗଲା ବେଳେ ପର୍ଯ୍ୟଟକଙ୍କ ବସିବା ପାଇଁ କୌଣସି ବ୍ୟବସ୍ଥା ନାହିଁ। ଏପରିକି ପାନୀୟଜଳ ସୁବିଧା ନ ଥିବା ବେଳେ ମହିଳା ଏବଂ ପୁରୁଷଙ୍କ ପାଇଁ ଅଲଗା ଶୌଚାଳୟ ମଧ୍ୟ ନାହିଁ। ପାଇଖାନା ବିପର୍ଯ୍ୟସ୍ତ ଅବସ୍ଥାରେ ରହିଥିବା ବେଳେ ସେଠାରେ ପର୍ଯ୍ୟଟକଙ୍କ ପାଇଁ କୌଣସି ସୁବିଧା ଉପଲବ୍ଧ ନାହିଁ। ଉଷ୍ଣ ପ୍ରସ୍ରବଣର ମୁଖ୍ୟ ଆକର୍ଷଣ ଉତ୍ତପ୍ତ କୁଣ୍ଡ(କୁଆକୁଣ୍ଡ) ମରାମତି ଅଭାବରୁ ଦୟନୀୟ ଅବସ୍ଥାରେ ରହିଛି। ଏହାର ଭିତରପଟୁ ପଥର କ୍ଷୟ

### ଚାରିଆଡ଼େ ମାଡ଼ିଗଲାଣି ଗଛଲତା, ପାନୀୟଜଳ ସୁବିଧା ନାହିଁ

ହେବାରେ ଲାଗିଛି। କେତେବେଳେ ଭୁଶୁଡ଼ି ପଡ଼ିବ କହିହେବ ନାହିଁ। ତଳପଟୁ ପଥର ଧସିଥିବା ଜଣାଯାଉଛି। ଏହାର ଉପଯୁକ୍ତ ମରାମତି ଆବଶ୍ୟକ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଚାରିଆଡ଼େ ଅଳିଆ ଆବର୍ଜନା, ପ୍ଲାଷ୍ଟିକ୍, ପଲିଥିନ ପଡ଼ି ଗନ୍ଧମୟ ପରିବେଶ ସୃଷ୍ଟି ହେଉଛି ବୋଲି ପର୍ଯ୍ୟଟକମାନେ କହିଛନ୍ତି। ଗଞ୍ଜାମ ଜିଲାରୁ ଆସିଥିବା କେତେଜଣ ପର୍ଯ୍ୟଟକ କୁହନ୍ତି, ଏଠାରେ ପର୍ଯ୍ୟଟକଙ୍କ ପାଇଁ କୌଣସି ବ୍ୟବସ୍ଥା ନାହିଁ। କୁଆକୁଣ୍ଡ ଦର୍ଶନ ଏବଂ ଗରମ ପାଣି ସ୍ନାନ କରିବା ସ୍ଥଳ ବାଦ୍‌ଦେଲେ ଏହାର ଚତୁଃପାର୍ଶ୍ୱ ପରିବେଶ ଅସ୍ୱଚ୍ଛ ରହିଛି। ପର୍ଯ୍ୟଟକଙ୍କ ପାଇଁ କୌଣସି ମୌଳିକ ସୁବିଧା ନ ଥିବା ବେଳେ ପ୍ରବେଶ ଶୁଳ୍କ କିପରି ୩ ଗୁଣା ବୃଦ୍ଧି କରାଯାଇଛି ବୋଲି କେତେଜଣ ପର୍ଯ୍ୟଟକ ପ୍ରଶ୍ନ ଉଠାଇଛନ୍ତି। ଏ ସମ୍ପର୍କରେ ବିଧାୟକ ପ୍ରଦୀପ ସାହୁ କହିଛନ୍ତି, ଉଷ୍ଣ ପ୍ରସ୍ରବଣ ପ୍ରବେଶ ଶୁଳ୍କ ବୃଦ୍ଧି ନେଇ ଅଭିଯୋଗ ପାଇଛି। ଏନେଇ ଜିଲା ପ୍ରଶାସନ ଏବଂ ଓଟିଡିସି ସହ ଆଲୋଚନା କରାଯିବ। ଉଷ୍ଣ ପ୍ରସ୍ରବଣର ଭିତ୍ତିଭୂମି ବିକାଶ ପାଇଁ ଗୁରୁତ୍ୱ ଦିଆଯାଉଛି। ନିକଟରେ ମକର ମହୋତ୍ସବରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥିଭାବେ ଯୋଗଦେବା ଅବସରରେ ୩୦ କୋଟି ଟଙ୍କା ବ୍ୟୟ ଅଟକଳରେ ଏହାକୁ ବିଶ୍ୱସ୍ତରୀୟ ପର୍ଯ୍ୟଟନକ୍ଷେତ୍ର କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ପ୍ରେମ, ପ୍ରତାରଣା ମାମଲା: ଆସିଷ୍ଟାଣ୍ଟ ଲେବର ଅଫିସର ଗିରଫ

**ଭୁବନେଶ୍ୱର, ୧୭।୨ (ତ୍ରିନାଥ ମହାନ୍ତି):** ପ୍ରେମ ଓ ପ୍ରତାରଣା ଅଭିଯୋଗରେ ଖାରବେଳନଗର ଥାନା ପୋଲିସ ବଲାଙ୍ଗୀରରେ କାର୍ଯ୍ୟରତ ଜଣେ ଆସିଷ୍ଟାଣ୍ଟ ଲେବର ଅଫିସରଙ୍କୁ ଗିରଫ କରିଛି। ସେ ହେଲେ ନୟାଗଡ଼ର ବିଶ୍ୱଜିତ୍ ରାଉତ। ଅଭିଯୋଗ ଅନୁଯାୟୀ, ଦୁଇବର୍ଷ ତଳେ ବିଶ୍ୱଜିତ୍ ଫେସବୁକ୍‌ରେ କେନ୍ଦ୍ରାପଡ଼ା ସଦର ଅଞ୍ଚଳର ଜଣେ ଯୁବତୀଙ୍କ ସହ ପରିଚିତ ହୋଇଥିଲେ। ଉଭୟ ପ୍ରଥମେ ଚାଟ୍ କରିଥିଲେ। ପରେ ଫୋନ୍‌ରେ ରାତିଦିନ କଥା ହୋଇଥିଲେ। ଏହାପରେ ବିଶ୍ୱଜିତ୍ ତାଙ୍କୁ ପ୍ରେମ କରୁଥିବା କହିବା ସହ ବିବାହ ପ୍ରତିଶ୍ରୁତି ଦେଇଥିଲେ। ଯୁବତୀ ରାଜି ହେବାପରେ ଉଭୟ ଭୁବନେଶ୍ୱର ଆସି ଲଜ୍‌ରେ ରହିବା ସହ ଶାରୀରିକ ସମ୍ପର୍କ ରଖିଥିଲେ। ତେବେ କିଛିମାସ ପରେ ଯୁବତୀ ତାଙ୍କୁ ବିବାହ ପାଇଁ କହିଥିଲେ। ହେଲେ ସେ ରାଜି ନ ହେବାରୁ ଯୁବତୀ ଶେଷରେ ଥାନାର ଦ୍ୱାରସ୍ଥ ହୋଇଥିଲେ।

## କମ୍ୟୁନିଷ୍ଟ ନେତ୍ରୀ ଶୈବାଳିନୀଙ୍କ ପରଲୋକ

**ବୋଲଗଡ଼/ବେଗୁନିଆ, ୧୭।୨ (ଦେବବ୍ରତ ହୋତା/ସନ୍ଧ୍ୟାରାଣୀ ମିଶ୍ର):** ବୋଲଗଡ଼ ବ୍ଲକ ଅନ୍ତର୍ଗତ ପିଚୁକୁଳି ଗ୍ରାମର କମ୍ୟୁନିଷ୍ଟ ନେତ୍ରୀ ଶୈବାଳିନୀ ପଟ୍ଟନାୟକଙ୍କ ଗତ ସୋମବାର ପରଲୋକ ହୋଇଯାଇଛି। ତାଙ୍କୁ ୯୩ ବର୍ଷ ହୋଇଥିଲା। ସେ ୧୯୯୨ ମସିହାରେ ପିଚୁକୁଳି ପଞ୍ଚାୟତର ସମିତି ସଭ୍ୟା ଭାବେ ନିର୍ବାଚିତ ହୋଇଥିଲେ। ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଆଜୀବନ ସଦସ୍ୟା ଭାବେ ସ୍ଥାନୀୟ ଅଞ୍ଚଳର ମହିଳାମାନଙ୍କୁ ସଙ୍ଗଠିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ତାଙ୍କ ମୃତ୍ୟୁଖବର ପ୍ରଚାରିତ ହେବା ପରେ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ସମେତ କମ୍ୟୁନିଷ୍ଟ ନେତା ବସନ୍ତ ପାଇକରାୟ, ଅଜୟ ମଙ୍ଗରାଜ, ଲକ୍ଷ୍ମଣ ସେଠୀ, ଶ୍ୟାମାକାନ୍ତ ପଟ୍ଟନାୟକ ପ୍ରମୁଖ ପହଞ୍ଚି ପୁଷ୍ପମାଲ୍ୟ ଅର୍ପଣକରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ବଡ଼ପୁଅ ସୀତାକାନ୍ତ ମୁଖାଗ୍ନି ଦେଇଥିଲେ।




ବୋଲଗଡ଼ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ଧାରଣାରେ ରାଜ୍ୟ ସଭା ସଦସ୍ୟ ସୁଲତା ଦେଓ, ବିଜେଡି ମୁଖପାତ୍ର ଲେନିନ ମହାନ୍ତି ଏବଂ ଅନ୍ୟମାନେ।

## ବିଡିଓଙ୍କ ବଦଳି ଦାବିରେ ତେଜୁଛି ଆନ୍ଦୋଳନ

**ବୋଲଗଡ଼, ୧୭।୨ (ଦେବବ୍ରତ ହୋତା):** ୭୭ତମ ସାଧାରଣତନ୍ତ୍ର ଦିବସରେ ବ୍ଲକସ୍ତରୀୟ ପରେଡ୍ ନ ହେବା, ଜନପ୍ରତିନିଧିଙ୍କୁ ଅସମ୍ମାନ ଓ ଅଣଦେଖା କରିବା ସହ ମନମୁଖି କାର୍ଯ୍ୟକଳାପ ନେଇ ବୋଲଗଡ଼ ବିଡିଓ ସୁମନ ସୁଧା କୁଣ୍ଡୁଙ୍କ ବିରୋଧରେ ଜନଅସନ୍ତୋଷ ବଢ଼ିବାରେ ଲାଗିଛି। ତାଙ୍କୁ ଏଠାରୁ ବଦଳି କରିବା ଦାବିରେ ଜନପ୍ରତିନିଧି, ବିଭିନ୍ନ ଦଳର କର୍ମୀ ଓ କାର୍ଯ୍ୟକର୍ତ୍ତା, ଅଞ୍ଚଳବାସୀଙ୍କ ସାମୂହିକ ଗଣଧାରଣା ମଙ୍ଗଳବାର ଅଷ୍ଟମ ଦିନରେ ପହଞ୍ଚିଛି। ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ୪ଜଣିଆ ଟିମ୍ ଧାରଣାସ୍ଥଳରେ ପହଞ୍ଚି ସମର୍ଥନ ଜଣାଇଥିଲେ। ରାଜ୍ୟ ସଭା ସଦସ୍ୟ ସୁଲତା ଦେଓ, ବିଜେଡି ମୁଖପାତ୍ର ଲେନିନ ମହାନ୍ତି, ନାରାୟଣ ଜେନା ଓ ରୀତାଞ୍ଜଳୀ ପ୍ରଧାନ ଏହି ଟିମ୍‌ରେ ସାମିଲ ଥିଲେ। ଏହି ଟିମ୍ ଧାରଣାକାରୀଙ୍କ ସହ ଆଲୋଚନା କରି ତ୍ରିସ୍ତରୀୟ ପଞ୍ଚାୟତ ବ୍ୟବସ୍ଥାରେ ଲୋକପ୍ରତିନିଧିଙ୍କ ଭୂମିକାକୁ ସମ୍ମାନ ଦେବାକୁ ପ୍ରଶାସନକୁ ଆହ୍ୱାନ କରିଥିଲେ। ଗଣତନ୍ତ୍ରରେ ଲୋକପ୍ରତିନିଧିମାନେ ଲୋକଙ୍କ ଆସ୍ଥାର ପ୍ରତୀକ, ତେଣୁ ପ୍ରଶାସନ ସହଯୋଗ ଓ ସମନ୍ୱୟ ରଖି କାମ କରିବା ଆବଶ୍ୟକ। ବିଡିଓଙ୍କ ଭୂମିକାକୁ ନିନ୍ଦା କରିବା ସହ ଆଗାମୀ ଦିନରେ ଏହି ଆନ୍ଦୋଳନ ରାଜ୍ୟ ରାଜଧାନୀ ପର୍ଯ୍ୟନ୍ତ ବ୍ୟାପିବ ବୋଲି କହିଛନ୍ତି। ସେହିପରି ବିଭିନ୍ନ ବର୍ଗର ଲୋକେ ସାମିଲ ହୋଇ ଏହି ଧାରଣାକୁ ନୈତିକ ସମର୍ଥନ ଜଣାଇଥିଲେ।

## ଅବକାରୀ ଚଢ଼ାଉ, ୨ ଗିରଫ

**କଳାପଥର, ୧୭।୨ (ଗଙ୍ଗାଧର ସାହୁ):** ଅବକାରୀ ଅଧୀକ୍ଷକ କରୁଣା ଶଙ୍କର ତିୱାରୀଙ୍କ ନିର୍ଦ୍ଦେଶକ୍ରମେ ବାଙ୍କୀ ଅବକାରୀ ଥାନା ପକ୍ଷରୁ ବାଙ୍କୀର ଉତ୍ତର ପାର୍ଶ୍ୱରେ ପାଟ୍ରୋଲିଂ ଚାଲିଥିବା ସମୟରେ ଜାତମୁଣ୍ଡିଆ ସୁବର୍ଣ୍ଣପୁର ସେତୁ ନିକଟରୁ ଏକ ଗାଡ଼ିରୁ ଦେଶୀ ମଦ ଜବତ କରାଯିବା ସହ ୨ ଜଣ ବ୍ୟବସାୟୀଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଟିଗିରିଆ ବ୍ଲକର ବିନ୍ଧାଣିମା ଅଞ୍ଚଳର ସରୋଜ କୁମାର ସାହୁ ଏବଂ ବିକାଶ ଖଟୁଆ।

## ଶ୍ରୀଲିଙ୍ଗରାଜଙ୍କ ହାଣ୍ଡିଭଙ୍ଗା ଯାତ୍ରା ପ୍ରସଙ୍ଗ: ବୈଠକକୁ ଆସିଲେନି ୨ ନିଯୋଗ ସେବାୟତ

**ପୁରୁଣା ଭୁବନେଶ୍ୱର, ୧୭।୨ (ସୁବାସ ଚନ୍ଦ୍ର ପ୍ରଧାନ):** ଦୀର୍ଘ ୧୨ ବର୍ଷ ଧରି ବନ୍ଦ ରହିଥିବା ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ହାଣ୍ଡିଭଙ୍ଗା ଯାତ୍ରା ପୁନଃ ଚଳିତବର୍ଷ ଆରମ୍ଭ କରାଯିବା ନେଇ ମଙ୍ଗଳବାର ସ୍ଥାନୀୟ ସର୍କିଟ୍ ହାଉସ୍ ପ୍ରେକ୍ଷାଳୟରେ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଅମ୍ରିତ୍ ଋତୁରାଜ ଅଧ୍ୟକ୍ଷତା କରିଥିଲେ। ବୈଠକରେ ମଳିଆ ଏବଂ ପୂଜାପଣ୍ଡା ନିଯୋଗର ପ୍ରମୁଖ ସେବାୟତ ଉପସ୍ଥିତ ନ ଥିବା ବେଳେ ଅନ୍ୟ ସେବାୟତ ଓ ଅଧିକାରୀଙ୍କୁ ନେଇ ଆଲୋଚନା ହୋଇଥିଲା। ତେବେ ଚଳିତବର୍ଷ ଶ୍ରୀଲିଙ୍ଗରାଜଙ୍କ ହାଣ୍ଡିଭଙ୍ଗା ଯାତ୍ରା ହେବା ନେଇ ବୈଠକରେ ସବୁଜ ସଂକେତ ମିଳିଛି ବୋଲି ଏଡିଏମ୍ ତଥା ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ବୋର୍ଡ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରମେଶ ଚନ୍ଦ୍ର ଜେନା କହିଛନ୍ତି। ସୂଚନାଥାଉ କି, ମହାଶିବରାତ୍ରି ଯିବାର ପ୍ରଥମ ଶନିବାର ଶ୍ରୀଲିଙ୍ଗରାଜଙ୍କ ହାଣ୍ଡିଭଙ୍ଗା ଯାତ୍ରା ହୋଇଥାଏ। ଏହିଦିନ ଠାକୁରମାନେ ସୁସଜ୍ଜିତ ବିମାନ ଓ ପାଲିଙ୍କିରେ ଶୋଭାଯାତ୍ରାରେ କପିଳେଶ୍ୱର ମନ୍ଦିର ଯାତ୍ରା କରିଥାନ୍ତି। ସେଠାରେ ପ୍ରଭୁ ଶନିଦେବ ଏବଂ କପିଳେଶ୍ୱର ଦେବଙ୍କ ସହ ପୂଜାର୍ଚ୍ଚନା ଏବଂ ଭେଟ ଆଳତି, ଅନ୍ୟାନ୍ୟ ନୀତିକାନ୍ତି ସମ୍ପନ୍ନ ପରେ ଠାକୁରମାନେ ସ୍ୱମନ୍ଦିର ପ୍ରତ୍ୟାବର୍ତ୍ତନ କରିଥାନ୍ତି। ୨୦୧୪ ମସିହାରେ କପିଳେଶ୍ୱର ମନ୍ଦିରରେ କାର୍ଯ୍ୟରତ ସେବାୟତ ମଳିଆ ଓ ଖୁଣ୍ଟିଆଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଯୋଗୁ ସେବେଠାରୁ ହାଣ୍ଡିଭଙ୍ଗା ଯାତ୍ରାରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ମନ୍ଦିର ପ୍ରଶାସନ ଏବଂ ଜିଲା ପ୍ରଶାସନର ଅବହେଳା ଯୋଗୁ ଏପର୍ଯ୍ୟନ୍ତ ଠାକୁରଙ୍କ ଏହି ପରମ୍ପରାରେ ସୁଧାର ଆସିପାରିନାହିଁ।

## କୃଷି ଖାଦ୍ୟ ପ୍ରଣାଳୀକୁ ପରିବର୍ତ୍ତନ ପାଇଁ ଏଆଇର ପ୍ରୟୋଗ

### ଓୟୁଏଟି ଏବଂ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ମଧ୍ୟରେ ଚୁକ୍ତି




**ଭୁବନେଶ୍ୱର, ୧୭।୨ (ସୁଚିସ୍ମିତା ସାହୁ):** କୃଷି ଖାଦ୍ୟ ପ୍ରଣାଳୀକୁ ପରିବର୍ତ୍ତନ କରିବା ପାଇଁ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ପ୍ରୟୋଗ ସଂକ୍ରାନ୍ତ ୨ଦିନିଆ କର୍ମଶାଳା ମଙ୍ଗଳବାର ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟରେ ଉଦ୍‌ଯାପିତ ହୋଇଯାଇଛି। କର୍ମଶାଳାରେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶ୍ୟାମସୁନ୍ଦର ପଟ୍ଟନାୟକ ଯୋଗଦେଇ କହିଛନ୍ତି, ବର୍ତ୍ତମାନ ସମୟରେ ସମସ୍ତେ କୃତ୍ରିମ ବୁଦ୍ଧିମତ୍ତା ଦିଗରେ ଜ୍ଞାନ ଆହରଣ ସହ ଏହାର ଠିକ୍ ବ୍ୟବହାର ନେଇ ସଜାଗ ରହିବା ଉଚିତ। କୃଷିଠୁ ଆରମ୍ଭ କରି ଶିକ୍ଷା, ବାଣିଜ୍ୟ, ବୈଷୟିକ କ୍ଷେତ୍ରରେ ଏହାର ସୁଫଳ ମାନବ ସମାଜକୁ ମିଳିପାରୁଛି। ପ୍ରତ୍ୟେକ ବର୍ଗର ବ୍ୟକ୍ତିଙ୍କ ପାଇଁ ସୁବିଧାଦାୟକ ସେବା ଯୋଗାଇବାରେ ଏଆଇ ସହାୟକ ହୋଇପାରିବ ବୋଲି ପ୍ରଫେସର ପଟ୍ଟନାୟକ ମତବ୍ୟକ୍ତ କରିଛନ୍ତି। ସେହିପରି ଓୟୁଏଟି କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ କହିଲେ, ପ୍ରଗତିଶୀଳ ବିଶ୍ୱରେ କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗ କୃଷିକ୍ଷେତ୍ରକୁ ମାର୍ଜିତ କରିବାରେ ସଫଳ ହୋଇପାରିଛି। ଖାଦ୍ୟ ଅମଳଠୁ ଆରମ୍ଭକରି ବିକ୍ରି ବ୍ୟବସ୍ଥା, ସଂରକ୍ଷଣ, ବଜାର ପ୍ରବେଶ, ରପ୍ତାନି ଆଦି କ୍ଷେତ୍ରରେ ମଧ୍ୟ ଚାଷୀଙ୍କୁ ଏଆଇ ସହଯୋଗ କରିପାରିବ ବୋଲି ରାଉଳ ପ୍ରକାଶ କରିଛନ୍ତି। ଆଗାମୀ ଦିନରେ ଓୟୁଏଟି ଏବଂ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ କୃତ୍ରିମ ବୁଦ୍ଧିମତ୍ତା ଦିଗରେ ଆହୁରି ବିକଶିତ ପନ୍ଥା ହାତକୁ ନେବା ପାଇଁ ଉଭୟ ବିଶ୍ୱବିଦ୍ୟାଳୟ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହି କାର୍ଯ୍ୟକ୍ରମ ସମ୍ପର୍କରେ ପିଜିଏଫ୍-କମ୍-ଡିଆର୍‌ଆଇ ଅଧ୍ୟକ୍ଷ ପ୍ରଫେସର ଚନ୍ଦ୍ରମଣି ଖଣ୍ଡା ବିସ୍ତୃତ ସୂଚନା ଦେଇଥିଲେ। କୃଷି ଯାନ୍ତ୍ରିକ ଓ ବୈଷୟିକ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଅମ୍ବିକା ପ୍ରସାଦ ସାହୁ ସ୍ୱାଗତ ଭାଷଣ ଏବଂ ପ୍ରଫେସର ଏସ୍. କେ. ରାଉଳ ଧନ୍ୟବାଦ ଦେଇଥିଲେ।

## ଜମି ଦେବାକୁ କହି ୨୦ ଲକ୍ଷ ଠକେଇ: ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର, ୧୭।୨ (ତ୍ରିନାଥ ମହାନ୍ତି):** ଜମି ଦେବାକୁ କହି ଠକେଇ କରିବା ଅଭିଯୋଗରେ ଶହୀଦନଗର ଥାନା ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ହଂସପାଳ ଅଞ୍ଚଳର ହେମନ୍ତ ପାଣିଗ୍ରାହୀ। ଅଭିଯୋଗକାରୀ ନଗେନ କୁମାର ବେହେରାଙ୍କ ଏତଲା ଆଧାରରେ ପୋଲିସ ଏକ ମାମଲା ରୁଜୁ ସହ ତଦନ୍ତ କରି ଏହି ପଦକ୍ଷେପ ନେଇଛି। ସୂଚନାଯୋଗ୍ୟ, ହେମନ୍ତ ନଗେନଙ୍କୁ ଭୁବନେଶ୍ୱରର ଗୋଡ଼ା ଗୋପୀନାଥ ପ୍ରସାଦ ମୌଜା, ଚଣ୍ଡୀମାତା କଲୋନୀ ଅଞ୍ଚଳରେ ଥିବା କିଛି ଜମି କ୍ରୟ କରିବା ପାଇଁ ପ୍ରଲୋଭିତ କରିଥିଲେ। ଜମି ବିକ୍ରୟ ଓ ପଞ୍ଜୀକରଣ କରାଇଦେବା ବାବଦରେ ମିଥ୍ୟା ପ୍ରତିଶ୍ରୁତି ଦେଇ ୨୦ଲକ୍ଷ ଟଙ୍କା ନେଇଥିଲେ।


**ODISHA STATE CIVIL SUPPLIES CORPORATION LTD.**
(A Govt. of Odisha Undertaking)
REGISTERED OFFICE: C/2, Nayapalli, Bhubaneswar - 751012
CIN: U51211OR1980SGC000894
Tel. No.: 0674-239539, Fax No.: 0674-2395291, Website: www.oscsc.in
Tender No. 2809/P-II/25/2025/PDS Dt.16.02.26

No. 7001/10/2526: Managing Director, Odisha State Civil Supplies Corporation Ltd., invites tenders in Double Cover System through ONLINE MODE ONLY for the works below:

| | | |
|---|---|---|
| 1 | Name of the Work | Selection and appointment of transport contractor for inter-district transportation of Custom Milled Rice (CMR) from source district Puri to recipient district Cuttack in the State of Odisha |
| 2 | Availability of bid document in the portal | From 17.02.2026 |
| 3 | Last date/time for receipt of bids in the portal | Dt.24.02.2026 upto 5.00 P.M. |
| 4 | Date/time of Opening of Technical Bid | Dt.25.02.2026 at 11.00 A.M. |
| 5 | Name and address of the Officer Inviting Tender | Managing Director, OSCSC Ltd., C/2 Nayapalli, Bhubaneswar |

Tender documents & other details can be seen from the e-procurement portal **www.oscsc.in, www.foododisha.in & www.tendersodisha.gov.in**. Amendments/Corrigendum/Cancellation/retenders etc. if any shall be published only in above websites.
By Order of Managing Director
Sd./- General Manager (Distribution)
OIPR-7001/7002/1/25-26/0004

**PARADIP PORT AUTHORITY**
HARBOUR WORKS DIVISION No.I,
e-TENDER CALL NOTICE
e-TCN No.CE/HWDI/ACCTS-12/25/54, dtd.13.02.2026
Name of the work: "Development of New Plot adjacent to the MCHP plot near BoT Railway bulb towards Gate No.1 inside Harbour area". Put to tender value: Rs.5,47,40,515.26 plus GST as applicable. Last date & time of submission of tender through online bidding is 09.03.2026 up to 17:15 Hrs. For details, please log on to the Website: https://eprocure.gov.in/eprocure/app.
Executive Engineer,
Harbour Works Division No.I, PPA.
PPA/PR/68/2025-2026, dt.16/02/2026

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**REQUIRED**
Required **MARKETING STAFF** for Housing, Lap, Vehicle, Cash Credit, GST Loan from Nationalized Bank on Commission basis. Send resume at :
rajugandhi009@gmail.com

**ଡ୍ରାଇଭର/ଷ୍ଟାଫ୍ ଆବଶ୍ୟକ**
ଭୁବନେଶ୍ୱରରେ କନ୍‌ଷ୍ଟ୍ରକ୍ସନ ଅଫିସ୍‌ରେ କାର୍ଯ୍ୟ ପାଇଁ **Experience Manager, Accountant, Data Entry Operator, Driver, Cooker** ଓ ଅନ୍ୟାନ୍ୟ ଷ୍ଟାଫ୍ ଆବଶ୍ୟକ। ରହିବା, ଖାଇବା ପାଇଁ ସୁବିଧା ଅଛି।
ଯୋଗାଯୋଗ: **9937499625**

**ପୂର୍ବ ତଟ ରେଳପଥ**
ନିଲାମ କ୍ୟାଟଲଗ୍ ନଂ. NFR-KUR-WC-PRDP
ଲଟ୍ ନଂ./ବର୍ଗ: MSS-KUR-PRDP-BOXNWC-108-26-4 (Misc-Static-Services-BOXN Wagon Cleaning)
ବିବରଣୀ : ପାରାଦୀପ ୟାର୍ଡ ଠାରେ ଅବଶିଷ୍ଟ ଅଳିଆ (Residual Waste) ସଫେଇ ଏବଂ ନିଷ୍କାଶ କରିବା ନିମନ୍ତେ ୱାଗନ ସଫେଇ ଚୁକ୍ତି। କାର୍ଯ୍ୟର ପରିସର ହେଉଛି ଲାଇସେନ୍ସଧାରୀ ଦ୍ୱାରା ୱାଗନଗୁଡ଼ିକ ଭିତରେ ଥିବା ଅବଶିଷ୍ଟ ସାମଗ୍ରୀ / ଡର୍ବି (Derbies) ଗୁଡ଼ିକର ସଫେଇ/ଅପସାରଣ କରିବା, ଯେତେବେଳେ କି ଏହି ରେକ୍‌ଗୁଡ଼ିକ ପ୍ରସ୍ଥାନ ପୂର୍ବରୁ ଷ୍ଟେସନ ୟାର୍ଡ / ପରିକ୍ଷଣ ୟାର୍ଡ ଠାରେ ଉପଲବ୍ଧ ହେଉଥିବ। ଲାଇସେନ୍ସଧାରୀଙ୍କ ଦ୍ୱାରା ସଫେଇ କରିବା ସମୟରେ ମିଳୁଥିବା ଏହିପରି ଅବଶିଷ୍ଟ ସାମଗ୍ରୀକୁ ଲାଇସେନ୍ସଧାରୀଙ୍କ ସାମଗ୍ରୀ ଭାବେ ବିବେଚିତ କରାଯିବ।
ନିଲାମ ଆରମ୍ଭ ତାରିଖ ଓ ସମୟ : ତା.27.02.2026 ରିଖ 1100 ଘଟିକାରେ, ନିଲାମ ବନ୍ଦ ହେବା ତାରିଖ ଓ ସମୟ : ତା.27.02.2026ରିଖ 1130 ଘଟିକାରେ।
ସମ୍ପୂର୍ଣ୍ଣ ବିବରଣୀ ୱେବସାଇଟ www.ireps.gov.inରେ ଉପଲବ୍ଧ।
ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ୍
PR-1126/Q/25-26

**ଆବଶ୍ୟକ**
15,000 ଟଙ୍କା ପର୍ଯ୍ୟନ୍ତ ରୋଜଗାର କରନ୍ତୁ, ରାପିଡୋରେ ଆଜି ଯୋଗ ଦିଅନ୍ତୁ। ଆବଶ୍ୟକତା : ଡିଏଲ୍, ବାଇକ୍, ଆଧାର କିମ୍ବା ପାନ୍ ତୁରନ୍ତ। ଯୋଗଦେବା ଉପଲବ୍ଧ, ଏବେ ଯୋଗଦେବାକୁ କଲ୍ କରନ୍ତୁ – 08071934927।

Admissions Open Nursery to Class VIII
**TEACHERS REQUIRED**
Walk-in with resume on 27th and 28th February 2026, 10 AM-2 PM
at Deb International School, Dehurda, Bhograi, Balasore
**Contact:**
**9938522033, 9938558877**

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER NATIONAL HIGHWAY DIVISION, BERHAMPUR**
No. 24001/36/2526 Email Id: eenhbam@gmail.com
**INVITATIONS FOR BIDS (IFB) {e-Procurement}**
**Bid Identification No. SE-NH-BAM/12/2025-26**
No. 866 Dated: 12.02.2026
1. The Superintending Engineer, N.H. Division, Berhampur on behalf of Governor of Odisha invites percentage rate bid in Double Cover system in ONLINE MODE from eligible contractors for construction of Road work as detailed in the table below.
2. Nature of Work : Road (Drain)
3. No. of Work : 1 No.
4. Tender Cost : Rs.10,000/-
5. Class of Contractor : 'B' Class
6. Availability of Bid document in portal : 11.00 A.M. of 20.02.2026 to 05.30 P.M. of 07.03.2026
7. Date of Opening of Bid : 09.03.2026 at 11.30 A.M.
8. The bidders have to participate in ONLINE bidding only. Further details can be seen from the website **https://tenderssorissa.gov.in**.
9. Any Corrigendum/Addendum/Cancellation of will be displayed in the e-tender website only.
Sd./- Superintending Engineer
NH Division, Berhampur
OIPR-24001/24415/1/25-26/0009

**See Career Appointment on every Wednesday & Saturday**

**WANTED**
Wanted male To male massage therapists for spa centre at Bhubaneswar. Age limit 20yrs to 25yrs. Contact: **9861550765**

**ଦ.ପୂ. ରେଳପଥ – ଟେଣ୍ଡର**
ଟେଣ୍ଡର ବିଜ୍ଞପ୍ତି ନଂ.: ଇ-ଟେଣ୍ଡର/୨୦୨୬/୦୭, ତାରିଖ: ୧୬।୦୨।୨୦୨୬। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳପଥ ପ୍ରବନ୍ଧକ (ଇଏନ୍‌ଜିକି.), ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର-୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟ ପାଇଁ ସମ୍ପୃକ୍ତ ସାମଗ୍ରୀ ନିମନ୍ତେ ଦର୍ଶାଯାଇଥିବା ତାରିଖର ୧୫.୦୦ ଘଟିକା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି, ଯାହା ୧୫.୩୦ ଘଟିକାରେ ଖୋଲାଯିବ । କ୍ର.ସଂ.-୧ । ଟେଣ୍ଡର ନଂ.: ଇ-କେଜିପି-ଇଷ୍ଟ-୧୧-୨୦୨୬ । କାର୍ଯ୍ୟର ବର୍ଣ୍ଣନା: ବରିଷ୍ଠ ଡିଇଏନ୍ (ପୂର୍ବ)/ଖଡ଼ଗପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ଖଡ଼ଗପୁର ମଣ୍ଡଳରେ ଟ୍ରାକ୍ ନବୀକରଣ ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ସଂକ୍ରାନ୍ତରେ ଆଇଆର୍ ବିନିର୍ଦ୍ଦିଷ୍ଟତା ଅନୁଯାୟୀ ଆରଡିଏସଓ ଦ୍ୱାରା ଅନୁମୋଦିତ ହୋଇଥିବା ଅନୁସାରେ ୬୦ କିଗ୍ରା/୯୦ ୟୁଟିଏସ୍ (୧୦୦୦ ଗୋଟି), ୬୦ କିଗ୍ରା/୬୦ଇଆଇ-ଆର୍୨୬୦ ଗ୍ରେଡ୍ ରେଲ୍ (୮୪୫୩ ଗୋଟି)ର ଆଲୁମିନୋ ଥର୍ମିକ୍ ୱେଲ୍ଡିଂ ଅଂଶର ନିର୍ମାଣ ଏବଂ ଯୋଗାଣ ଏବଂ ସିଙ୍ଗଲ୍ ଶଟ୍ କ୍ରୁସିବଲ୍ ସହ ୱେଲ୍ଡିଂ ଇନ୍-ସିଟୁ । (ମୋଟ ୯୪୫୩ ଜଏଣ୍ଟ)। ଟେଣ୍ଡର ମୂଲ୍ୟ: ₹୨,୧୩,୭୧,୪୪୬.୩୮; ଅମାନତ ରାଶି: ₹୨,୫୬,୯୦୦। କ୍ର.ସଂ.-୨ । ଟେଣ୍ଡର ନଂ.: ଇ-କେଜିପି-ୱେଷ୍ଟ-୦୫-୨୦୨୬ । କାର୍ଯ୍ୟର ବର୍ଣ୍ଣନା: ଗିରିମଇଦାନ, ଗୋକୁଳପୁର ଏବଂ ରାଖାମାଇନ୍ସ: ଡିଇଏନ୍/ପଶ୍ଚିମ/ଖଡ଼ଗପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ପ୍ଲାଟଫର୍ମର ସମ୍ପ୍ରସାରଣ, ଉତ୍ଥାନ, ରିସରଫେସିଂ ଏବଂ ଅନ୍ୟାନ୍ୟ ସୁବିଧାଗୁଡ଼ିକର ବ୍ୟବସ୍ଥା କରିବା । ଟେଣ୍ଡର ମୂଲ୍ୟ: ₹୫,୯୫,୮୮,୫୬୮.୮୫; ଅମାନତ ରାଶି: ₹୪,୪୮,୦୦୦ । କ୍ର.ସଂ.-୩ । ଟେଣ୍ଡର ନଂ.: ଇ-କେଜିପି-ୱେଷ୍ଟ-୦୬-୨୦୨୬ । କାର୍ଯ୍ୟର ବର୍ଣ୍ଣନା: ଏଡିଇଏନ୍/ପଶ୍ଚିମ/ଖଡ଼ଗପୁରଙ୍କ କ୍ଷେତ୍ରାଧିକାର ଅଧୀନରେ କଲେଇକୁଣ୍ଡା, ଗୋକୁଳପୁର ଓ ଖଡ଼ଗପୁର ଷ୍ଟେଶନ ନିକଟସ୍ଥ ଏଲ୍‌ସି ନଂ. ୬୦, ୧୩୯ଏ ଏବଂ ୧୨୯ଏଠାରେ ବିଦ୍ୟମାନ ସବ୍‌ୱେକୁ ସୁଧାରିବା ଓ ଉନ୍ନତ କରିବା । ଟେଣ୍ଡର ମୂଲ୍ୟ: ₹୨,୩୨,୪୬,୬୭୧.୭୩; ଅମାନତ ରାଶି: ₹୨,୬୬,୨୦୦ । ଟେଣ୍ଡର ଦସ୍ତାବିଜ ମୂଲ୍ୟ: ₹୦ (କ୍ର.ସଂ. ୧ରୁ ୩ ପାଇଁ ପ୍ରତ୍ୟେକ)। ଖୋଲାଯିବା ତାରିଖ: ତା୦୬।୦୩।୨୦୨୬ରିଖ (କ୍ର.ସଂ. ୧ ପାଇଁ) ଏବଂ ତା୦୯।୦୩।୨୦୨୬ରିଖ (କ୍ର.ସଂ. ୨ ଓ ୩ ପାଇଁ)। କାର୍ଯ୍ୟର ସମାପ୍ତି ଅବଧି: ୧୨ ମାସ (କ୍ର.ସଂ. ୧ରୁ ୩ ପାଇଁ ପ୍ରତ୍ୟେକ) । ବିଡିଂ ଆରମ୍ଭ ତାରିଖ: ତା୨୦।୦୨।୨୦୨୬ରିଖରୁ ତା୦୬।୦୩।୨୦୨୬ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ (କ୍ର.ସଂ. ୧ ପାଇଁ) ଏବଂ ତା୨୩।୦୨।୨୦୨୬ରିଖରୁ ତା୦୯।୦୩।୨୦୨୬ରିଖ ୧୫.୦୦ ଘଟିକା କ୍ର.ସଂ. ୨ରୁ ୩ ପାଇଁ)। ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ ବର୍ଣ୍ଣନା/ ବିନିର୍ଦ୍ଦିଷ୍ଟତା ପାଇଁ ତଥା ଅନ୍‌ଲାଇନ୍‌ରେ ନିଜର ବିଡ୍ ଦାଖଲ କରିବା ଲାଗି ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର.: ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି । (PR-1199)

ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ, ଭଦ୍ରକ ବନ୍ୟପ୍ରାଣୀ ବନଖଣ୍ଡ, ଚାନ୍ଦବାଲି
**OFFICE OF THE DIVISIONAL FOREST OFFICER, BHADRAK WILDLIFE DIVISION**
At/P.O./P.S.: Chandbali, District: Bhadrak, PIN - 756133
Phone/Fax: 06786-220472, Mob.: +91-9437041541, Email: dfo.bhadrakwl@odisha.gov.in
**e-Procurement Notice**
No. 8001/82/2526 Bids Identification No. DFO-BDK-02/2025-26
Office Order No. 33-1F-431/2025, Dated: Chandbali the 16th Feburary, 2026
1. Name of Works : Construction of "Safe Bathing Ghat"
2. No. of Work : 03 (Three)
3. Approximate estimated cost : 10.41 lakh
4. Class of Contractor : "C" & "D" Class (As per Annexure)
5. Period of Completion : 15 (Fifteen) days
6. Tender Paper Cost : Rs.4,000/-, towards cost of bid as mentioned in Annexure
7. Date & time of availability of bid document in the portal : Dt.17.02.2026 at 11.00 A.M.
8. Last date/time for receipt of bid in the portal : Dt.23.02.2026 upto 11.00 A.M.
9. Date of Opening Bid : Dt.23.02.2026 at 03.00 P.M.
10. Name and address of the Office Inviting Bid : Divisional Forest Officer, Bhadrak Wildlife Division, Chandbali
11. The bidders have to participate in ONLINE bidding only.
12. All other details can be seen from the e-procurement portal https:/www.tendersodisha.gov.in.
Sd./- Divisional Forest Officer
Bhadrak (WL) Division
OIPR-8001/8079/1/25-26/0001

**भारतीय प्रौद्योगिकी संस्थान भुवनेश्वर**
**INDIAN INSTITUTE OF TECHNOLOGY BHUBANESWAR**
No.IITBBS/Advt. 25-26/01
**AUCTION NOTICE / नीलामी सूचना**
(IITBBS/Horticulture/Auction/2025-26/01, DATED: 17.02.2026)
Auction Notice for Collection of Cashew Nuts from IIT Bhubaneswar Argul Campus and IIT Bhubaneswar BoBCO Centre, Laudigaon, Konsi, Berhampur.
ଆଇଆଇଟି ଭୁବନେଶ୍ୱର ଅରଗୁଳ କ୍ୟାମ୍ପସ୍ ଏବଂ ଆଇଆଇଟି ଭୁବନେଶ୍ୱର ବବକୋ ସେଣ୍ଟର, ଲଉଡିଗାଁ, କନିସି, ବ୍ରହ୍ମପୁରରୁ କାଜୁ ବାଦାମ ସଂଗ୍ରହ ପାଇଁ ନିଲାମ ବିଜ୍ଞପ୍ତି।
Date and time of Auction : **03.03.2026 (Tuesday) @ 11.00 A.M.**
Auction Notice is available at **www.iitbbs.ac.in**.
Please keep visiting our website for any further corrigendum/amendments.
Sd./- Registrar

**Government of Odisha**
**Office of the Executive Engineer, Rural Works Division-II, Nabarangpur, Umerkote**
No.25001/132/2526
e-mail: eerwukt@gmail.com & eerwukt@ymail.com
Letter No.617, Date:09.02.2026
**GePNIC e-Procurement Notice**
1. Name of the Work: Road Works, 2. Total No.of works: 02 (Two) Nos., 3. Approx. Estimated Cost: Varies from 5.71 Lakhs to 14.61 Lakhs, 4. Class of Contractor: "C" & "D" Class of Contractor, 5. Period of Completion: As per TCN.

| Procurement Officer | Bid Identification No. | Availability of tender online for bidding | | Last Date & Time of Seeking Tender Clarification | Date & Time of Opening of Tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, R.W. Division-II, Nabarangpur, Umerkote | Online Tender/20/ RWD-UKT/ 2025-26 | 16.02.2026 at 11.00 AM | 23.02.2026 upto 5.00 P.M. | 21.02.2026 at 01.00 PM | 24.02.2026 at 11.00 AM |

Further details can be seen from the Government website www.tendersodisha.gov.in
Sd./- Executive Engineer, Rural Works Division-II, Nabarangpur, Umerkote
OIPR-25001/25103/1/25-26/0001

**वरीय पुलिस अधीक्षक का कार्यालय, राँची**
सर्वसाधारण के लिए सूचना



नाम–सुकमति मुण्डा, उम्र–32 वर्ष, साथ में सुपुत्र सत्यम कुमार, उम्र–03 वर्ष,
उँचाई–4 फीट, 8 ईंच, रंग–साँवला,
पहनावा–सफेद रंग का सलवार सूट पहनी हुई है।

उपरोक्त लापता महिला सुकमति मुण्डा, उम्र–32 वर्ष, साथ में सुपुत्र सत्यम कुमार, उम्र–03 वर्ष, पति–दिपक कुमार, पता–गाड़ीगाँव, जिला–राँची जो दिनांक–29.01.2026 को घर से बगैर बताए कहीं चली जो आजतक अपने घर वापस नहीं आई है। जिसके संबंध में खेलगाँव थाना सनहा संख्या–11/2026, दिनांक–02.02.2026 दर्ज कर इनकी खाजबीन की जा रही है। उपरोक्त सूचना को सार्वजनिक किया जाना आवश्यक है।

अतः सभी जनसाधारण से अनुरोध है कि यदि उपरोक्त लापता महिला कहीं मिलती/दिखती है तो इसके संबंध में वरीय पुलिस अधीक्षक के कार्यालय में या निम्नांकित फोन नम्बर पर संपर्क कर इसकी सूचना दें।
Email ID(rnc-dcb@jhpolice.gov.in)
पुलिस उपाधीक्षक, सदर, राँची। – 9431102090
थाना प्रभारी, खेलगाँव, राँची। – 9431706157
वरीय पुलिस अधीक्षक, राँची
PR 373157 Police(25-26).D



ସିବିଏସ୍ଇ ବୋର୍ଡ ପରୀକ୍ଷା ଆରମ୍ଭ: ମଙ୍ଗଳବାର ପୋଖରୀପୁଟ ଡିଏଭି ସ୍କୁଲ ପରୀକ୍ଷା କେନ୍ଦ୍ରକୁ ପ୍ରବେଶ ପାଇଁ ଛାତ୍ରୀମାନେ ଧାଡ଼ିରେ ଠିଆ ହୋଇଛନ୍ତି।



କେନ୍ଦ୍ରୀୟ ବିଦ୍ୟାଳୟ-୧ ପରୀକ୍ଷା କେନ୍ଦ୍ରରୁ ପରୀକ୍ଷା ଦେଇସାରି ଛାତ୍ରୀଛାତ୍ର ଫେରୁଛନ୍ତି।

## ଶ୍ରୀଲିଙ୍ଗରାଜଙ୍କ ହାଣ୍ଡିଭଙ୍ଗା ଯାତ୍ରା ପ୍ରସଙ୍ଗ

# ବୈଠକକୁ ଆସିଲେନି ୨ ନିଯୋଗ ସେବାୟତ

8. Last date/time for receipt of bid in the portal : Dt.23.02.2026 upto 11.00 A.M.
9. Date of Opening Bid : Dt.23.02.2026 at 03.00 P.M.
10. Name and address of the Office Inviting Bid : Divisional Forest Officer, Bhadrak Wildlife Division, Chandbali
11. The bidders have to participate in ONLINE bidding only.
12. All other details can be seen from the e-procurement portal **https:/www.tendersodisha.gov.in**.
Sd./- Divisional Forest Officer
Bhadrak (WL) Division
OIPR-8001/8079/1/25-26/0001

**Government of Odisha** No.25001/132/2526
**Office of the Executive Engineer, Rural Works Division-II, Nabarangpur, Umerkote**
e-mail: eerwukt@gmail.com & eerwukt@ymail.com
Letter No.617, Date:09.02.2026
**GePNIC e-Procurement Notice**
1. Name of the Work: Road Works, 2. Total No.of works: 02 (Two) Nos., 3. Approx. Estimated Cost: Varies from 5.71 Lakhs to 14.61 Lakhs, 4. Class of Contractor: "C" & "D" Class of Contractor, 5. Period of Completion: As per TCN.

| Procurement Officer | Bid Identification No. | Availability of tender online for bidding | | Last Date & Time of Seeking Tender Clarification | Date & Time of Opening of Tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, R.W. Division-II, Nabarangpur, Umerkote | Online Tender/20/ RWD-UKT/ 2025-26 | 16.02.2026 at 11.00 AM | 23.02.2026 upto 5.00 P.M. | 21.02.2026 at 01.00 PM | 24.02.2026 at 11.00 AM |

Further details can be seen from the Government website www.tendersodisha.gov.in
Sd./- Executive Engineer, Rural Works Division-II, Nabarangpur, Umerkote
OIPR-25001/25103/1/25-26/0001

**PARADIP PORT AUTHORITY**
HARBOUR WORKS DIVISION No.I,
**e-TENDER CALL NOTICE**
e-TCN No.CE/HWDI/ACCTS-12/25/54, dtd.13.02.2026
Name of the work : "Development of New Plot adjacent to the MCHP plot near BoT Railway bulb towards Gate No.1 inside Harbour area". Put to tender value: Rs.5,47,40,515.26 plus GST as applicable. Last date & time of submission of tender through online bidding is 09.03.2026 up to 17:15 Hrs. For details, please log on to the Website: https://eprocure.gov.in/eprocure/app.
Executive Engineer,
Harbour Works Division No.I, PPA.
PPA/PR/68/2025-2026, dt.16/02/2026

**ପୂର୍ବ ତଟ ରେଳପଥ**
ନିଲାମ କ୍ୟାଟଲଗ୍ ନଂ. NFR-KUR-WC-PRDP
ଲଟ୍ ନଂ./ବର୍ଗ: MSS-KUR-PRDP-BOXNWC-108-26-4 (Misc-Static-Services-BOXN Wagon Cleaning)
ବିବରଣୀ : ପାରାଦୀପ ଯାର୍ଡ ଠାରେ ଅବଶିଷ୍ଟ ଅଳିଆ (Residual Waste) ସଫେଇ ଏବଂ ନିଷ୍କାଶ କରିବା ନିମନ୍ତେ ୱାଗନ ସଫେଇ ଚୁକ୍ତି। କାର୍ଯ୍ୟର ପରିସର ହେଉଛି ଲାଇସେନ୍ସଧାରୀ ଦ୍ୱାରା ୱାଗନଗୁଡ଼ିକ ଭିତରେ ଥିବା ଅବଶିଷ୍ଟ ସାମଗ୍ରୀ / ଡର୍ବି (Derbies) ଗୁଡ଼ିକର ସଫେଇ/ଅପସାରଣ କରିବା, ଯେତେବେଳେ କି ଏହି ରେକ୍ଗୁଡ଼ିକ ପ୍ରସ୍ଥାନ ପୂର୍ବରୁ ଷ୍ଟେସନ ଯାର୍ଡ / ପରିକ୍ଷଣ ଯାର୍ଡ ଠାରେ ଉପଲବ୍ଧ ହେଉଥିବ। ଲାଇସେନ୍ସଧାରୀଙ୍କ ଦ୍ୱାରା ସଫେଇ କରିବା ସମୟରେ ମିଳୁଥିବା ଏହିପରି ଅବଶିଷ୍ଟ ସାମଗ୍ରୀକୁ ଲାଇସେନ୍ସଧାରୀଙ୍କ ସାମଗ୍ରୀ ଭାବେ ବିବେଚିତ କରାଯିବ।
ନିଲାମ ଆରମ୍ଭ ତାରିଖ ଓ ସମୟ : ତା.27.02.2026 ରିଖ 1100 ଘଟିକାରେ, ନିଲାମ ବନ୍ଦ ହେବା ତାରିଖ ଓ ସମୟ : ତା.27.02.2026ରିଖ 1130 ଘଟିକାରେ।
ସମ୍ପୂର୍ଣ୍ଣ ବିବରଣୀ ୱେବସାଇଟ www.ireps.gov.inରେ ଉପଲବ୍ଧ।
ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ଼
PR-1126/Q/25-26

**ଦ.ପୂ. ରେଳପଥ – ଟେଣ୍ଡର**
ଟେଣ୍ଡର ବିଜ୍ଞପ୍ତି ନଂ.: ଇ-ଟେଣ୍ଡର/୨୦୨୬/୦୭, ତାରିଖ: ୧୬ା୦୨ା୨୦୨୬। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳପଥ ପ୍ରବନ୍ଧକ (ଇଏନ୍ଜି.), ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର-୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟ ପାଇଁ ସମ୍ପୃକ୍ତ ସାମଗ୍ରୀ ନିମନ୍ତେ ଦର୍ଶାଯାଇଥିବା ତାରିଖର **୧୫.୦୦ ଘଟିକା ପୂର୍ବରୁ** ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି, ଯାହା **୧୫.୩୦ ଘଟିକାରେ ଖୋଲାଯିବ । କ୍ର.ସଂ.-୧ । ଟେଣ୍ଡର ନଂ.: ଇ-କେଜିପି-ଇଷ୍ଟ-୧୧-୨୦୨୬ । କାର୍ଯ୍ୟର ବର୍ଣ୍ଣନା:** ବରିଷ୍ଠ ଡିଇଏନ୍ (ପୂର୍ବ)/ଖଡ଼ଗପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ଖଡ଼ଗପୁର ମଣ୍ଡଳରେ ଟ୍ରାକ୍ ନବୀକରଣ ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ସଂକ୍ରାନ୍ତରେ ଆଇଆର୍ ବିନିର୍ଦ୍ଦିଷ୍ଟତା ଅନୁଯାୟୀ ଆରଡିଏସଓ ଦ୍ୱାରା ଅନୁମୋଦିତ ହୋଇଥିବା ଅନୁସାରେ ୬୦ କିଗ୍ରା/୯୦ ୟୁଟିଏସ୍ (୧୦୦୦ ଗୋଟି), ୬୦ କିଗ୍ରା/୬୦ଇଆଇ-ଆର୍୨୬୦ ଗ୍ରେଡ୍ ରେଲ (୮୪୫୩ ଗୋଟି)ର ଆଲୁମିନୋ ଥର୍ମିକ୍ ୱେଲ୍ଡିଂ ଅଂଶର ନିର୍ମାଣ ଏବଂ ଯୋଗାଣ ଏବଂ ସିଙ୍ଗଲ୍ ଶଟ୍ କ୍ରୁସିବଲ୍ ସହ ୱେଲ୍ଡିଂ ଇନ୍-ସିଟୁ । (ମୋଟ ୯୪୫୩ ଜଏଣ୍ଟ)। **ଟେଣ୍ଡର ମୂଲ୍ୟ:** ₹୨,୧୩,୭୧,୪୪୬.୩୮; **ଅମାନତ ରାଶି:** ₹୨,୫୬,୯୦୦। **କ୍ର.ସଂ.-୨ । ଟେଣ୍ଡର ନଂ.: ଇ-କେଜିପି-ୱେଷ୍ଟ-୦୫-୨୦୨୬ । କାର୍ଯ୍ୟର ବର୍ଣ୍ଣନା:** ଗିରିମଇଦାନ, ଗୋକୁଳପୁର ଏବଂ ରାଖାମାଇନ୍ସ: ଡିଇଏନ୍/ପଶ୍ଚିମ/ଖଡ଼ଗପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ପ୍ଲାଟ୍ଫର୍ମର ସମ୍ପ୍ରସାରଣ, ଉତ୍ଥାନ, ରିସର୍ଫେସିଂ ଏବଂ ଅନ୍ୟାନ୍ୟ ସୁବିଧାଗୁଡ଼ିକର ବ୍ୟବସ୍ଥା କରିବା । **ଟେଣ୍ଡର ମୂଲ୍ୟ:** ₹୫,୯୫,୮୮,୫୭୮.୮୫; **ଅମାନତ ରାଶି:** ₹୪,୪୮,୦୦୦ । **କ୍ର.ସଂ.-୩ । ଟେଣ୍ଡର ନଂ.: ଇ-କେଜିପି-ୱେଷ୍ଟ-୦୬-୨୦୨୬ । କାର୍ଯ୍ୟର ବର୍ଣ୍ଣନା:** ଏଡିଇଏନ୍/ପଶ୍ଚିମ/ଖଡ଼ଗପୁରଙ୍କ କ୍ଷେତ୍ରାଧିକାର ଅଧୀନରେ କଲେଇକୁଣ୍ଡା, ଗୋକୁଳପୁର ଓ ଖଡ଼ଗପୁର ଷ୍ଟେଶନ ନିକଟସ୍ଥ ଏଲସି ନଂ. ୬୦, ୧୩୯ଏ ଏବଂ ୧୨୯ଏଠାରେ ବିଦ୍ୟମାନ ସବ୍ୱେକୁ ସୁଧାରିବା ଓ ଉନ୍ନତ କରିବା । **ଟେଣ୍ଡର ମୂଲ୍ୟ:** ₹୨,୩୨,୪୬,୬୭୧.୭୩; **ଅମାନତ ରାଶି:** ₹୨,୬୬,୨୦୦ । **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ₹୦ (କ୍ର.ସଂ. ୧ରୁ ୩ ପାଇଁ ପ୍ରତ୍ୟେକ)। **ଖୋଲାଯିବା ତାରିଖ:** ତା୦୬ା୦୩ା୨୦୨୬ରିଖ (କ୍ର.ସଂ. ୧ ପାଇଁ) ଏବଂ ତା୦୯ା୦୩ା୨୦୨୬ରିଖ (କ୍ର.ସଂ. ୨ ଓ ୩ ପାଇଁ)। **କାର୍ଯ୍ୟର ସମାପ୍ତି ଅବଧି:** ୧୨ ମାସ (କ୍ର.ସଂ. ୧ରୁ ୩ ପାଇଁ ପ୍ରତ୍ୟେକ) । **ବିଡିଂ ଆରମ୍ଭ ତାରିଖ:** ତା୨୦ା୦୨ା୨୦୨୬ରିଖରୁ ତା୦୬ା୦୩ା୨୦୨୬ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ (କ୍ର.ସଂ. ୧ ପାଇଁ) ଏବଂ ତା୨୩ା୦୨ା୨୦୨୬ରିଖରୁ ତା୦୯ା୦୩ା୨୦୨୬ରିଖ ୧୫.୦୦ ଘଟିକା କ୍ର.ସଂ. ୨ରୁ ୩ ପାଇଁ)। ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ ବର୍ଣ୍ଣନା/ ବିନିର୍ଦ୍ଦିଷ୍ଟତା ପାଇଁ ତଥା ଅନ୍ଲାଇନ୍ରେ ନିଜର ବିଡ୍ ଦାଖଲ କରିବା ଲାଗି ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । **ବି.ଦ୍ର.:** ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ **www.ireps.gov.in** ପରିଦର୍ଶନ କରିପାରନ୍ତି। (PR-1199)

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**REQUIRED**
Required **MARKETING STAFF** for Housing, Lap, Vehicle, Cash Credit, GST Loan from Nationalized Bank on Commission basis. Send resume at :
**rajugandhi009@gmail.com**

**ଡ୍ରାଇଭର/ଷ୍ଟାଫ୍ ଆବଶ୍ୟକ**
ଭୁବନେଶ୍ୱରରେ କନ୍ଷ୍ଟ୍ରକ୍ସନ ଅଫିସ୍ରେ କାର୍ଯ୍ୟ ପାଇଁ **Experience Manager, Accountant, Data Entry Operator, Driver, Cooker** ଓ ଅନ୍ୟାନ୍ୟ ଷ୍ଟାଫ୍ ଆବଶ୍ୟକ। ରହିବା, ଖାଇବା ପାଇଁ ସୁବିଧା ଅଛି।
ଯୋଗାଯୋଗ: **9937499625**

**ଆବଶ୍ୟକ**
15,000 ଟଙ୍କା ପର୍ଯ୍ୟନ୍ତ ରୋଜଗାର କରନ୍ତୁ, ରାପିଡୋରେ ଆଜି ଯୋଗ ଦିଅନ୍ତୁ। ଆବଶ୍ୟକତା : ଡିଏଲ୍, ବାଇକ୍, ଆଧାର କିମ୍ବା ପାନ୍ ତୁରନ୍ତ। ଯୋଗଦେବା ଉପଲବ୍ଧ, ଏବେ ଯୋଗଦେବାକୁ କଲ୍ କରନ୍ତୁ – 08071934927।

Admissions Open Nursery to Class VIII
**TEACHERS REQUIRED**
Walk-in with resume on 27th and 28th February 2026, 10 AM-2 PM
at Deb International School, Dehurda, Bhograi, Balasore
**Contact:**
**9938522033, 9938558877**

See Career Appointment on every **Wednesday & Saturday**

**WANTED**
Wanted male To male massage therapists for spa centre at Bhubaneswar. Age limit 20yrs to 25yrs. Contact: **9861550765**

भारतीय प्रौद्योगिकी संस्थान भुवनेश्वर
**INDIAN INSTITUTE OF TECHNOLOGY BHUBANESWAR**
No.IITBBS/Advt. 25-26/01
**AUCTION NOTICE / नीलामी सूचना**
(IITBBS/Horticulture/Auction/2025-26/01, DATED: 17.02.2026)
Auction Notice for Collection of Cashew Nuts from IIT Bhubaneswar Argul Campus and IIT Bhubaneswar BoBCO Centre, Laudigaon, Konsi, Berhampur.
ଆଇଆଇଟି ଭୁବନେଶ୍ୱର ଅରଗୁଳ କ୍ୟାମ୍ପସ୍ ଏବଂ ଆଇଆଇଟି ଭୁବନେଶ୍ୱର ବବକୋ ସେଣ୍ଟର, ଲଉଡିଗାଁ, କନିସି, ବ୍ରହ୍ମପୁରରୁ କାଜୁ ବାଦାମ ସଂଗ୍ରହ ପାଇଁ ନିଲାମ ବିଜ୍ଞପ୍ତି।
Date and time of Auction : **03.03.2026 (Tuesday) @ 11.00 A.M.**
Auction Notice is available at **www.iitbbs.ac.in**.
Please keep visiting our website for any further corrigendum/amendments.
Sd./- Registrar

**वरीय पुलिस अधीक्षक का कार्यालय, राँची**
सर्वसाधारण के लिए सूचना

नाम–सुकमति मुण्डा, उम्र–32 वर्ष, साथ में सुपुत्र सत्यम कुमार, उम्र–03 वर्ष,
उँचाई–4 फीट, 8 ईंच, रंग–सॉवला,
पहनावा–सफेद रंग का सलवार सूट पहनी हुई है।
उपरोक्त लापता महिला सुकमति मुण्डा, उम्र–32 वर्ष, साथ में सुपुत्र सत्यम कुमार, उम्र–03 वर्ष, पति–दिपक कुमार, पता–गाड़ीगॉव, जिला–रॉंची जो दिनांक–29.01.2026 को घर से बगैर बताए कहीं चली जो आजतक अपने घर वापस नहीं आई है। जिसके संबंध में खेलगॉव थाना सनहा संख्या–11/2026, दिनांक–02.02.2026 दर्ज कर इनकी खाजबीन की जा रही है। उपरोक्त सूचना को सार्वजनिक किया जाना आवश्यक है।
अतः सभी जनसाधारण से अनुरोध है कि यदि उपरोक्त लापता महिला कहीं मिलती/दिखती है तो इसके संबंध में वरीय पुलिस अधीक्षक के कार्यालय में या निम्नांकित फोन नम्बर पर संपर्क कर इसकी सूचना दें।
**Email ID(rnc-dcb@jhpolice.gov.in)**
पुलिस उपाधीक्षक, सदर, राँची। – 9431102090
थाना प्रभारी, खेलगॉव, राँची। – 9431706157
वरीय पुलिस अधीक्षक, राँची
PR 373157 Police(25-26).D

# ଶୀର୍ଷସ୍ଥାନରେ ପହଞ୍ଚିବାକୁ ମାଟ୍ରିକ୍ ପରୀକ୍ଷା ପ୍ରଥମ ପାହାଚ

ଭୁବନେଶ୍ୱର,୧୭।୨ (ସୁଚିସ୍ମିତା ସାହୁ)

ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ୧୯ ତାରିଖରୁ ରାଜ୍ୟର ବିଭିନ୍ନ ପରୀକ୍ଷାକେନ୍ଦ୍ରରେ ବାର୍ଷିକ ହାଇସ୍କୁଲ, ରାଜ୍ୟ ମୁକ୍ତ ବିଦ୍ୟାଳୟ ଏବଂ ମଧ୍ୟମା ସଂସ୍କୃତ ସାର୍ଟିଫିକେଟ ପରୀକ୍ଷା ଆରମ୍ଭ ହେବାକୁ ଯାଉଛି। ଏହି ଉପଲକ୍ଷେ ସମସ୍ତ ପରୀକ୍ଷାର୍ଥୀଙ୍କୁ ରାଜ୍ୟ ସରକାରଙ୍କ ମୁଖ୍ୟ ସଚେତକ ସରୋଜ ପ୍ରଧାନ ଶୁଭେଚ୍ଛା ଜଣାଇବା ସହ ସଫଳତା କାମନା କରିଛନ୍ତି। ସେ କହିଛନ୍ତି, ମଣିଷ ଜୀବନରେ ପ୍ରତି ମୁହୂର୍ତ୍ତରେ ପରୀକ୍ଷାର ସମ୍ମୁଖୀନ ହେବାକୁ ପଡ଼େ। କିନ୍ତୁ ଛାତ୍ର ଜୀବନରେ ମାଟ୍ରିକ ପରୀକ୍ଷା ହେଉଛି ସଫଳତାର ଶୀର୍ଷସ୍ଥାନରେ ପହଞ୍ଚିବାକୁ ପ୍ରଥମ ପାହାଚ। ଦୃଢ଼ ଆତ୍ମବିଶ୍ୱାସ, ସକାରାତ୍ମକ ଭାବନା, ଐଶ୍ୱରିକ ଶକ୍ତି ବଳରେ ଛାତ୍ରୀଛାତ୍ରମାନେ ଅସାଧ୍ୟକୁ ସାଧନକରି ଏହି କଠିନ ପରୀକ୍ଷାର ସମ୍ମୁଖୀନ ହୁଅନ୍ତୁ ଏବଂ ସଫଳତା ଲାଭ କରନ୍ତୁ ଏହା ହିଁ ଆଶା କରୁଛି ବୋଲି ପ୍ରଧାନ କହିଛନ୍ତି।

# ଏବେଠୁ ବ୍ୟାପିଲାଣି ଜଙ୍ଗଲ ନିଆଁ

■ ୧୦୩୭ ସ୍ଥାନରେ ବନାଗ୍ନି
■ କୋରାପୁଟ ସର୍କଲରେ ସର୍ବାଧିକ

ଭୁବନେଶ୍ୱର,୧୭।୨(ବନ୍ଦନା ସେଠୀ)



ଖରାଦିନ ଆରମ୍ଭ ନ ହେଉଣୁ ରାଜ୍ୟର ବିଭିନ୍ନ ଜଙ୍ଗଲରେ ନିଆଁ ଲାଗିବା ଆରମ୍ଭ ହୋଇଗଲାଣି। ଚଳିତବର୍ଷ ଜାନୁଆରୀ ୧ରୁ ଫେବୃଆରୀ ୧୭ ମଧ୍ୟରେ ୧୦୩୭ଟି ସ୍ଥାନରେ ନିଆଁ ଲାଗିଛି। ଜାନୁଆରୀରେ ୩୪୧ଟି ସ୍ଥାନରେ ବନାଗ୍ନି ଦେଖାଦେଇଥିବାବେଳେ ଫେବୃଆରୀ ୧ରୁ ଅଦ୍ୟାବଧି ୧୭ ଦିନରେ ୬୯୬ଟି ସ୍ଥାନରେ ନିଆଁ ଲାଗିଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ଜାନୁଆରୀରୁ ଫେବୃଆରୀ ୧୭ ମଧ୍ୟରେ କୋରାପୁଟ ସର୍କଲର ସର୍ବାଧିକ ୫୩୫ଟି ସ୍ଥାନରେ ନିଆଁ ଲାଗିଥିବାବେଳେ ତନ୍ମଧ୍ୟରେ ନବରଙ୍ଗପୁର ଡିଭିଜନରେ ସର୍ବାଧିକ ୨୯୫ଟି ସ୍ଥାନରେ ବନାଗ୍ନି ଦେଖାଦେଇଛି। ସେହିପରି ବାରିପଦା ସର୍କଲର ୧୨୮ଟି ସ୍ଥାନରେ, ରାଉରକେଲା ସର୍କଲର ୯୮, ସମ୍ବଲପୁର ସର୍କଲର ୮୯, ଭବାନୀପାଟଣାର ୮୭, ବ୍ରହ୍ମପୁର ସର୍କଲର ୪୯, ଅନୁଗୋଳ ସର୍କଲର ୪୭ ଏବଂ ଭୁବନେଶ୍ୱର ସର୍କଲର ୬ଟି ସ୍ଥାନରେ ନିଆଁ ଲାଗିଛି। ଆଗକୁ ଏହି ସଂଖ୍ୟା ଆହୁରି ବଢ଼ିବା ନେଇ ଆଶଙ୍କା କରାଯାଉଛି।

ବନ ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ଅନୁଯାୟୀ, ୨୦୨୨ରେ ରାଜ୍ୟରେ ୨୮ ହଜାର ୭୫୫ଟି ସ୍ଥାନରେ ନିଆଁ ଲାଗିଥିଲା। ୨୦୨୩ରେ ୩୬ ହଜାର ୭୧୩ଟି, ୨୦୨୪ରେ ୨୨ ହଜାର ୮୬୮ଟି ଏବଂ ୨୦୨୫ରେ ୨୯ ହଜାର ୭୦୯ଟି ସ୍ଥାନରେ ନିଆଁ ଲାଗିଥିଲା। ଫାୟାର ଆକ୍ସନ ପ୍ଲାନ୍, ଫାୟାର ଲାଇନ୍ କିମ୍ବା ସଚେତନତା କିଛି ବି ଶତପ୍ରତିଶତ ସଫଳ ହୋଇପାରୁନାହିଁ। ଜଙ୍ଗଲ ନିଆଁକୁ ପ୍ରତିହତ କରିବା ପାଇଁ ବିଭାଗ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଥିବା କୁହାଯାଉଥିବାବେଳେ ତାହା ଯଥେଷ୍ଟ ହୋଇପାରୁନାହିଁ। ୨୦୨୪ ଅନୁପାତରେ ୨୦୨୫ରେ ଅଧିକ ଫାୟାର ପଏଣ୍ଟ ଚିହ୍ନଟ ହୋଇଥିଲା। ଓଡ଼ିଶାରେ ଜାନୁଆରୀରୁ ଜୁନ୍ ପର୍ଯ୍ୟନ୍ତ ସମୟକୁ ସାଧାରଣତଃ ବନାଗ୍ନି ଋତୁ ବା ଜଙ୍ଗଲ ନିଆଁ ଋତୁ ବୋଲି କୁହାଯାଇଥାଏ। ମାର୍ଚ୍ଚ–ଏପ୍ରିଲରେ ସବୁଠୁ ଅଧିକ ନିଆଁ ଲାଗିଥାଏ। ବର୍ଷ ଆରମ୍ଭରୁ ହିଁ ଏହି ସଂଖ୍ୟା ୧ ହଜାର ପାର୍ କରିସାରିଥିବାବେଳେ ମାର୍ଚ୍ଚ ବେଳକୁ ଫାୟାର ପଏଣ୍ଟ ସଂଖ୍ୟା ଗତବର୍ଷକୁ ବଳିବ ବୋଲି ଆଶଙ୍କା କରାଯାଉଛି। ସେହିପରି ଜଙ୍ଗଲ ମଧ୍ୟରେ ନିଆଁର ବ୍ୟାପ୍ତିକୁ ରୋକିବା ପାଇଁ ପ୍ରାୟ ୨୦,୪୬୧ କି.ମି. ଦୈର୍ଘ୍ୟର ଅଗ୍ନିରୋଧକ ରେଖା (ଫାୟାର ଲାଇନ୍) ସୃଷ୍ଟି କରାଯାଇଛି। ବନାଗ୍ନି ମୁକାବିଲା ପାଇଁ ବୈଷୟିକ କୌଶଳ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ପ୍ରାରମ୍ଭିକ ସ୍ତରରେ ନିଆଁକୁ ଚିହ୍ନଟ କରିବା ପାଇଁ ଏଆଇ ସଞ୍ଚାଳିତ କ୍ୟାମେରା ଏବଂ ଡ୍ରୋନ୍ ବ୍ୟବହାର କରାଯାଉଛି ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ମାତ୍ର ସାତକୋଶିଆ, ଢେଙ୍କାନାଳ ହିନ୍ଦୋଳ, ଅନୁଗୋଳର ବନ୍ତଲା, ଦେବ୍ରିଗଡ଼ ଭଳି ଜଙ୍ଗଲରେ ଏଆଇ କ୍ୟାମେରା ଲାଗିବା ନେଇ ପ୍ରସ୍ତାବ ରହିଥିଲେ ହେଁ ଆଜିଯାଏ ତାହା କାର୍ଯ୍ୟକାରୀ ହୋଇପାରିନାହିଁ। ଏଆଇ କ୍ୟାମେରା ଲାଗିଲେ ଜଙ୍ଗଲ ନିଆଁ ସମେତ ଜୀବଜନ୍ତୁ ଶିକାର, ଶିକାରୀଙ୍କ ଗତିବିଧି ଏବଂ ଅନ୍ୟାନ୍ୟ ଦିଗ ଉପରେ ସହଜରେ ଧ୍ୟାନ ଦେଇହେବ ବୋଲି ପରିବେଶବିତ୍‌ମାନଙ୍କ ମଧ୍ୟରେ ମତ ପ୍ରକାଶ ପାଇଛି।



୫ ଦଫା ଦାବିରେ ଓଡ଼ିଶା ଏସ୍ଏସ୍‌ଡି ଗେଷ୍ଟ ଟିଚର ଆସୋସିଏଶନ ପକ୍ଷରୁ ମଙ୍ଗଳବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଧାରଣା ।

# ଶାନ୍ତ ମନ ଓ ଆତ୍ମବିଶ୍ୱାସର ସହ ପରୀକ୍ଷା ଦିଅନ୍ତୁ: ଗଣଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର,୧୭।୨(ସୁଚିସ୍ମିତା ସାହୁ)

ଯୁକ୍ତ୨ ପରୀକ୍ଷା ଦେଉଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଶୁଭେଚ୍ଛା ଏବଂ ଅଭିନନ୍ଦନ ଜଣାଇଛନ୍ତି। ଏହି ପରୀକ୍ଷା ଆପଣମାନଙ୍କ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ। ଆପଣମାନଙ୍କର ଦୀର୍ଘଦିନର ପରିଶ୍ରମ, ନିଷ୍ଠା ଏବଂ ସଂକଳ୍ପ ନିଶ୍ଚିତ ଭାବେ ସଫଳତାରେ ପରିଣତ ହେବ ବୋଲି ମୋର ପୂର୍ଣ୍ଣ ଆଶା ଅଛି। ଶାନ୍ତ ମନ ଓ ଆତ୍ମବିଶ୍ୱାସର ସହ ସମସ୍ତେ ପରୀକ୍ଷା ଦିଅନ୍ତୁ। ରାଜ୍ୟ ସରକାରଙ୍କ ପକ୍ଷରୁ ପରୀକ୍ଷା ସୁଚାରୁ ରୂପେ ଆୟୋଜନ ପାଇଁ ସମସ୍ତ ପ୍ରସ୍ତୁତି କରାଯାଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା ସମସ୍ତେ ଭଲରେ ପରୀକ୍ଷା ଦିଅନ୍ତୁ। ପରୀକ୍ଷା ବୁଧବାରଠାରୁ ମାର୍ଚ୍ଚ ୨୮ ପର୍ଯ୍ୟନ୍ତ ଚାଲିବ। ରାଜ୍ୟର ୧୩୬୪ଟି ପରୀକ୍ଷା କେନ୍ଦ୍ରରେ ୪,୦୧,୬୨୩ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବେ ବୋଲି ମନ୍ତ୍ରୀ ଶୁଭେଚ୍ଛା ବାର୍ତ୍ତାରେ ଜଣାଇଛନ୍ତି।

# ଆହୁରି ୨ଦିନ ପ୍ରବଳ କୁହୁଡ଼ି

ଭୁବନେଶ୍ୱର,୧୭।୨(ବନ୍ଦନା ସେଠୀ)

୧୦ ଜିଲାକୁ ୟେଲୋ ୱାର୍ନିଂ

କୁହୁଡ଼ି ଆସ୍ତରଣରେ ରାଜ୍ୟର ଅଧିକାଂଶ ଅଞ୍ଚଳ। ରାଜ୍ୟରେ ଏବେ ସର୍ବନିମ୍ନ ତାପମାତ୍ରା ସାମାନ୍ୟ ହ୍ରାସ ପାଇଥିବାବେଳେ ମଙ୍ଗଳବାର ସକାଳୁ ରାଜ୍ୟର ବିଭିନ୍ନ ସ୍ଥାନ ସହ ଟୁଇନ୍ ସିଟି ଭୁବନେଶ୍ୱର ଓ କଟକରେ ଘନ କୁହୁଡ଼ି ଦେଖିବାକୁ ମିଳିଥିଲା। ପ୍ରାୟ ୫୦ ମିଟର ପର୍ଯ୍ୟନ୍ତ ଭିଜିବିଲିଟି ଶୂନ ରହିଥିଲା। ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ କୁହୁଡ଼ି ରହିଥିଲା। ରାସ୍ତାଘାଟ ଦିଶୁ ନ ଥିବାରୁ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଆଗାମୀ ୨ଦିନ ଧରି ଏଭଳି ସ୍ଥିତି ଲାଗିରହିବା ନେଇ ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି।

ବିଭାଗ ପକ୍ଷରୁ ଜାରି ହୋଇଥିବା ତଥ୍ୟ ଅନୁଯାୟୀ, ବୁଧବାର ଓ ଗୁରୁବାର କଟକ, ପୁରୀ, ଖୋର୍ଦ୍ଧା, ଗଞ୍ଜାମ, ଗଜପତି, ନୟାଗଡ଼, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଅନୁଗୋଳ ଏବଂ ଢେଙ୍କାନାଳରେ ଘନ କୁହୁଡ଼ି ଦେଖାଦେବା ନେଇ ୟେଲୋ ୱାର୍ନିଂ ଜାରି ହୋଇଛି। ସେହିପରି ଦକ୍ଷିଣ ଉପକୂଳ ଓଡ଼ିଶାର କିଛି ସ୍ଥାନରେ ସର୍ବନିମ୍ନ ତାପମାତ୍ରା ପ୍ରାୟ ୨ରୁ ୪ ଡିଗ୍ରୀ କମିଛି। ସେହିପରି ଉତ୍ତର ଉପକୂଳ ଓଡ଼ିଶା ଏବଂ ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ସର୍ବନିମ୍ନ ତାପମାତ୍ରା ପ୍ରାୟ ୨ରୁ ୩ ଡିଗ୍ରୀ ସେଲ୍‌ସିୟସ ହ୍ରାସ ପାଇଛି। ଅପରପକ୍ଷେ ଆଭ୍ୟନ୍ତରୀଣ ଓଡ଼ିଶାର ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ସ୍ୱାଭାବିକଠାରୁ ପ୍ରାୟ ୫ଡିଗ୍ରୀ କମ୍ ଥିବାବେଳେ ଓଡ଼ିଶାର ଅନେକ ସ୍ଥାନରେ ଏବଂ ଆଭ୍ୟନ୍ତରୀଣ ଓଡ଼ିଶାର କେତେକ ସ୍ଥାନରେ ସ୍ୱାଭାବିକଠାରୁ ପ୍ରାୟ ୨ରୁ ୩ ଡିଗ୍ରୀ ସର୍ବନିମ୍ନ ତାପମାତ୍ରା କମ୍ ରହିଥିଲା। ଏହାବାଦ୍ ରାଜ୍ୟର ଅନ୍ୟ ସ୍ଥାନରେ ତାପମାତ୍ରା ସ୍ୱାଭାବିକ ଥିବା ନେଇ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷେ ଆଗାମୀ ୨୪ ଘଣ୍ଟା ପରେ ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ପାଇପାରେ। ଗତ ୨୪ଘଣ୍ଟାରେ ପାହାଡ଼ିଆ ଅଞ୍ଚଳ ଭାବେ ଜି.ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୭.୮ ଡିଗ୍ରୀ ରହିଥିବାବେଳେ ସମତଳ ଅଞ୍ଚଳ ଭାବେ ଫୁଲବାଣୀ ଓ ରାଉରକେଲାରେ ୧୦ ଡିଗ୍ରୀ ଲେଖାଏ ଏବଂ ପାରଳାଖେମୁଣ୍ଡିରେ ସର୍ବାଧିକ ୩୫ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି।

# ସୁପ୍ରିୟା ପଣ୍ଡାଙ୍କୁ ‘ଜଗଦୀଶ କଥା ସମ୍ମାନ’

ଶାନ୍ତନୁ କୁମାର ନାୟକଙ୍କୁ ‘ଜଗଦୀଶ ଯୁବ ସମ୍ମାନ’

ଭୁବନେଶ୍ୱର, ୧୭।୨(ବନ୍ଦନା ସେଠୀ)




ଉତ୍ସବରେ ଅତିଥିଙ୍କ ସହ ସମ୍ମାନିତ ବ୍ୟକ୍ତିବିଶେଷ।

ଜଗଦୀଶ ମହାନ୍ତିଙ୍କ ସାହିତ୍ୟ ସାଧାରଣ କଥୋପକଥନ ଭଙ୍ଗୀରେ ରଚିତ। ତେଣୁ ତାଙ୍କ ଗପ ପଢ଼ିବା ବେଳେ ଆମେ ଆମର ଅତି ପରିଚିତ ଲୋକ ସହ କଥାବାର୍ତ୍ତା ହେବା ଭଳି ଲାଗିଥାଏ ବୋଲି ମତ ପ୍ରକାଶ ପାଇଛି। ମଙ୍ଗଳବାର ‘ଜଗଦୀଶ ମହାନ୍ତି ଟ୍ରଷ୍ଟ’ ତରଫରୁ ବୁଦ୍ଧମନ୍ଦିରଠାରେ ‘ଜଗଦୀଶ ଜୟନ୍ତୀ’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ କଥାକାର ସତ୍ୟ ମିଶ୍ର ଯୋଗଦେଇ ଜଗଦୀଶ ମହାନ୍ତିଙ୍କ ସୃଜନକୃତି ଓ ଜୀବନଚର୍ଯ୍ୟା ଉପରେ ସବିଶେଷ ଆଲୋଚନା କରିଥିଲେ। ଏହି ଅବସରରେ ଗାଳ୍ପିକା ସୁପ୍ରିୟା ପଣ୍ଡାଙ୍କୁ ଚଳିତବର୍ଷର ‘ଜଗଦୀଶ କଥା ସମ୍ମାନ’ ପ୍ରଦାନ କରାଯାଇଥିଲା। ପୁରସ୍କାର ବାବଦରେ ତାଙ୍କୁ ୧୦ହଜାର ଟଙ୍କା ଓ ସମ୍ମାନଫଳକ ପ୍ରଦାନ କରାଯାଇଥିଲା। ସେହିପରି ଯୁବ ଲେଖକଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଦିଆଯାଉଥିବା ୫ହଜାର ଟଙ୍କା ଅର୍ଥରାଶି ସମ୍ବଳିତ ‘ଜଗଦୀଶ ଯୁବ ସମ୍ମାନ’ ଗାଳ୍ପିକ ଶାନ୍ତନୁ କୁମାର ନାୟକଙ୍କୁ ପ୍ରଦାନ କରାଯାଇଥିଲା। ଉଭୟ ପୁରସ୍କୃତ ଲେଖକ ସେମାନଙ୍କ ଲେଖକୀୟ ବକ୍ତବ୍ୟରେ ଜଗଦୀଶଙ୍କ ଗଳ୍ପର ପ୍ରଭାବ ଉପରେ ଆଲୋକପାତ କରିଥିଲେ। ଡ. ସରୋଜିନୀ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ‘ଟ୍ରଷ୍ଟ’ର ସମ୍ପାଦକ ତଥା ଲେଖକ ସରୋଜ ବଳ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଆରମ୍ଭରେ ଯୁବକବି ଶିବଚରଣ ମହାପାତ୍ର ଜଗଦୀଶଙ୍କ ଏକ ଗଳ୍ପ ଉପସ୍ଥାପନ କରିଥିଲେ। ତିଳୋତ୍ତମା ଦାସ, ପ୍ରଜ୍ଞା ପାରମିତା ରଥ, ଅନ୍ତର୍ଯାମୀ ମିଶ୍ର, ଜଗନ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଶୃଙ୍ଖଳିତ ରଥଯାତ୍ରା ପାଇଁ ମାଷ୍ଟରପ୍ଲାନ୍

ଭୁବନେଶ୍ୱର, ୧୭।୨(ବନ୍ଦନା ସେଠୀ)

ଉତ୍ତରା ଛକରୁ ପୁରୀ ବଡ଼ଦାଣ୍ଡ ପର୍ଯ୍ୟନ୍ତ ଲାଗିବ ସିସିଟିଭି

ଚଳିତବର୍ଷ ପୁରୀ ରଥଯାତ୍ରାକୁ ଶୃଙ୍ଖଳିତ ଭାବେ କରିବା ପାଇଁ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ୨ୟ ସମୀକ୍ଷା ବୈଠକ ମଙ୍ଗଳବାର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜାନୁଆରୀ ୧୩ରେ ରଥଯାତ୍ରା ସମନ୍ୱୟ କମିଟିର ପ୍ରଥମ ବୈଠକରେ ନିଆଯାଇଥିବା ନିଷ୍ପତ୍ତିର କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଦ୍ୱିତୀୟ ବୈଠକରେ ମୁଖ୍ୟ ଶାସନ ସଚିବ ସମୀକ୍ଷା କରିଥିଲେ। ଆସନ୍ତା ଜୁଲାଇ ୧୬ରେ ରଥଯାତ୍ରା, ୨୪ରେ ବାହୁଡ଼ା ଯାତ୍ରା, ୨୫ରେ ସୁନାବେଶ ଏବଂ ୨୭ରେ ନୀଳାଦ୍ରିବିଜେ। ଏହାପୂର୍ବରୁ ଅକ୍ଷୟ ତୃତୀୟା, ସ୍ନାନଯାତ୍ରା ଆଦି ନୀତି ରହିଛି। ରଥଯାତ୍ରା ପାଇଁ ପ୍ରସ୍ତୁତି ଜାରି ରହିଥିବା ଓ ରଥକାଠ ସଂଗ୍ରହ ପ୍ରକ୍ରିୟା ସୁରୁଖୁରୁରେ ଚାଲିଥିବା ସମ୍ପର୍କରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ସୂଚନା ଦେଇଥିଲେ। ରଥଯାତ୍ରା ଓ ବାହୁଡ଼ା ଯାତ୍ରା ପାଇଁ ୨ଟି ଅଲଗା ଚାରମାଳ ବ୍ୟବସ୍ଥା କରାଯାଉଛି। ଏହି ଅବସରରେ ସମ୍ପୃକ୍ତ ବିଭାଗଗୁଡ଼ିକର କାର୍ଯ୍ୟକୁ ନେଇ ପ୍ରସ୍ତୁତ କରାଯାଇଥିବା ରଥଯାତ୍ରା ମାଷ୍ଟର ପ୍ଲାନ୍–୨୦୨୬କୁ ପୁରୀ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଏବଂ ଏସ୍‌ପି ପ୍ରତୀକ ସିଂ ଉପସ୍ଥାପନ କରିଥିଲେ।

ଠିକ୍ ସମୟରେ ରଥଟଣା, ନିର୍ଦ୍ଧାରିତ ସମୟରେ ନୀତିକାନ୍ତି, ଜନଗହଳି ନିୟନ୍ତ୍ରଣ, ପାର୍କିଂ, ସ୍ୱାସ୍ଥ୍ୟସେବା, ଜରୁରିକାଳୀନ ସେବା, ପରିମଳ ବ୍ୟବସ୍ଥା ଆଦି ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ରଥଯାତ୍ରାର ବହୁ ପୂର୍ବରୁ ବଡ଼ଦାଣ୍ଡ ସମେତ ଉତ୍ତରା ଛକରୁ ବଡ଼ଦାଣ୍ଡ ପର୍ଯ୍ୟନ୍ତ ସିସିଟିଭି ବ୍ୟବସ୍ଥା କରାଯିବ। ବଡ଼ଦାଣ୍ଡରେ ଭକ୍ତଙ୍କୁ ପହଣ୍ଡି ଓ ନୀତି ସମ୍ପର୍କିତ ସୂଚନା ସହ ରଥଯାତ୍ରା ଧାରା ବିବରଣୀ ଦେବା ପାଇଁ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ୭୦ଟି ସ୍ଥାନରେ ଏଲ୍‌ଇଡି ଟିଭି ଲଗାଇବାକୁ ଆଲୋଚନା ହୋଇଛି। ଭାରତୀୟ ରେଳପଥ ତରଫରୁ ପୁରୀ ରେଳଷ୍ଟେଶନରେ ସୁବିଧାରେ ଟିକେଟ କାଉଣ୍ଟର ପରିଚାଳନା ଓ ଏକାଧିକ ସ୍ଥାନରେ ଟିକେଟ ଉପଲବ୍ଧ ହେବା ନେଇ ଜିଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ଏବଂ ଅନ୍‌ଲାଇନ ଟିକେଟ ଉପଲବ୍ଧତା ନେଇ ଆଲୋଚନା କରାଯାଇଥିଲା। ବିଭିନ୍ନ ସ୍ଥାନରେ ଅସ୍ଥାୟୀ ପାର୍କିଂସ୍ଥଳ ନିର୍ମାଣ ହେବ। ବଡ଼ଦାଣ୍ଡରେ ୫୦ଟି ହାଇମାଷ୍ଟ ଲାଇଟ ଲାଗିବ। ଅତ୍ୟଧିକ ବର୍ଷା ହେଲେ ଜଳ ନିଷ୍କାସନ ସମସ୍ୟାର ସମାଧାନ ପାଇଁ ନଗର ଉନ୍ନୟନ ବିଭାଗ ଏବଂ ଅଗ୍ନିସେବା ବିଭାଗ ସହ ଆଲୋଚନା ହୋଇଛି। ସେହିପରି ପୂର୍ତ୍ତ ବିଭାଗ ପକ୍ଷରୁ ରାସ୍ତା ମରାମତି ଓ ରକ୍ଷଣାବେକ୍ଷଣ କାର୍ଯ୍ୟ କରାଯିବ। ଆଇନଶୃଙ୍ଖଳା ଓ ଭିଡ଼ ନିୟନ୍ତ୍ରଣ ପାଇଁ ଅସ୍ଥାୟୀ ସମନ୍ୱିତ କମାଣ୍ଡ କଣ୍ଟ୍ରୋଲ ସେଣ୍ଟର ସ୍ଥାପନ ନେଇ ଆଲୋଚନା କରାଯାଇଥିଲା। ବୈଠକରେ ପୋଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ କୁମାର ପାଢ଼ୀ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।



ସମୀକ୍ଷା ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଡିଜିପି ୱାଇ.ବି. ଖୁରାନିଆ ଏବଂ ଅନ୍ୟ ବରିଷ୍ଠ ଅଧିକାରୀ।

ସେଲ୍‌ଫି କର୍ନରେ ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ବାପି



@ ପ୍ରଶାନ୍ତ



@ ରଜତ



@ ସିପୁନ୍



@ ପ୍ରତିମା।

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ‘କଟକ, ପୁରୀରେ ଚୋଡ଼ଗଙ୍ଗଦେବଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା ହେଉ’

ଚୁଡ଼ଙ୍ଗଗଡ଼ରେ ୯୪୮ତମ ‘ରାଜାଭିଷେକ ଦିବସ’ ପାଳିତ

ଭୁବନେଶ୍ୱର,୧୭।୨(ବନ୍ଦନା ସେଠୀ)




ଐତିହ୍ୟସ୍ଥଳୀ ଚୁଡ଼ଙ୍ଗଗଡ଼ରେ ମଙ୍ଗଳବାର ଗଙ୍ଗବଂଶୀ ସମ୍ରାଟ ତଥା ଶ୍ରୀମନ୍ଦିରର ପ୍ରତିଷ୍ଠାତା ଅନନ୍ତବର୍ମନ ଚୋଡ଼ଗଙ୍ଗ ଦେବଙ୍କ ୯୪୮ତମ ରାଜାଭିଷେକ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ‘ରି–ଡିସ୍କଭର ଲଷ୍ଟ ହେରିଟେଜ ଟ୍ରଷ୍ଟ’ର ସଦସ୍ୟ ତଥା ଐତିହ୍ୟ ଗବେଷକମାନଙ୍କ ଏକ ଦଳ ବାରଙ୍ଗ ଥାନା ସମ୍ମୁଖରୁ ପଦଯାତ୍ରାରେ ବାହାରି ଚୋଡ଼ଗଙ୍ଗ ଦେବଙ୍କ ଦ୍ୱାରା ପ୍ରତିଷ୍ଠିତ ଚୁଡ଼ଙ୍ଗଗଡ଼ର ବିଭିନ୍ନ ପ୍ରତ୍ନତାତ୍ତ୍ୱିକସ୍ଥଳ ପରିଦର୍ଶନ କରିଥିଲେ। ସରକାରୀ ସ୍ତରରେ ଚୋଡ଼ଗଙ୍ଗ ଦେବଙ୍କ ରାଜ୍ୟାଭିଷେକ ଦିବସ ପାଳନ କରିବା ପାଇଁ ସରକାରଙ୍କୁ ଅନୁରୋଧ କରାଯାଇଛି। ସେହିପରି ପୁରୀ ଓ କଟକ ସମେତ ଚୋଡ଼ଗଙ୍ଗ ଦେବଙ୍କ ସହ ଜଡ଼ିତ ଐତିହାସିକ କୀର୍ତ୍ତିରାଜି ଓ ପ୍ରତ୍ନତାତ୍ତ୍ୱିକ ଚିହ୍ନ ରହିଥିବା ସ୍ଥାନରେ ତାଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବାକୁ ଦାବି କରାଯାଇଛି।

ଏନେଇ ଐତିହ୍ୟ ଗବେଷକ ତଥା ଟ୍ରଷ୍ଟ ପ୍ରତିଷ୍ଠାତା ସଦସ୍ୟ ଦୀପକ କୁମାର ନାୟକ କହିଛନ୍ତି, ଓଡ଼ିଶାରେ ଗଙ୍ଗ ସାମ୍ରାଜ୍ୟର ପ୍ରତିଷ୍ଠାତା ଚୋଡ଼ଗଙ୍ଗ ଦେବଙ୍କ ରାଜ୍ୟାଭିଷେକ ଖ୍ରୀ.ପୂ. ୧୦୭୮ ଫେବୃଆରୀ ୧୭ରେ ବର୍ତ୍ତମାନ ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ ଜିଲା ଅନ୍ତର୍ଗତ ମୁଖଲିଙ୍ଗମ୍‌ରେ ହୋଇଥିଲା। ସେ ସମୟରେ ‘କଳିଙ୍ଗ ନଗରୀ’ ରୂପେ ପରିଚିତ ମୁଖଲିଙ୍ଗମ୍ ହିଁ କଳିଙ୍ଗର ରାଜଧାନୀ ଥିଲା। ତେବେ ଦ୍ୱାଦଶ ଶତାବ୍ଦୀର ଆଦ୍ୟ ଭାଗରେ ଉତ୍କଳ ଅଧିକାର କଲା ପରେ ସେ ନିଜର ରାଜଧାନୀ କଟକକୁ ସ୍ଥାନାନ୍ତର କରିଥିଲେ। ପ୍ରାୟ ୭୦ବର୍ଷ କାଳ ଶାସନ କରିଥିବା ଚୋଡ଼ଗଙ୍ଗ ଦେବଙ୍କ ସମୟରେ ଓଡ଼ିଶାର ସୀମା ଉତ୍ତରରେ ଗଙ୍ଗାନଦୀଠାରୁ ଦକ୍ଷିଣରେ ଗୋଦାବରୀ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା। ଏହାର କଳା, ସଂସ୍କୃତି ଓ ସ୍ଥାପତ୍ୟର ଉତ୍କର୍ଷ ନିମନ୍ତେ ସେ ମୂଳଦୁଆ ପକାଇଥିଲେ। ଶ୍ରୀମନ୍ଦିର ନିର୍ମାଣ କାର୍ଯ୍ୟ ଚୋଡ଼ଗଙ୍ଗ ଦେବଙ୍କ ଦ୍ୱାରା ହୋଇଥିଲା ବୋଲି ଦାସଗୋବା ତାମ୍ରଶାସନରୁ ସୂଚନା ମିଳେ। ଗଙ୍ଗବଂଶ ସମୟର ପଞ୍ଚକଟକ (ଯାଜପୁର, ଅମରାବତୀ, ଚୌଦ୍ୱାର, ବାରାଣସୀ କଟକ ଓ ଚୂଡ଼ଙ୍ଗଗଡ଼) ମଧ୍ୟରୁ ଚୂଡ଼ଙ୍ଗଗଡ଼ ଅତି ଗୁରୁତ୍ୱପୂର୍ଣ୍ଣ ଦୁର୍ଗ ଥିଲା ବୋଲି ଦୀପକ କହିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଟ୍ରଷ୍ଟର ଚେୟାରମ୍ୟାନ ଚିରଞ୍ଜୀବ ରାଉତ, ବିଜୟ ମହାପାତ୍ର, ସୁମନ ପ୍ରକାଶ ସ୍ୱାଇଁ, ବିକ୍ରମ ନାୟକ, ନୃପତି ନୀହାର ଶିଅଳ ପ୍ରମୁଖ ଐତିହ୍ୟପ୍ରେମୀ ଯୋଗଦେଇଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ...............................
ବୟସ:...............................
ଜନ୍ମ ତାରିଖ: ...............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୩୫୭ ବେନାମୀ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ

**ଓଡ଼ିଶା ପୋଲିସର ଅପରେଶନ ସାଇବର କବଚ**

**୩୩ ନୂତନ ସାଇବର ମାମଲା ରୁଜୁ**

କଟକ,୧୭।୨(କାର୍ତ୍ତିକ ସାହୁ)

ସାଇବର ଅପରାଧ ନେଟୱର୍କକୁ ସମ୍ପୂର୍ଣ୍ଣ ରୂପେ ଧ୍ୱଂସ କରିବା ଉଦ୍ଦେଶ୍ୟରେ ଓଡ଼ିଶା ପୋଲିସ ପକ୍ଷରୁ ଗତ ୧୪ ତାରିଖରୁ ଆରମ୍ଭ ହୋଇଛି 'ଅପରେଶନ ସାଇବର କବଚ' ଅଭିଯାନ। ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ନିର୍ଦ୍ଦେଶକ୍ରମେ ଏହି ଅଭିଯାନକୁ ତ୍ୱରାନ୍ୱିତ କରାଯାଇଛି। ମାତ୍ର ୩ ଦିନରେ ରାଜ୍ୟରେ ମୋଟ ୩୫୭ଟି ବେନାମୀ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରାଯାଇଛି। ଏନେଇ ୩୩ଟି ନୂତନ ସାଇବର ମାମଲା ରୁଜୁ ହୋଇଛି। ଏହି ସମ୍ପର୍କିତ ମାମଲାରେ ୨୩ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୩୩ଜଣ ସନ୍ଦିଗ୍ଧ ଆକାଉଣ୍ଟଧାରୀ ଓ ସହାୟକଙ୍କୁ ଆଇନଗତ ନୋଟିସ ଜାରି କରାଯାଇଥିବା ଓଡ଼ିଶା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନାନୁସାରେ, 'ଅପରେଶନ ସାଇବର କବଚ' ଅଭିଯାନରେ କେନ୍ଦୁଝର ଜିଲା ପୋଲିସ ସର୍ବାଧିକ ୨୦୩ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୬ଟି ସାଇବର ମାମଲା ରୁଜୁ ସହ ୭ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେହିପରି ସମ୍ବଲପୁର ଜିଲା ପୋଲିସ ୬୩ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୮ଟି ମାମଲା ରୁଜୁ ସହ ୧୩ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ବୌଦ୍ଧ ଜିଲା ପୋଲିସ ୪ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୨ଟି ସାଇବର ମାମଲା ରୁଜୁ କରିଥିବା ବେଳେ ୪ଜଣଙ୍କୁ ଆଇନଗତ ନୋଟିସ ଜାରି କରିଛି। ସେହିପରି ପୁରୀ ଜିଲା ପୋଲିସ ୭ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରିଛି। ନବରଙ୍ଗପୁର ଜିଲା ପୋଲିସ ୯ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୬ଟି ସାଇବର ମାମଲା ରୁଜୁ ସହ ୭ଜଣଙ୍କୁ ନୋଟିସ ଜାରି କରିଛି। ସେହିପରି ବରଗଡ଼ ଜିଲା ପୋଲିସ ୮ଟି ଆକାଉଣ୍ଟ ଯାଞ୍ଚ ପରେ ୫ଟି ମାମଲା ରୁଜୁ ଓ ୩ଜଣ ଗିରଫ, ଗଜପତି ଜିଲା ପୋଲିସ ୫ଟି ଆକାଉଣ୍ଟ ଯାଞ୍ଚ ପରେ ୧ଟି ମାମଲା ଓ ୫ଜଣଙ୍କୁ ନୋଟିସ, କଳାହାଣ୍ଡି ଜିଲା ପୋଲିସ ୬ଟି ଆକାଉଣ୍ଟ ଯାଞ୍ଚ ପରେ ୧ଟି ମାମଲା ଓ ୬ ଜଣଙ୍କୁ ନୋଟିସ କରିଛି। ସେହିପରି ରାୟଗଡ଼ା ଜିଲା ପୋଲିସ ୫ଟି ଆକାଉଣ୍ଟ ଯାଞ୍ଚ ପରେ ୩ଟି ମାମଲା ଓ ୩ଜଣଙ୍କୁ ନୋଟିସ ଜାରି କରିଛି। କୋରାପୁଟ ଜିଲା ପୋଲିସ ପକ୍ଷରୁ ୩ଟି ଆକାଉଣ୍ଟ ଯାଞ୍ଚ ପରେ ୧ଟି ମାମଲା ରୁଜୁ କରି ୩ଜଣଙ୍କୁ ନୋଟିସ ଜାରି କରାଯାଇଛି। ଏହି ଅଭିଯାନ ସମ୍ପୃକ୍ତ ଜିଲାର ଏସ୍‌ପି ଓ ଡିସିପିମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲା ସାଇବର ଟିମ୍‌ଗୁଡ଼ିକ ସକ୍ରିୟ ସହଯୋଗରେ ଚାଲିଥିଲା। ସାଇବର ଅପରାଧୀଙ୍କ ଆର୍ଥିକ ଭିତ୍ତିଭୂମିକୁ ନଷ୍ଟ କରିବା ହେଉଛି 'ଅପରେଶନ ସାଇବର କବଚ'ର ମୁଖ୍ୟ ଉଦ୍ଦେଶ୍ୟ। ରାଜ୍ୟର ଜନସାଧାରଣଙ୍କ ଡିଜିଟାଲ ସୁରକ୍ଷା ନିମନ୍ତେ ଓଡ଼ିଶା ପୋଲିସ ସର୍ବଦା ଦୃଢ଼ ସଂକଳ୍ପବଦ୍ଧ ବୋଲି ଓଡ଼ିଶା ପୋଲିସ ପକ୍ଷରୁ କୁହାଯାଇଛି।

# ୫ ମିନିଟ୍ ବ୍ୟବଧାନ, ଗୋଟିଏ ଗାଡ଼ିରେ ୨ ମିଲକୁ ଯାଇଛି ଧାନ

■ପଦାରେ ପଡ଼ିଲା ଧାନ କିଣାବିକା ଫଲ୍ସଏଣ୍ଟ୍ରି

■ଗାଡ଼ି ଗୋଟିଏ, ସ୍ୱାକ୍ଷର କରିଛନ୍ତି ୨ଡ୍ରାଇଭର

ବରଗଡ଼,୧୭।୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାରେ ଧାନ କିଣାବିକା ସମସ୍ୟା ନୂଆ ନୁହେଁ। ରାଜ୍ୟର ଭାତହାଣ୍ଡି କୁହାଯାଉଥିବା ଏହି ଜିଲାରେ ଏହା ସାଧାରଣରେ ପରିଣତ ହୋଇଛି। ମିଲର୍ସଙ୍କ ଇଚ୍ଛାରେ ଧାନକିଣା କଟନୀଛଟନୀଠାରୁ ଆରମ୍ଭ କରି ଅଭାବୀବିକ୍ରି, ବିଭାଗୀୟ କର୍ମଚାରୀଙ୍କୁ ବେପାରୀମାନେ ହାତଗୁଞ୍ଜା ଦେଇ ସ୍ଲିପ୍ କାଟି ଧାନ ସଂଗ୍ରହ ପ୍ରକ୍ରିୟାରେ ଫଲ୍ସ ଏଣ୍ଟ୍ରି କରୁଥିବା ଅଭିଯୋଗ ଦୀର୍ଘଦିନରୁ ହୋଇ ଆସୁଛି। ତେବେ ଧାନ କିଣାବିକାରେ ଚାଲିଥିବା ଏଭଳି ଫଲ୍ସଏଣ୍ଟ୍ରିର ଏକ ପ୍ରମାଣ ତଥା ଏଥିପାଇଁ ହୋଇଥିବା ସମ୍ପୃକ୍ତ କର୍ମଚାରୀଙ୍କ ନୂଆ କୌଶଳ ମଙ୍ଗଳବାର ପଦାକୁ ଆସିଛି। ମଣ୍ଡି(ଧାନକ୍ରୟ କେନ୍ଦ୍ର)ରୁ ଧାନ କିଣାଯିବା ପରେ କଷ୍ଟମ ମିଲିଂ ଭିତ୍ତିରେ ସମ୍ପୃକ୍ତ ଧାନକ୍ରୟ ସଂସ୍ଥା ସେହିଧାନ ଆଲଟମେଣ୍ଟ ପାଇଥିବା ସମ୍ପୃକ୍ତ ରାଇସ୍ ମିଲ୍‌କୁ ପଠାଇଥାଏ ଏବଂ ମଣ୍ଡିରୁ ଧାନ ଉଠାଣ ସମୟରେ ଧାନକ୍ରୟ ସଂସ୍ଥା ଧାନ ନିର୍ଦ୍ଦିଷ୍ଟ ରାଇସ୍ ମିଲ୍‌କୁ ଧାନ ପରିବହନ କରୁଥିବା ଗାଡ଼ି ଡ୍ରାଇଭରଙ୍କୁ ଧାନ ପରିବହନ ଓ ଗ୍ରହଣ ନେଇ ଏକ ସ୍ୱୀକୃତି ପତ୍ର(ଟ୍ରାନଜିଟ୍ ପାସ୍ କମ ଏକସେପଟେନ୍ସ ନୋଟ୍) ପ୍ରଦାନ କରିଥାନ୍ତି। ଗତବର୍ଷ ଡିସେମ୍ବର ୨୭ତାରିଖ ବରଗଡ଼ ଜିଲା ବିଜେପୁର ବ୍ଲକ ଅନ୍ତର୍ଗତ ବଡ଼ ବାଉଁସେନ ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ) ଅଧିନ ଖରମୁଣ୍ଡା ଧାନକ୍ରୟ କେନ୍ଦ୍ର(ଏମୱାଇ୦୩୭୧୨)ରେ ୫ମିନିଟ୍ ବ୍ୟବଧାନରେ ଏଭଳି ୨ଟି ଟ୍ରାନଜିଟ୍ ପାସ୍ ଇସ୍ୟୁ କରାଯାଇଛି, ତାହା ସମସ୍ତଙ୍କୁ ଚକିତ କରିଥିବାବେଳେ ଉକ୍ତ ଧାନକ୍ରୟ କେନ୍ଦ୍ରରେ ଧାନ କିଣାବିକାରେ ଚାଲିଥିବା ସ୍ୱଚ୍ଛତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବା ବେଳେ ଏଠାରେ ରହିଥିବା ବିଭାଗୀୟ କର୍ମଚାରୀଙ୍କ କାର୍ଯ୍ୟକଳାପ ସନ୍ଦେହ ଘେରକୁ ଆସିଛି।

ସୂଚନା ଅନୁଯାୟୀ, ଗତବର୍ଷ ନଭେମ୍ବର ୧୮ତାରିଖରୁ ବରଗଡ଼ ଜିଲାରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। ଗତବର୍ଷ ଡିସେମ୍ବର ୨୭ତାରିଖ ସନ୍ଧ୍ୟା ୫ଟାରେ ବିଜେପୁର ବ୍ଲକ ଅନ୍ତର୍ଗତ ବଡ଼ ବାଉଁସେନ ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ) ଅଧିନ ଖରମୁଣ୍ଡା ଧାନକ୍ରୟ କେନ୍ଦ୍ର(ଏମୱାଇ୦୩୭୧୨)ରେ ଏକ ଟ୍ରାନଜିଟ୍ ପାସ୍(ନଂ-୪୩) ଇସ୍ୟୁ ହୋଇଛି। ଉକ୍ତ ଟ୍ରାନଜିଟ୍ ପାସ୍‌ରେ ଦର୍ଶାଯାଇଥିବା ସୂଚନାକ୍ରମେ ସେହିଦିନ ସନ୍ଧ୍ୟା ୫ଟାରେ ଖରମୁଣ୍ଡା ମଣ୍ଡିରୁ ଗାଡ଼ି (ନଂ-ଓଡ଼ି୧୭କେ ୪୪୯୭)ରେ ୧୮୫ ପ୍ୟାକେଟ୍(୮୩.୭୨ କୁଇଣ୍ଟାଲ) ଧାନ ଏକ ରାଇସ୍ ମିଲ୍ ସୀତାରାମ ଫୁଡ୍ସ(ଏମ୦୩୦୭୦୩)କୁ ଯାଇଛି। ଧାନ ପରିବହନ କରିଥିବା ଗାଡ଼ିର ଡ୍ରାଇଭର ଜୟନ୍ତ ସାହୁ ଥିଲେ ଏବଂ ତାଙ୍କ ନାମରେ ସେହି ଟ୍ରାନଜିଟ୍ ପାସ୍‌ରେ ଦସ୍ତଖତ(ସ୍ୱାକ୍ଷର) ମଧ୍ୟ ରହିଛି।

ଅନ୍ୟପଟେ ଉପରୋକ୍ତ ଟ୍ରାନଜିଟ୍ ପାସ୍ ଇସ୍ୟୁ ହେବାର ମାତ୍ର ୫ମିନିଟ୍ ପରେ ଅର୍ଥାତ୍ ୫ଟା ୫ମିନିଟ୍ ପରେ ଉକ୍ତ ମଣ୍ଡିରେ ଆଉ ଏକ ଟ୍ରାନଜିଟ୍ ପାସ୍ ଇସ୍ୟୁ ହୋଇଛି। ତେବେ ସେହି ଟ୍ରାନଜିଟ୍ ପାସ୍ ଅନ୍ୟ କୌଣସି ଗାଡ଼ିକୁ ନୁହେଁ, ଉପରୋକ୍ତ ଗାଡ଼ି(ନଂ-ଓଡ଼ି୧୭କେ ୪୪୯୭)କୁ ଇସ୍ୟୁ କରାଯାଇଛି। ଗାଡ଼ି ନମ୍ବର ତ ସମାନ ରହିଛି, ମାତ୍ର ଚତୁରତାର ସହିତ ସେଥିରେ ଟ୍ରାନଜିଟ୍ ପାସ୍ ନମ୍ବର, ଗାଡ଼ି ଡ୍ରାଇଭରଙ୍କ ନାମ, ରାଇସ୍ ମିଲ୍‌ର ନାମକୁ ବଦଳାଇ ଦିଆଯାଇ ଥିବାବେଳେ ବିକ୍ରିଧାନର ପରିମାଣ ମଧ୍ୟ ଅଲଗା ରହିଛି। ଗାଡ଼ି ନମ୍ବର ସମାନ ରହିଥିବାବେଳେ ଟ୍ରାନଜିଟ୍ ପାସ୍(ନଂ-୪୪) ରହିଛି। ସେହିପରି ଗାଡ଼ି ଡ୍ରାଇଭରଙ୍କ ନାମ ସୁମନ୍ତ ରଣା ଉଲ୍ଲେଖ କରାଯାଇ ଥିବାବେଳେ ସେହି ଗାଡ଼ିରେ ୧୬୦ପକେଟ୍(୬୫.୩୧ କୁଇଣ୍ଟାଲ) ଧାନ ଶ୍ରୀ ଜୀ ପେଡ୍ଡି ପ୍ରୋସେସର୍ସ (ଏମ୦୩୦୪୧୧)କୁ ଯାଇଥିବା ଉକ୍ତ ଟ୍ରାନଜିଟ୍ ପାସ୍‌ରେ ଦର୍ଶାଯାଇଛି। ତେବେ ଉପରେକ୍ତ ତଥ୍ୟରୁ ଧାନ କିଣାବିକାରେ ଚାଲିଥିବା ଅନିୟମିତତାର ଅସଲି ଚିତ୍ର ପଦାକୁ ଆସି ଯାଇଛି। ସନ୍ଧ୍ୟା ୫ଟାରେ ସମ୍ପୃକ୍ତ ଗାଡ଼ି ମଣ୍ଡିରୁ ଧାନ ଉଠାଇଛି ଏବଂ ୧୮୫ ପ୍ୟାକେଟ୍ ଧାନ ପରିବହନ କରି ସୀତାରାମ ଫୁଡ୍ ରାଇସ୍ ମିଲକୁ ଯାଇଛି। ତେବେ ମଣ୍ଡିରୁ ସମ୍ପୃକ୍ତ ରାଇସ୍ ମିଲ୍‌ର ଦୂରତା ତ ଦୂରର କଥା, ୫ମିନିଟ୍‌ରେ ୧୮୫ ପ୍ୟାକେଟ୍ ଧାନ କୌଣସି ଗାଡ଼ିରେ ଲୋଡ୍ କରିବା ଏବଂ ସେହି ଧାନକୁ ନିର୍ଦ୍ଦିଷ୍ଟ ରାଇସ୍ ମିଲ୍‌ରେ ଅନଲୋଡ୍ କରିବା ସମ୍ଭବ ନୁହେଁ। ଏହାସତ୍ତ୍ୱେ ଏଭଳି ସ୍ଥିତିରେ ସମାନ ରେଜିଷ୍ଟ୍ରେଶନ ନମ୍ବର ରହିଥିବା ସମ୍ପୃକ୍ତ ଗାଡ଼ିରେ ପୁଣି ୧୬୦ପକେଟ୍ ଧାନ ଲୋଡ୍ କରି କିଭଳି ଅନ୍ୟ ଏକ ରାଇସ୍ ମିଲ୍‌କୁ ପଠାଗଲା ଏବଂ ୫ମିନିଟ୍ ମଧ୍ୟରେ ଗାଡ଼ି ଡ୍ରାଇଭର ମଧ୍ୟ ବଦଳି ଗଲେ, ତାହା ତଦନ୍ତ ସାପେକ୍ଷ ବୋଲି ବିଭିନ୍ନ ମହଲରେ ଦାବି ହେଉଛି। କେବଳ ଏହା ଏକ ଦୃଷ୍ଟାନ୍ତ ମାତ୍ର, ଧାନ କିଣାବିକାରେ ଫଲ୍ସ ଏଣ୍ଟ୍ରି କରାଯାଇ ଅନୁରୂପ ଅନେକ ଅନିୟମିତତା ହେଉଥିବା ସ୍ଥଳେ ଯୋଗାଣ ବିଭାଗ ହାତ ବାନ୍ଧି ବସିଥିବା ଅଭିଯୋଗ ହୋଇଛି। ତେବେ ଏହି ଘଟଣାର ତଦନ୍ତ ହେଲେ ଏଭଳି ଅନିୟମିତତାର ରହସ୍ୟ ପଦାକୁ ଆସିବ ଏବଂ ଏଥିର ସମ୍ପୃକ୍ତ ସମସ୍ତ ବିଭାଗୀୟ କର୍ମଚାରୀ, ଅଧିକାରୀଙ୍କ ମୁଖା ଖୋଲିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।



ODISHA STATE CIVIL SUPPLIES CORPORATION LIMITED
TRANSIT PASS CUM ACCEPTANCE NOTE (Agent Copy)

No :43
Qty(In Qtl.) :83.72
Agent :BADABAUSEN(S1030704)(BARGARH)
Procurement Center :KHARMUNDA(MY030712) (BARGARH)
Financial Year :2025( Kharif )
Date : 27-Dec-2025 05:00 PM
Miller : M/S Sitaram Food(M030703)
Vehicle No : OD17K4497
Driver Name : JAYANTASAHU
Driver Contact No : 9692637682

| Grade & Variety | Bags(In No.) | Qty(In Qtl.) |
|---|---|---|
| COMMON - FAQ | 185 | 83.72 |
| Total | 185 | 83.72 |

Certified that:-
1. Gunny bags for packing of paddy supplied by :Miller
2. Transportation of paddy done by :Miller
3. Mandi Labour charges excluding loading of paddy provided by :Miller
4. Labour Charges for loading of paddy provided by :Miller
5. Mandi Labour charges at Direct Purchase Center of OSCSC Ltd. provided by :Miller

Signature or Thumb Impression Driver
Signature of the Custom Miller/Authorised Representative of the Custom Miller
Signature of the Purchase Officer/Authorised Officer/Authorised Person of PPC/WSHG/PACS/PP OSCSC LTD./PACS/WSHG/PP

This is a System generated Report from PPAS by BADABAUSEN on 27-Dec-2025 17:08:04

ODISHA STATE CIVIL SUPPLIES CORPORATION LIMITED
TRANSIT PASS CUM ACCEPTANCE NOTE (District Manager Copy)

୫ଟାରେ ଇସ୍ୟୁ ହୋଇଥିବା ଟ୍ରାନ୍‌ଜିଟ୍ ପାସ୍ ।



ODISHA STATE CIVIL SUPPLIES CORPORATION LIMITED
TRANSIT PASS CUM ACCEPTANCE NOTE (Agent Copy)

No :44
Qty(In Qtl) :65.31
Agent :BADABAUSEN(S1030704)(BARGARH)
Procurement Center :KHARMUNDA(MY030712) (BARGARH)
Financial Year :2025( Kharif )
Date :27-Dec-2025 05:05 PM
Miller :Shreeji Paddy Processors(M030411)
Vehicle No :OD17K4497
Driver Name :SUMANTARANA
Driver Contact No :8637253091

| Grade & Variety | Bags(In No.) | Qty(In Qtl.) |
|---|---|---|
| COMMON - FAQ | 160 | 65.31 |
| Total | 160 | 65.31 |

Certified that:-
1. Gunny bags for packing of paddy supplied by :Miller
2. Transportation of paddy done by :Miller
3. Mandi Labour charges excluding loading of paddy provided by :Miller
4. Labour Charges for loading of paddy provided by :Miller
5. Mandi Labour charges at Direct Purchase Center of OSCSC Ltd. provided by :Miller

Signature or Thumb Impression Driver
Signature of the Custom Miller/Authorised Representative of the Custom Miller
Signature of the Purchase Officer/Authorised Officer/Authorised Person of PPC/WSHG/PACS/PP OSCSC LTD./PACS/WSHG/PP

This is a System generated Report from PPAS by BADABAUSEN on 27-Dec-2025 17:05:35

୫ଟା ୫ମିନିଟ୍‌ରେ ଇସ୍ୟୁ ହୋଇଥିବା ଟ୍ରାନ୍‌ଜିଟ୍ ପାସ୍ ।

# ୪ ଘଣ୍ଟା ଅଟକ ରହିଲେ ତହସିଲଦାର

**ଇଟାଭାଟି ଭାଙ୍ଗିବାକୁ ଯାଇ ପ୍ରଶାସନ ହଟହଟା**

ଚାନ୍ଦବାଲି,୧୭।୨(କିଷାନ ପାତ୍ର/ଅଶୋକ ପଣ୍ଡା)

ଭଦ୍ରକ ଜିଲା ଚାନ୍ଦବାଲି ତହସିଲ ଅଧୀନ ନାଲୁଗୁଣ୍ଡା ପଞ୍ଚାୟତର କେତେକ ଜଳନ୍ତା ଇଟାଭାଟି ଭାଙ୍ଗିବାକୁ ଯାଇ ପ୍ରଶାସନକୁ ମଙ୍ଗଳବାର ହଟହଟା ହେବାକୁ ପଡ଼ିଛି। ତହସିଲଦାର ଭବତୋଷ ମଲ୍ଲିକ ଦମକଳ ବାହିନୀ ଓ ପୋଲିସ ଫୋର୍ସ ସାଥିରେ ନେଇ ଯାଇଥିବା ବେଳେ ଉତ୍ୟକ୍ତ ଲୋକେ ତାଙ୍କୁ ୪ ଘଣ୍ଟା ଅଟକ ରଖିଥିଲେ। ସୂଚନା ଅନୁଯାୟୀ, ୨ଟି ଇଟାଭାଟି ଭଙ୍ଗାଯିବା ପରେ ଗ୍ରାମବାସୀ ତହସିଲଦାରଙ୍କୁ ଘେରାଉ କରିଥିଲେ। ବିନା ନୋଟିସ୍‌ରେ ଇଟାଭାଟି ଭାଙ୍ଗିବାକୁ ସେମାନେ ବିରୋଧ କରିଥିଲେ। ଅପରାହ୍ନ ୨ଟାରୁ ସନ୍ଧ୍ୟା ପର୍ଯ୍ୟନ୍ତ ପ୍ରାୟ ୪ ଘଣ୍ଟା ଧରି ତହସିଲଦାରଙ୍କ ସମେତ ପୋଲିସ ଫୋର୍ସ ଓ ଦମକଳ ବାହିନୀଙ୍କୁ ଲୋକେ ଅଟକ ରଖିଥିଲେ। ଏହାସହ ଭଦ୍ରକ ଚାନ୍ଦବାଲି ରାସ୍ତାକୁ ଟାୟାର ଜାଳି ଅବରୋଧ କରିଥିଲେ। ବିନା ନୋଟିସ୍‌ରେ ଇଟାଭାଟି ଭଙ୍ଗାକୁ ସାଧାରଣ ଲୋକ ଓ ଇଟାଭାଟି ମାଲିକମାନେ ବିରୋଧ କରିବା ସହ ତହସିଲଦାରଙ୍କ ସହ ଯୁକ୍ତିତର୍କ କରିଥିଲେ। ତହସିଲଦାର ଭାଙ୍ଗିବାକୁ ଦୃଢ଼ୋକ୍ତି ପ୍ରକାଶ କରିବାରୁ ଶତାଧିକ ଲୋକ ତାଙ୍କୁ ଘେରିଯାଇଥିଲେ। ଏପରିକି ଫଟୋ ଉଠାଉଥିବା ଖବରଦାତାଙ୍କ ମୋବାଇଲକୁ ଉତ୍ତେଜିତ ଲୋକେ ଛଡ଼ାଇ ନେଇଥିଲେ। ସ୍ଥାନୀୟ ସମିତିସଭ୍ୟ ଅଭୟ କୁମାର ବଳ ଓ କେତେଜଣ ନେତୃତ୍ୱ ପହଞ୍ଚି ତହସିଲଦାରଙ୍କୁ ଯେତିକି ଇଟା ତିଆରି ହୋଇଛି, ସେତିକି ପୋଡ଼ିବା ପାଇଁ ଅନୁମତି ଦେବାକୁ କହିଥିଲେ। ତହସିଲଦାର ସେଥିରେ ସହମତି ପ୍ରକାଶ କରିବା ପରେ ଲୋକଙ୍କୁ ବୁଝାଶୁଝା କରି ରାସ୍ତା ଅବରୋଧ ହଟାଇବା ସହ ଅଟକ ଗାଡ଼ି ଓ ଦମକଳ ବାହିନୀକୁ ଛାଡ଼ିଥିଲେ। ଏନେଇ ତହସିଲଦାର ମଲ୍ଲିକ କହିଛନ୍ତି, ୧୧ଟି ବେଆଇନ ଇଟାଭାଟି ଭାଙ୍ଗିବାକୁ ଯାଇଥିଲେ। ୨ଟି ଭାଟି ଭାଙ୍ଗିବା ପରେ କେତେଜଣ ଇଟାଭାଟି ମାଲିକ ଯୁକ୍ତିତର୍କ କରିବାରୁ ଉତ୍ତେଜନା ସୃଷ୍ଟି ହୋଇଥିଲା। ତେବେ ଇଟାଭାଟି ମାଲିକମାନେ ଆଉ ଇଟା ତିଆରି କରିବେ ନାହିଁ ବୋଲି ୧୦ ଦିନ ସମୟ ମାଗିଛନ୍ତି। ଏହାକୁ ଅବମାନନା କଲେ ଦଣ୍ଡିତ ହେବେ ବୋଲି କହିଛନ୍ତି।


# Classified Everyday 0674-2580101, 9692975378



MATRIMONIAL

## BRIDE WANTED

Handsome Brahmin Boy 1994, 5'6", B-Tech (IIT) Kanpur, MBA (Hyderabad) serving senior Engineer MNC Delhi. "SUNASANSAR" 9937512659. D-3390

51ବର୍ଷ, State Govt. Job, ଦରମା- 66,000/- ମହିଳାଙ୍କୁ, ବିଧବା, ଛାଡପତ୍ର, ଅବିବାହିତ ଘରଜ୍ୱାଇଁ, Retired, Business man, ସନ୍ତାନ ଥିବା ବର ଆବଶ୍ୟକ। 9893110656. D-3415

## GROOM WANTED

48 ବୟସ୍କା ବଙ୍ଗାଳି ଅବିବାହିତା Govt. ଚାକିରିଆ ବାପା, ମା' ନଥିବା ଝିଅଙ୍କୁ Divorce/Widow/Unmarried ପୁଅ ଦରକାର। 9776705242. D-3391

Beautiful Brahmin girl 1996, 5'3", MBA (XIMB) serving manager MNC Hyderabad settled Bhubaneswar. ''SUNASANSAR'' 9937512659. D-3389

Handicap ପୁଅ ସଙ୍ଗେ ରହୁଥିବା 56 ବୟସ୍କା Central Govt. ଚାକିରିଆ ଝିଅଙ୍କୁ ଘରଜ୍ୱାଇଁ ଆବଶ୍ୟକ। 6370471610. D-3392



REAL ESTATE

## SALE

**2 BHK, 1261 Sqft New Flat with elegant interiors for sale at Cantonment Road, Cuttack.Price- 1.35 Cr Mob- 9778194441.** D-3370

ଭୁବନେଶ୍ୱର ଫୁଲନଖରା DADHICHI COLLEGE ପାଖରେ ସରକାରୀ ରାସ୍ତାକୁଲାଗି 51ଗୁଣ୍ଠ ଘରବାଡି ପ୍ଲଟ୍ ଗୁଣ୍ଠକୁ- 6,30,000/- ବିକ୍ରିହେବ- 8093465134, 9668194157. D-3348



FOR RENT

2 Office space- 1. 2150 sqft. in 1st floor, 2. 780 sqft. in 2nd floor fully furnished office, at 5- Janpath, Unit- 3, Kharvelnagar behind Kalsi Petrol Pump, Bhubaneswar, Odisha- 751001. Readily available to operate. Contact: 9437001845/ 7504050186. D-3413





All types of physiotherapy and massage contact 9556924059 / 7656969134. D-3416

## LOST

ମୁଁ, ଶ୍ରୀ ସରୋଜ କୁମାର ସାହୁ, ପିତା- ଭାସ୍କର ଚନ୍ଦ୍ର ସାହୁ, ବାସିନ୍ଦା- ଗ୍ରାମ/ପୋଷ୍ଟ- ଚୋରମରା, ଥାନା- ସିଙ୍ଗଲା, ଜିଲ୍ଲା- ବାଲେଶ୍ୱର, ପିନ୍-୭୫୬୦୮୬ ଘୋଷଣା କରୁଛି ଯେ ତା୧୨।୦୧।୨୦୨୬ରିଖରେ ମୋର ପିତା ନୂଆବଜାର, ଜଳେଶ୍ୱରକୁ ଯାତ୍ରା କରୁଥିବା ସମୟରେ ଶ୍ରୀଯୁକ୍ତ ଗୋଲକ ବିହାରୀ ଦାସମହାପାତ୍ର ଓ ଶ୍ରୀଯୁକ୍ତ ସଞ୍ଜୟ କୁମାର ଦାସଙ୍କ ମଧ୍ୟରେ ସ୍ୱାକ୍ଷରିତ ମୂଳ ଲିଙ୍କ୍ ପଞ୍ଜୀକୃତ ବିକ୍ରି କବଲା, ଦସ୍ତାବିଜ ନଂ. ୧୦୦୯୨୬୦୧୩୪୨, ତା.୨୯।୦୬।୨୦୧୬ କେଉଁଠାରେ ହଜିଯାଇଛି। ଯଦି କେହି ଉକ୍ତ ଦସ୍ତାବିଜର ସନ୍ଧାନ ପାଇଥାନ୍ତି, ଦୟାକରି ଆମ ଓକିଲଙ୍କ ସହ ଯୋଗାଯୋଗ କରିବାକୁ ଅନୁରୋଧ। ଶ୍ରୀଯୁକ୍ତ ବିମଳ କୁମାର ସେନ୍, ମୋ. ୭୯୭୮୩୭୫୫୪୨। ଧ-୩୪୧୪

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## AFFIDAVIT

By virtue of an affidavit sworn before Notary Public, Rayagada bearing No.- 110, Dtd.- 05.01.2026, I, RASMI REKHA PRADHAN, W/o.- Lt. Prabhat Pradhan residing At- R.K. Nagar, P.O./P.S./Dist.- Rayagada that I am solemnly affirm and state that my actual name is "Rasmi Rekha Pradhan'' as per Aadhaar No. xxxx xxxx 8565 and Pan Card No. xxxx 690B. But my name has been wrongly mentioned as "Rakha Pradhan" in my husband's UTI mutual fund, Rayagada vide folio No. xxxx 0613 as nominee. I do hereby declared that Rasmi Rekha Pradhan, W/o.-Lt. Prabhat Pradhan and Rakha Pradhan, W/o.- Lt. Prabhat Pradhan is one and same person i.e. myself.
Deponent
Rasmi Rekha Pradhan
D-3410

I, Jogamaya Jena, W/o.- Goutam Kumar Jena, At- Ria, P.O.- Simulia, P.S.- Simulia, Dist.- Balasore, PIN- 756126, Odisha. On 12.01.2026 Court of the Executive Magistrate, Soro, affidavit No.- 84, I declare that now onwards I shall be known as Jogamaya Jena for all future purpose. D-3411

By an affidavit No. 265, sworn before the Executive Magistrate, Simulia, Balasore, dated 19.01.2026, I, Arjun Lenka resident of Kusunkharji, Bari, Simulia, Balasore declare that in my postal RPLI policy bearing No. R-OR-EA-16393 my name is recorded as Ajay Kumar Lenka instead of Arjun Lenka. Henceforth, both Arjun Lenka and Ajay Kumar Lenka is one and same person for all purposes. D-3409

By virtue of an affidavit sworn before Executive Magistrate, Loisingha, Dated- 17.02.2026, I, Sri Radhakanta Naik, S/o.- Kamal Naik of Res./ Village- Thakurapali, P.O.- Sargad, P.S.- Balangir Sadar, PIN No.- 767020 declare that I have changed the name of my son from NIBASH NAIK to SHRINIBASH NAIK. Henceforth, He shall be known as SHRINIBASH NAIK for all purposes.
Radhakanta Naik
D-3412

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


# ଶାଶୁଙ୍କ ମୃତ୍ୟୁ ଖବର ଶୁଣି ଆଖି ବୁଜିଲେ ବୋହୂ

ନୀଳଗିରି,୧୭।୨(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ଶାଶୁଙ୍କ ମୃତ୍ୟୁ ଖବର ଶୁଣି ବୋହୂ ଆଖି ବୁଜିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି।

ନୀଳଗିରି ଏନ୍‌ଏସି ୨ନଂ. ୱାର୍ଡ଼ ଅଧୀନ ଘାଟଘରସାହି ଅଞ୍ଚଳର ଉତ୍ତରା ଜେମାଦେବୀ (୮୮) ରକ୍ତହୀନତା ପାଇଁ ଭୁବନେଶ୍ୱରସ୍ଥିତ ଏକ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ଗତ ରବିବାର ରାତି ୧୦ଟା ବେଳେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ହସ୍‌ପିଟାଲରେ ଶାଶୁଙ୍କ ନିକଟରେ ତାଙ୍କ ବୋହୂ ସୁସ୍ମିତା ଜେମାଦେବୀ(୫୪) ରହି ଦେଖାଶୁଣା କରୁଥିଲେ। ସୋମବାର ଶାଶୁଙ୍କ ମରଶରୀରକୁ ଘାଟଘରସାହି ଅଣାଯାଇ ଶୋକାକୁଳ ପରିବେଶରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଅନ୍ୟପକ୍ଷେ ଶାଶୁଙ୍କ ମୃତ୍ୟୁ ଖବରକୁ ସହଜରେ ଗ୍ରହଣ କରି ନ ପାରି ବୋହୂ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସା କରାଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ସକାଳେ ହୃଦ୍‌ଘାତରେ ତାଙ୍କର ପରଲୋକ ଘଟିଛି। ତାଙ୍କ ମରଶରୀରକୁ ମଧ୍ୟ ଘାଟଘରସାହି ଅଣାଯାଇଥିଲା। ମୃତ୍ୟୁଶଯ୍ୟା ନିକଟରେ ସ୍ୱାମୀ ଚନ୍ଦ୍ରକାନ୍ତ ବୀରବରଙ୍କ ସହ ପୁଅ ରିତେଶ ବୀରବର, ଝିଅ ରିଚା ଜେମାଦେବୀ, ଜ୍ୱାଇଁ, ନାତି, ବନ୍ଧୁ, ପ୍ରିୟଜନ ଉପସ୍ଥିତ ଥିଲେ। ଖବର ପାଇ ନୀଳଗିରିର ବହୁ ବିଶିଷ୍ଟ ବ୍ୟକ୍ତି ଘାଟଘରସାହିସ୍ଥିତ ବାସଭବନରେ ଶେଷଦର୍ଶନ କରିବା ସହ ତାଙ୍କ ଶବାଧାରରେ ସାମିଲ ହୋଇଥିଲେ। ପୁଅ ରିତେଶ ମୁଖାଗ୍ନି ଦେଇଥିଲେ।



ସୁସ୍ମିତା ଜେମାଦେବୀ।


## ମନେ ପଡ଼ନ୍ତି

### ଦଶମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



**ପ୍ରଫେସର ଡଃ ତ୍ରିଲୋଚନ ମିଶ୍ର**
ପୂର୍ବତନ କୁଳପତି, ଶ୍ରୀଜଗନ୍ନାଥ ବିଶ୍ୱବିଦ୍ୟାଳୟ, ପୁରୀ
(୩୧୬- ଏ, ସହିଦ୍ ନଗର)
ଆବିର୍ଭାବ- ୨୩।୧୧।୧୯୨୪
ତିରୋଧାନ- ୦୯।୦୩।୨୦୧୬

ଦଶଟି ବରଷ ବିତି ତ ଗଲାଣି
ମନ ବୁଝୁ ନାହିଁ ଏବେ,
ସ୍ନେହ ମମତାର ଅତୁଟ ବନ୍ଧନ
ଭୁଲି ପାରୁନାହୁଁ କେବେ।
ତୁମ ଆଶୀର୍ବାଦ ସଦା ରହି ଥାଉ
ଏ ଜୀବନ ଥିବା ଯାଏ,
ପ୍ରଭୁ ଶ୍ରୀଚରଣେ ଏତିକି ବିନତି
ତୁମ ପରିବାର ଚାହେଁ।

-:ଶୋକସନ୍ତପ୍ତ:-
ପୁତ୍ରକନ୍ୟା, ବଧୂ, ଜାମାତା ଓ ପରିବାର।
ଧ-୩୩୮୬

## ଫଳ ଚାଷ

ଓଡ଼ିଶାର ଜଳବାୟୁରେ ନାନା ପ୍ରକାର ଫଳଚାଷ ଲାଭଜନକ ଭାବେ କରାଯାଇପାରିବ ଯଥା: ଆମ୍ବ, ନଡ଼ିଆ,କଦଳୀ,କାଜୁବାଦାମ,ପିଜୁଳି, ସପେଟା,ଅମୃତଭଣ୍ଡା ଇତ୍ୟାଦି। ଉଚ୍ଚ ଗଡ଼ାଣିଆ ବା ଅନୁର୍ବର ଜମିରେ ମଧ୍ୟ ଫଳଚାଷ ଲାଭଜନକ ଭାବେ କରାଯାଇପାରିବ। ପ୍ରଥମେ ଜମିକୁ ଭଲଭାବେ ପରିଷ୍କାରକରି ୨/୩ ଓଡ଼ ଚାଷ କରିଦେବା ଉଚିତ। ବର୍ଷାଋତୁ ଆରମ୍ଭରେ ଗଛ ଲଗାଇବାକୁ ହେଲେ ଖରାଦିନରୁ ଗାତ ଖୋଳି ରଖିବା ଦରକାର। ଗାତରୁ ଖୋଳା ହୋଇଥିବା ମାଟି ଓ ଗାତ ଖରା ଖାଇଗଲେ ଭଲ। ଆମ୍ବ,କମଳା,ନଡ଼ିଆ, ପିଜୁଳି,ପଣସ,ଲିଚୁ ଇତ୍ୟାଦି ପାଇଁ ୧ ମିଟର ଗଭୀର ଓ ୧ ମିଟର ଗୋଲେଇର ଗାତ,କଦଳୀ ଓ ଅମୃତଭଣ୍ଡା ପାଇଁ ଅଧ ମିଟର ଗଭୀର ଓ ଅଧ ମିଟର ଗୋଲେଇର ଗାତ ଦରକାର। ସପୁରି ପାଇଁ ୩୦ସେ.ମି. ଚଉଡ଼ା ଓ ୧୫ସେ.ମି. ଗଭୀରରେ ନାଳୀ ଖୋଳାଯାଏ।



## ପୋଟଳ ଚାଷ କରୁଥିଲେ...

ପୋଟଳ ଫୁଲଫଳ ଧରିବା ଅବସ୍ଥାକୁ ଆସିବା ବେଳକୁ ଜମିକୁ ଘାସୁଆ ରଖାଯିବା ଦରକାର। କାରଣ ଘାସ ଜମିର ଆର୍ଦ୍ରତା ବଜାୟ ରଖିବାରେ ସାହାଯ୍ୟ କରେ ଓ ମାଟି ଉପରେ ମାଡ଼ୁଥିବା ଲତାର ଫଳକୁ ନିରାପଦରେ ଧରିରଖେ। ଏହାଦ୍ୱାରା ଫଳଗୁଡ଼ିକ ମାଟିର ସଂସ୍ପର୍ଶରେ ଆସି ନଷ୍ଟ ହୁଏନାହିଁ। ଡେରିରେ ଲଗାଯାଇଥିବା ପୋଟଳରେ ଫୁଲ ଆସିବା ପୂର୍ବରୁ କୋଡ଼ାଖୁସା କରି ଅନୁମୋଦିତ ପ୍ରଣାଳୀରେ ସାର ପ୍ରୟୋଗକରି ଜଳସେଚନ କରନ୍ତୁ। ପୋଟଳରେ କବକଜନିତ ଝାଉଁଳା ରୋଗ ଲାଗିବା ଆଶଙ୍କା ରହିଛି। ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୧.୫ଗ୍ରାମ ହିସାବରେ କାର୍ବେଣ୍ଡାଜିମ୍ ମିଶାଇ ମୂଳ ମାଟି ଭିଜାଇ ରଖନ୍ତୁ।



## ମିଶ୍ରିତ ଫସଲ ଚୟନ

ବର୍ତ୍ତମାନ ସମୟରେ ମକା ଓ ବରଗୁଡ଼ିର ମିଶ୍ରିତ ଫସଲ ସବୁଜ ଗୋଖାଦ୍ୟ ଲାଗି ଉପଯୁକ୍ତ । ଶେଷଓଡ଼ ଚାଷରେ ଏକର ପ୍ରତି ୫ଗାଡ଼ି ଶଢ଼ା ଗୋବର ଖତ,୪୦କି.ଗ୍ରା. ଯବକ୍ଷାରଜାନ, ୪୦କି.ଗ୍ରା. ଫସ୍‌ଫରସ ଓ ୪୦କି.ଗ୍ରା. ପଟାସ ସାର ପ୍ରୟୋଗ କରନ୍ତୁ। ଉଇ ଲାଗିବା ସମ୍ଭବନା ଥିଲେ ଶେଷ ଓଡ଼ ଚାଷରେ ଏକର ପ୍ରତି ୧୦କି.ଗ୍ରା. ଶତକଡ଼ା ୧.୫ଭାଗ କ୍ଲୋରୋପାଇରିଫସ୍ ଗୁଣ୍ଡ ପ୍ରୟୋଗକରି ଭଲଭାବେ ମିଶାଇ ଦିଅନ୍ତୁ। ମକାର ଉପଯୁକ୍ତ ବିହନ କିସମ ହେଲା ଆଫ୍ରିକାନ୍ ଟଲ୍ ଓ ବରଗୁଡ଼ିର ଇସି ୪୨୧୬। ମିଶ୍ରିତ ଫସଲ ପାଇଁ ଏକର ପିଛା ୪୦କି.ଗ୍ରା. ମକା ବିହନ ଓ ୨୦କି.ଗ୍ରା. ବରଗୁଡ଼ି ବିହନ ଦରକାର



ହୋଇଥାଏ। ଜମି ପ୍ରସ୍ତୁତ ହେଲା ପରେ ସିଆର ପଛରେ ପ୍ରତି ୨ଧାଡ଼ି ମକା ପରେ ୨ଧାଡ଼ି ବରଗୁଡ଼ି ବୁଣନ୍ତୁ। ବୁଣିବା ପରେ ଜମିରେ ହାଲୁକା ଜଳସେଚନ କରନ୍ତୁ।



ଡ. ପରେଶ କୁମାର ପଣ୍ଡା

# ସୂର୍ଯ୍ୟମୁଖୀ ଚାଷ

ତୈଳବୀଜ ଉତ୍ପାଦନରେ ସୂର୍ଯ୍ୟମୁଖୀର ଭୂମିକା ଭାରି ଗୁରୁତ୍ୱପୂର୍ଣ୍ଣ। ଏଥିରେ ପ୍ରଚୁର ପରିମାଣର ଜୀବନଶକ୍ତି ବା ଖାଦ୍ୟପ୍ରାଣ ରହିଛି। ତାହାକୁ ନିତ୍ୟ ବ୍ୟବହାର କରି ମାନବ ସୁସ୍ଥ ଓ ଦୀର୍ଘାୟୁ ହୋଇଥାଏ। ଏଥିରେ ୨୦.୮ ପ୍ରତିଶତ ପୁଷ୍ଟିସାର ସହିତ ୫୦ ପ୍ରତିଶତ ସ୍ନେହସାର ଥିବାରୁ ଖାଇବା ତେଲ ଉତ୍ପାଦନରେ ଏବଂ ସ୍ୱାସ୍ଥ୍ୟ ରକ୍ଷା ଦିଗରେ ଏହାର ପ୍ରମୁଖ ଭୂମିକା ରହିଛି। ଆହୁରି ମଧ୍ୟ ଏହାର ତେଲ ଖାଉଥିବା ବ୍ୟକ୍ତିଙ୍କର କୋଲେଷ୍ଟରଲ, ହୃଦ୍‌ରୋଗ ଓ ରକ୍ତନଳୀଜନିତ ରୋଗ ଆଶଙ୍କା କମ୍ ଥାଏ। ଏହି ତେଲରେ ଅଧିକ ପରିମାଣର ଭିଟାମିନ୍-'ଏ', 'ଡି' ଏବଂ 'ଇ'ରହିଥାଏ। ସୂର୍ଯ୍ୟମୁଖୀର ପିଡ଼ିଆରେ ପୁଷ୍ଟିସାରର ମାତ୍ରା ଅଧିକ ଥିବାରୁ ତାହାକୁ ଉତ୍ତମ ଗୋଖାଦ୍ୟ ଓ କୁକୁଡ଼ା ଖାଦ୍ୟ ରୂପେ ବ୍ୟବହାର କରାଯାଏ। ଏହାର ଚାଷ କ୍ରମେ ଲୋକପ୍ରିୟ ହୋଇ ଆମ ରାଜ୍ୟର ପ୍ରାୟ ସବୁ ଜିଲାରେ ଚାଷ କରାଗଲାଣି।

**ଜଳବାୟୁ, ମୃତ୍ତିକା ଓ କିସମ**

ସୂର୍ଯ୍ୟମୁଖୀ ୮ରୁ ୩୪ ଡିଗ୍ରୀ ସେଲ୍‌ସିୟସ ଉତ୍ତାପ ଅନୁଭୂତ ହେଉଥିବା ଅଞ୍ଚଳରେ ଚାଷ ହୋଇଥାଏ। ଏପରି ସମୟରେ ବୁଣାହେବା ଆବଶ୍ୟକ, ଯଦ୍ଦ୍ୱାରା ଫୁଲ ଫୁଟିବା ଓ ଦାନା ପୂରଣ ଅବସ୍ଥାରେ ଲଗାତର ବର୍ଷା ହେଉ ନ ଥିବ କିମ୍ବା ବାୟୁମଣ୍ଡଳୀୟ ଉତ୍ତାପ ୩୮୦ ସେଲ୍‌ସିୟସରୁ ଅଧିକ ନ ଥିବା ଆବଶ୍ୟକ। ପ୍ରାଥମିକ ଅବସ୍ଥାରେ ଗଜା ଓ ଗଛର ବୃଦ୍ଧି ପାଇଁ ଥଣ୍ଡାପାଗ ଭଲ। ଗଛଗୁଡ଼ିକ ୪-୬ ପତ୍ର ହେବା ପର୍ଯ୍ୟନ୍ତ ଅଳ୍ପ ପରିମାଣର କୁହୁଡ଼ି ମଧ୍ୟ ସହ୍ୟ କରିପାରେ। ଏହାର ଫୁଲ ହେବା ସମୟରେ ସୂର୍ଯ୍ୟକିରଣର ଆବଶ୍ୟକତା ରହିଛି। ଶୀଘ୍ର ଜଳ ନିଷ୍କାସନ ହୋଇପାରୁଥିବା ନିଗିଡ଼ା,ଦୋରସା ଓ ପଟୁ ଦୋରସା ମାଟିରେ ଏହାର ଚାଷ ଭଲ ହୋଇଥାଏ। ଏହାର ହାଲୁକା ଲୁଣା ସହଣୀ ଶକ୍ତି ମଧ୍ୟ ରହିଛି। ଅମ୍ଳ ମାଟିରେ ସୂର୍ଯ୍ୟମୁଖୀ ଫସଲ ଭଲ ହୋଇ ନ ଥାଏ। ବର୍ଷାଋତୁରେ ବାଲିଆ ଦୋରସା ମାଟିରେ ଏହାର ଚାଷ କରାଯାଇଥାଏ। ଶୀତ ଓ ଖରାଟିଆ ଫସଲ ପାଇଁ ମଟାଳିଆ ବା ଦୋରସା ମାଟିରେ ସୂର୍ଯ୍ୟମୁଖୀ ଚାଷକରିବା ଭଲ।

**ଉନ୍ନତ କିସମ**

ସୂର୍ଯ୍ୟମୁଖୀର ଉନ୍ନତ କିସମ ହେଲା- ସନ୍‌ରାଇଜ, ମର୍‌ଡେନ୍, ଇ.ସି.-୬୮୪୧୪, ଇ.ସି.-୬୮୪୧୫, ଡି.ଆର୍.ଏଫ୍.ଏସ୍.-୧୦୮ ଓ ଡି.ଆର୍. ୟଏଫ୍.ଏସ୍.-୧୧୩। ସଙ୍କର କିସମ ହେଲା-ବି.ଏସ୍.ଏଚ୍.-୧,

"ଗୁଣ୍ଡମାଟି ସୂର୍ଯ୍ୟମୁଖୀ ଚାଷ ପାଇଁ ବିଶେଷ ଉପଯୋଗୀ। ଏଥିପାଇଁ ଗଭୀରିଆ ୩ ଓଡ଼ ଚାଷ ନ କରି ଫସଲ ପର୍ଯ୍ୟାୟ ଗ୍ରହଣ କରିବା ଉଚିତ। ମାଟିରେ ବତର ଅଧିକ ଥିଲେ ଭଲ ଗଜା ହୁଏ। ଉନ୍ନତ କିସମ ପାଇଁ ଧାଡ଼ି ଧାଡ଼ି ମଧ୍ୟରେ ୪୫ସେ.ମି. ଦୂରତା ଓ ମଞ୍ଜିକୁ ମଞ୍ଜି ୩୦ସେ.ମି. ଦୂରତା ଓ ୨-୪ସେ.ମି. ଗଭୀର ରହିବା ଉଚିତ। କିନ୍ତୁ ସଙ୍କରଜାତୀୟ ବିହନ ପାଇଁ ଧାଡ଼ିକୁ ଧାଡ଼ି ୬୦ସେ.ମି. ଓ ଗଛକୁ ଗଛ ୩୦ସେ.ମି. ବ୍ୟବଧାନ ରଖାଯାଏ।"



କେ.ବି.ଏସ୍.ଏଚ୍.-୧, ଡି.ଆର୍. ଏସ୍. ଏଚ୍.-୧, ଏମ୍.ଏସ୍. ଏଫ୍.ଏଚ୍.-୧୭,ଏମ୍.ଏସ୍. ଏଫ୍.ଏଚ୍.-୮, ଜ୍ୱାଳାମୁଖୀ, ପି.ଏ.ସି.-୩୦୮, ପି.ଏ.ସି.-୧୦୯୧,ଏମ୍.ଏଲ୍.ଏସ୍.ଏ୍‌ଫ.ଏଚ୍.-୪୭, କେ.ବି.ଏସ୍.ଏଚ୍.-୪୪, ସନ୍‌ଜିନି-୮୫ ଓ ପ୍ରୋ.ସନ.-୦୯ ଆଦି।

ଅନ୍ୟପକ୍ଷରେ ମର୍‌ଡେନ୍ ଓ ଏ.ବି.ଏସ୍.ଏଚ୍.-୧ (ଅମଳ-୯୦ ଦିନ), ପ୍ରୋ.ସନ-୦୯ (ଅମଳ-୯୫ଦିନ), କେ.ବି.ଏସ୍.ଏଚ୍.-୧, କେ.ବି.ଏସ୍.ଏଚ୍.-୪୪, ଏମ୍.ଏସ୍. ଏଫ୍.ଏଚ୍.-୮ ଓ ଏମ୍.ଏଫ୍.ଏସ୍.ଏଚ୍.-୧୭ (ଅମଳ ୧୧୦ ଦିନ)ର କିସମରୁ ମଧ୍ୟ ଭଲ ଅମଳ ମିଳିଥାଏ। ବିଶେଷଭାବରେ ମର୍‌ଡେନ୍, ପି.ଏ.ସି.-୩୬, କେ.ବି.ଏସ୍.ଏଚ୍.-୧ ଓ କେ.ବି.ଏସ୍.ଏଚ୍.-୪୪ ଓଡ଼ିଶା ମାଟି ପାଇଁ ବେଶି ଉପଯୋଗୀ।

**ବିହନ ବୁଣିବା ଓ ଖତସାର ପ୍ରୟୋଗ**

ଖରିଫ୍ ଋତୁରେ ଜୁଲାଇ ୧୫ ମଧ୍ୟରେ ରବି ଋତୁରେ ନଭେମ୍ବର ୧୫ ସୁଦ୍ଧା ଓ ଖରାଟିଆ ଚାଷ ପାଇଁ ଜାନୁଆରୀରୁ ଫେବୃଆରୀ ମଧ୍ୟରେ ବିହନ ବୁଣାଯାଇଥାଏ। ଉନ୍ନତ କିସମ ବିହନ ଏକର ପ୍ରତି ୪ କି.ଗ୍ରା .ଓ ସଙ୍କର କିସମ ବିହନ ଏକର ପ୍ରତି ୨ କି.ଗ୍ରା. ଦରକାର। ମେଟାଲାକ୍ସିଲ୍ ୬ ଗ୍ରାମରେ ୧କି.ଗ୍ରା. ବିହନ ବିଶୋଧନକଲେ ନିମ୍ନମୁଖୀ ପାଉଁଶିଆ ରୋଗ ଦାଉରୁ ଫସଲ ରକ୍ଷା ପାଇଥାଏ। ଶୁଷ୍କାଞ୍ଚଳରେ ଶୀଘ୍ର ଗଜା ଆସିବା ଓ ଗଛ ସଂଖ୍ୟା ଆବଶ୍ୟକ ରଖିବା ନିମନ୍ତେ ସଜ ପାଣିରେ ୧୦ ଘଣ୍ଟା ପର୍ଯ୍ୟନ୍ତ ମଞ୍ଜିକୁ ଭିଜାଇବାକୁ ପଡ଼ିଥାଏ। ବିହନଜନିତ ରୋଗରୁ ଫସଲକୁ ରକ୍ଷା କରିବା ପାଇଁ ୧ କି.ଗ୍ରା. ମଞ୍ଜି ପ୍ରତି ୩ ଗ୍ରାମ ଥିରାମ ବା କ୍ୟାପ୍‌ଟେନ୍ କିମ୍ବା ୪ଗ୍ରାମ ଟ୍ରାଇକୋଡର୍ମାଭ ଭିରିଡେ ମିଶାଇ ବିହନ ବିଶୋଧନ କରିବା ଆବଶ୍ୟକ। ବିହନକୁ କି.ଗ୍ରା. ପ୍ରତି ୫-୭ ଗ୍ରାମ ଇମିଡାକ୍ଲୋପ୍ରିଡ୍‌ରେ ବିଶୋଧନ କଲେ ପତ୍ର ଉକୁଣି ପୋକ ଲାଗିବା କମିଯାଏ। ଗୁଣ୍ଡମାଟି ସୂର୍ଯ୍ୟମୁଖୀ ଚାଷ ପାଇଁ ବିଶେଷ ଉପଯୋଗୀ। ଏଥିପାଇଁ ଗଭୀରିଆ ୩ ଓଡ଼ ଚାଷ ନ କରି ଫସଲ ପର୍ଯ୍ୟାୟ ଗ୍ରହଣ କରିବା ଉଚିତ। ମାଟିରେ ବତର ଅଧିକ ଥିଲେ ଭଲ ଗଜା ହୁଏ। ଉନ୍ନତ କିସମ ପାଇଁ ଧାଡ଼ି ଧାଡ଼ି ମଧ୍ୟରେ ୪୫ସେ.ମି. ଦୂରତା ଓ ମଞ୍ଜିକୁ ମଞ୍ଜି ୩୦ସେ.ମି. ଦୂରତା ଓ ୨-୪ସେ.ମି. ଗଭୀର ରହିବା ଉଚିତ। କିନ୍ତୁ ସଙ୍କରଜାତୀୟ ବିହନ ପାଇଁ ଧାଡ଼ିକୁ ଧାଡ଼ି ୬୦ସେ.ମି. ଓ ଗଛକୁ ଗଛ ୩୦ସେ.ମି. ବ୍ୟବଧାନ ରଖାଯାଏ। ସୂର୍ଯ୍ୟମୁଖୀ ମଞ୍ଜିର ଚୋପା ଟାଣ ହୋଇଥିବାରୁ ଗଜାହେବାରେ ଅସୁବିଧା ହୋଇଥାଏ। ଆଶାନୁରୂପ ଅମଳ ପାଇବା ନିମନ୍ତେ ଗଜା ଉଠିବାର ୧୦-୧୫ଦିନ ବେଳକୁ ବୁଦା ପ୍ରତି ୧ଟି କରି ସୁସ୍ଥ ଗଛ ରଖି ବାକି ସବୁ ଗଛ ଉପାଡ଼ି ଦିଆଯାଏ।

ଏକ କୁଇଣ୍ଟାଲ ସୂର୍ଯ୍ୟମୁଖୀ ମଞ୍ଜି ପାଇବାକୁ ମୃତ୍ତିକାରୁ ପ୍ରାୟ ୬.୩ କି.ଗ୍ରା. ଯବକ୍ଷାରଜାନ, ୧.୯ କି.ଗ୍ରା. ଫସ୍‌ଫରସ, ୧୨.୬ କି.ଗ୍ରା. ପଟାସ୍, ୧.୨ କି.ଗ୍ରା . ଗନ୍ଧକ ଓ ୬.୮ କି.ଗ୍ରା. କ୍ୟାଲ୍‌ସିୟମ ଇତ୍ୟାଦି ଗ୍ରହଣ କରିଥାଏ। ତେଣୁ ମୃତ୍ତିକା ପରୀକ୍ଷା ଭିତ୍ତିରେ ଖାଦ୍ୟସାର ପ୍ରୟୋଗ ଜରୁରୀ। ଏକର ପ୍ରତି ୭୦-୮୦ କୁଇଣ୍ଟାଲ ଶଢ଼ା ଖତ ବୁଣିବାର୨-୩ ସପ୍ତାହ ପୂର୍ବରୁ ପ୍ରୟୋଗକଲେ ଭଲ। ଏକର ପ୍ରତି ଖତ ସହ ଜୀବାଣୁସାର-ଆଜୋଟୋବ୍ୟାକ୍ଟର ସହ ପିଏସ୍‌ବିର ମିଶ୍ରିତ ଜୀବାଣୁ କଲ୍‌ଚର ଗୁଣ୍ଡ ୪.୮ କି.ଗ୍ରା. ଖତ ସହ ୧:୨୫ ଅନୁପାତରେ ଗୋଳାଇ ମଞ୍ଜି ବୁଣିବା ସମୟରେ ବିହନ ପାଖରେ ପ୍ରୟୋଗ କଲେ ରାସାୟନିକ ସାରର ଆବଶ୍ୟକତା କମ୍ ହୋଇ ଫସଲ ଭଲ ବଢ଼ିବା ସହ ଅଧିକ ଅମଳ ମିଳିଥାଏ। ଜଳସେଚିତ ଫସଲରେ ଉନ୍ନତ କିସମ ପାଇଁ ଏକର ପ୍ରତି ୨୪:୨୪:୧୬ ଏନ୍‌ପିକେ ଦରକାର ହୁଏ। ଏହି ୨୪:୨୪:୧୬ କି.ଗ୍ରା. ପୋଷକ ପାଇବାକୁ ହେଲେ ଡିଏପି ୫୨ କି.ଗ୍ରା.+ୟୁରିଆ ୩୨କି.ଗ୍ରା.+ ପଟାସ୍ ସାର ୨୭କି.ଗ୍ରା. ଦିଆଯାଏ। (କ୍ରମଶଃ...)

-କୃଷି ଜିଲା ଅଧିକାରୀ,
ସାକ୍ଷୀଗୋପାଳ,ପୁରୀ
ମୋ : ୯୪୩୭୧୧୨୭୦୪

## ଅଙ୍କୁରରେ...



- କୁକୁଡ଼ାଙ୍କର ନାଳିଝାଡ଼ା ହେଉଥିଲେ ଅଧ ଗ୍ରାମ ଫ୍ୟୁରାସଲକୁ ୧ ଲିଟର ପାଣିରେମିଶାଇ୩ଦିନପର୍ଯ୍ୟନ୍ତଦିଅନ୍ତୁ।
- ଖରାଦିନିଆ ଗୋଖାଦ୍ୟ ପାଇଁ ଶସ୍ୟଜାତୀୟ ଫସଲ ଯଥା: ମକା ଓ ବାଜରା ଏବଂ ଡାଲିଜାତୀୟ ଫସଲ ବରଗୁଡ଼ି ଓ ଡଙ୍ଗରରାଣୀ ଚାଷ କରନ୍ତୁ। ସବୁଦିନିଆ ଗୋଖାଦ୍ୟ ଫସଲ ଯଥା ସଙ୍କର ନେପିଅର ବାଜରା ଓ ଗିନି ଘାସରେ ଏକର ପ୍ରତି ୧୬ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗକରି ଜଳସେଚନ କରନ୍ତୁ।
- ଗୋରୁଙ୍କ ସାହାଣା, ବଜବଜିଆ ଓ ଫାଟୁଆ ରୋଗ ପାଇଁ ଏଫ୍‌ଏମ୍‌ଡି ଭାକ୍ସିନ୍ ଓ ଛେଳିଙ୍କ ପିପିଆର୍ ରୋଗ ଲାଗି ପିପିଆର୍ ରୋଗ ପ୍ରତିଷେଧକ ଟିକା ବ୍ୟବସ୍ଥା ଗ୍ରହଣ କରନ୍ତୁ।
- କୁକୁଡ଼ାଙ୍କ ଘୁମାରୋଗର ନିୟନ୍ତ୍ରଣ ପାଇଁ ପ୍ରଥମ ୭ ଦିନ ଭିତରେ ଲାସୋଟା ପ୍ରତିଷେଧକ ଟିକା ଏବଂ ୧୩-୧୫ ଦିନ ଭିତରେ ଆଇବିଟି ଟିକା ଆଖିରେ ପକାଇବାର ବ୍ୟବସ୍ଥା କରନ୍ତୁ।
- ବନରାଜ ଓ ଗ୍ରାମପ୍ରିୟ କୁକୁଡ଼ା ପାଳନ ପ୍ରତି ଲୋକଙ୍କ ଆଗ୍ରହ ବଢୁଥିବା ଯୋଗୁ ଚିଆଁ ପାଇଁ ଆଞ୍ଚଳିକ ସରକାରୀ କୁକୁଡ଼ା ଫାର୍ମ ସହ ଯୋଗାଯୋଗ କରିକପାରନ୍ତି।

## ଡାଲି ଜାତୀୟ ଫସଲ

ଛୁଇଁ ୮୦-୮୫ଭାଗ ପାକଳ ହୋଇଗଲେ ଅମଳ କରିଦିଅନ୍ତୁ। ଛୁଇଁ ଅଧିକ ଶୁଖିଗଲେ ଫାଟିଯିବା ଦ୍ୱାରା ମଞ୍ଜି ବାହାରି ବିଛାଡ଼ି ହୋଇପଡ଼େ। ଆବଶ୍ୟକ ହେଲେ ଥରେ କିମ୍ବା ଦୁଇ ଥରରେ ପାକଳ ଛୁଇଁ ତୋଳି ନେଇ ସବୁଜ ଗଛକୁ ଚାଷକରି ମାଟିରେ ମିଶାଇଦେବା ଭଲ। ଏହା ମାଟିକୁ ଉର୍ବର କରେ। ଅମଳ ପରେ ମଞ୍ଜିକୁ ଭଲ ଭାବରେ ଖରାରେ ଶୁଖାଇ ଦିଅନ୍ତୁ। ସାଇତି ରଖିବା ବେଳକୁ ମଞ୍ଜିରେ ଶତକଡା ୧୦ଭାଗରୁ କମ୍ ଜଳୀୟଅଂଶ ରହିବା ଦରକାର। ଏହି ସମୟରେ ବିହନ କି.ଗ୍ରା. ପ୍ରତି ୨ଗ୍ରାମ୍ ହିସାବରେ ସୋରିଷତେଲ କିମ୍ବା ରାଶି ତେଲ ଗୋଳାଇ ସାଇତି ରଖିଲେ ପୋକ ଲାଗିବା କମିଯାଏ।



# ପନିପରିବା ଚାଷ

ଖରାଦିନିଆ ଭେଣ୍ଡି, ଜହ୍ନି, କଖାରୁ, ପୋଟଳ, କାଙ୍କଡ଼, କଲରା, କାକୁଡ଼ି, ଲାଉ, ବାଇଗଣ ଲଗାନ୍ତୁ । ଖଡ଼ା, ଲେଉଟିଆ, ପୋଇ ଆଦି ଶାଗ ଚାଷ କରିବା ପାଇଁ ଏହା ପ୍ରକୃଷ୍ଟ ସମୟ। ଯେଉଁଠି ଗ୍ରୀଷ୍ମଋତୁରେ ଅଧିକ ଗରମ ଅନୁଭୂତ ହୁଏ ନାହିଁ, ସେଇଠି ଅଦିନିଆ ପନିପରିବା ଯଥା: ବିଲାତି ବାଇଗଣ, ବିନ୍, ମୂଳା ଜଳବାୟୁ ଅନୁସାରେ ଚାଷ କରନ୍ତୁ । ଏକ ମାସର ବାଇଗଣ ତଳି ମୁଖ୍ୟ ଜମିରେ ଲଗାନ୍ତୁ। ସମସ୍ତ ପ୍ରକାର କଖାରୁଜାତୀୟ ପନିପରିବା ଯଥା: କଖାରୁ, କାକୁଡ଼ି, ଜହ୍ନି, ଲାଉ, କଲରା, ତରଭୁଜ ଇତ୍ୟାଦିକୁ ଜମିରେ ଲଗାନ୍ତୁ। ପ୍ରତ୍ୟେକ ମନ୍ଦାରେ ୨-୩ଟି ସୁସ୍ଥ ସବଳର ଗଛ ରଖି ଅନ୍ୟାନ୍ୟ ଚାରାଗୁଡ଼ିକୁ ଉପାଡ଼ିଦିଅନ୍ତୁ। ଉନ୍ନତ କିସମ ବା ସଙ୍କର ଜାତୀୟ ଭେଣ୍ଡି ମଞ୍ଜି ଲଗାନ୍ତୁ। ଜମିକୁ ଭଲଭାବରେ ଚାଷ କରି ଶାଗଜାତୀୟ ଫସଲ ଲଗାନ୍ତୁ। ସବୁ ସମୟରେ ଶାଗଜାତୀୟ ଫସଲରେ ଅଧିକ ମାତ୍ରାରେ ଶୁଖିଲା ଶଢ଼ା ଗୋବରଖତ ବା ଜିଆଖତର ବ୍ୟବହାର କରନ୍ତୁ। ପ୍ରତ୍ୟେକ ୩ ବର୍ଷ ଅନ୍ତରରେ ଜମିର ମାଟି ପରୀକ୍ଷାକରି ଅନୁମୋଦିତ ହିସାବରେ ସାର ପ୍ରୟୋଗ କରନ୍ତୁ। ବାଇଗଣ ଗଛରେ ଡାଳ ଓ ଫଳ ବିନ୍ଧାପୋକ ଲାଗିଲେ ହେକ୍ଟର ପ୍ରତି ୨୦୦ ଗ୍ରାମ୍ ଫେମ୍ (ଫ୍ଲୁବେଣ୍ଡିଆମାଇଡ୍) ବା ୮୦୦ ଗ୍ରାମ୍ କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୪୦ ଭାଗ ସେଚିତ ଗୁଣ୍ଡ ଔଷଧକୁ ୫୦୦ ଲିଟର ପାଣିରେ ମିଶାଇ ୧୫ଦିନର ବ୍ୟବଧାନରେ ଗୋଟିଏ ପରେ ଗୋଟିଏ ସିଞ୍ଚନ କରିବା ଆବଶ୍ୟକ। ଅଧିକ ଆକ୍ରାନ୍ତ ଫସଲରେ ସ୍ପାଇନୋଟେରାମ ଏକର ପ୍ରତି ୫୦୦ ମି.ଲି. ହିସାବରେ ପ୍ରୟୋଗ କରନ୍ତୁ।



# ଆନ୍ଥ୍ରାକ୍ସ ରୋଗ

(ଶେଷ ଭାଗ)

**ରୋଗ ଚିହ୍ନିବା ପ୍ରଣାଳୀ :** ଆନ୍ଥ୍ରାକ୍ସ ରୋଗର ଲକ୍ଷଣ ଓ ରୋଗର ଇତିବୃତ୍ତ ଅନୁଯାୟୀ ଡଆଁରମରା ବା କ୍ୟାଲ୍‌ସିୟମ୍, ମ୍ୟାଗ୍ନେସିୟମର ଅଭାବଜନିତ ରୋଗ, ଯକୃତ କୃମି, ବିଦ୍ୟୁତ୍ ଆଘାତ, ବିଷାକ୍ତ ପଦାର୍ଥ ଖାଇବା ପ୍ରଭୃତିରେ ଗୋରୁ ହଠାତ୍ ମରିଯାଆନ୍ତି । ତେଣୁ ପ୍ରଥମେ ଏହି ରୋଗର ଚିହ୍ନଟ ଲକ୍ଷଣ ଅନୁସାରେ ଅନ୍ୟ ରୋଗଠାରୁ ଅଲଗା କରିବା ଉଚିତ । ଏହି ରୋଗର ମୁଖ୍ୟ ଲକ୍ଷଣଗୁଡ଼ିକ ହେଲା - ପ୍ରାଣୀଙ୍କର ଜ୍ୱର ୧୦୬-୧୦୭ ଡିଗ୍ରୀ ଫାରେନ୍‌ହିଟ୍ ବୃଦ୍ଧିହେବା, ବେକର ତଳ ଅଂଶ ଫୁଲିବା, ଶରୀରର ବିଭିନ୍ନ ଦ୍ୱାରଦେଶ ଯଥା - ନାକ, ମଳଦ୍ୱାର, କାନ, ଆଖି ଆଦିରୁ ରକ୍ତ ବାହାରିବା। ଜ୍ୱର ସମୟରେ ରକ୍ତ ଗ୍ରାମସ୍ କିମ୍ବା ଜିମ୍‌ସା ଷ୍ଟେନ୍‌ରେ ଷ୍ଟେନିଂ କଲାପରେ ଅଣୁବୀକ୍ଷଣ ଯନ୍ତ୍ରରେ ଦେଖି ଜୀବାଣୁ ଚିହ୍ନଟ କରାଯାଇଥାଏ।

**ଆସ୍‌କୋଲି ପ୍ରେସିପିଟେସନ୍ ପରୀକ୍ଷା**

ଆକ୍ରାନ୍ତ ପ୍ରାଣୀ କାନକୁ ନେଇ କ୍ଷୁଦ୍ର କରି ଗରମ କଲାପରେ ଗୋଟିଏ ଟେଷ୍ଟଟ୍ୟୁବ୍‌ରେ ଜଣା ଆଣ୍ଟିସରମ୍ ସହିତ ଏହି ମିଶ୍ରିତ ଅଂଶକୁ ତାହା ଉପରେ ରଖିଲେ ଏକ ବ୍ରାଣ୍ଡ ବା ଧଳାସ୍ତର ମଝିରେ ସୃଷ୍ଟି ହୁଏ ଏବଂ ପ୍ରାଣୀଟିକୁ ଆନ୍ଥ୍ରାକ୍ସ ହୋଇଛି ବୋଲି ଜଣାପଡ଼େ।

**ଲାସମାଇନା ପରୀକ୍ଷା :** ମୃତ ପ୍ରାଣୀର ପ୍ଲୀହା ବୃଦ୍ଧି ୨-୩ ଗୁଣରେ ହେବା ସହ ରକ୍ତ ଜମାଟ ବାନ୍ଧେ ନାହିଁ। ଅନ୍ତଃନଳୀରେ ରକ୍ତକ୍ଷରଣ ଓ ଲାଲ୍ ଦିଶେ ଏବଂ ରକ୍ତଯୁକ୍ତ ଲାଳ ଲାଗିକରି ଥାଏ । ଶରୀରର ଛାତି, ପେଟରେ ଜମାଟ ନ ବାନ୍ଧିଥିବା ରକ୍ତମିଶ୍ରିତ ପାଣି ଜମି ରୁହେ । ନାକ, ପାଟି, ମଳଦ୍ୱାର, ପ୍ରସବଦ୍ୱାରରୁ ରକ୍ତ ବାହାରେ। ମୃତଶରୀର ଲାଠି ନ ହୋଇ ଖୁବ୍ ଶୀଘ୍ର ପଚିଯାଏ । ଶରୀରର ବିଭିନ୍ନ ଅଂଶରେ ରକ୍ତଯୁକ୍ତ କ୍ଷତଚିହ୍ନ ସୃଷ୍ଟିହୁଏ ।



ଆନ୍ଥ୍ରାକ୍ସରେ ଗୋରୁ ଖୁବ୍ ଶୀଘ୍ର ମୃତ୍ୟୁବରଣ କରୁଥିବାରୁ ସେମାନଙ୍କ ଚିକିତ୍ସା ସମ୍ଭବ ହୁଏ ନାହିଁ । ଯଦି ପ୍ରାଣୀଟି ଆକ୍ରାନ୍ତ ହୋଇ ବଞ୍ଚିଥାଏ, ତା'ହେଲେ ଅକ୍ସିଟେଟ୍ରାସାଇକ୍ଲିନ୍ ଇଞ୍ଜେକସନ୍ ଦ୍ୱାରା ଅନ୍ୟୂନ ୫ଦିନ ପର୍ଯ୍ୟନ୍ତ ଚିକିତ୍ସା କରାଇଲେ ରୋଗ ଭଲ ହେବା ଆଶା ରହିଥାଏ । ଅନ୍ୟାନ୍ୟ ଆଣ୍ଟିବାୟୋଟିକ୍ ଯଥା- ପେନ୍‌ସିଲିନ୍, ଷ୍ଟେପ୍‌ଟୋମାଇସିନ୍ ଦ୍ୱାରା ମଧ୍ୟ ଚିକିତ୍ସା କଲେ ସୁଫଳ ମିଳେ ।

**ରୋଗ ନିୟନ୍ତ୍ରଣ :** ଆନ୍ଥ୍ରାକ୍ସ ଗୃହପାଳିତ ପ୍ରାଣୀଙ୍କର କ୍ଷତି କରିବା ସଙ୍ଗେ ସଙ୍ଗେ ମନୁଷ୍ୟକୁ ମଧ୍ୟ ଆକ୍ରମଣକରି ଜନସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଥାଏ। ତେଣୁ ଏହି ରୋଗର ନିୟନ୍ତ୍ରଣ ପାଇଁ ସବୁପ୍ରକାର ପଦକ୍ଷେପ ନେବା ଉଚିତ। ଆକାନ୍ତ ପ୍ରାଣୀକୁ ପ୍ଲୀହାଜ୍ୱର ନ ଥିବା ସ୍ଥାନମାନଙ୍କୁ ନେବା ଉଚିତ ନୁହେଁ। ଆନ୍ଥ୍ରାକ୍ସ ପ୍ରାଦୁର୍ଭାବ ଅଞ୍ଚଳରୁ ନଡ଼ା, ପାଣି ପ୍ରଭୃତି ଆଣି ସୁସ୍ଥ ପ୍ରାଣୀଙ୍କୁ ଖୁଆଇବା ପାଇଁ ବାରଣ କରିବା ଉଚିତ । ରୋଗ ଦେଖାଦେଉଥିବା ଅଞ୍ଚଳରେ ପ୍ରାଣୀମାନଙ୍କୁ ପ୍ରତିଷେଧକ ଟିକା ଦେଇ ରୋଗକୁ ଦମନ କରିବା ଉଚିତ ଏବଂ ଉପଯୁକ୍ତ ସ୍ୱାସ୍ଥ୍ୟରକ୍ଷା ବ୍ୟବସ୍ଥା କରିବା ଉଚିତ । ମୃତ ପ୍ରାଣୀର ଶବକୁ ବ୍ୟବଚ୍ଛେଦ କରିବା ଉଚିତ ନୁହେଁ ଏବଂ ଏହାକୁ ମାଟିରେ ଗଭୀର ଗର୍ତ୍ତକରି ପୋତିଦେବା ଉଚତ। ପୋତିବା ସମୟରେ ଚୂନ ଓ ଲୁଣ ପ୍ରୟୋଗ କରିବା ଉଚିତ । ସଂକ୍ରମିତ ସ୍ଥାନ ବା ଗୁହାଳରେ ଫର୍‌ମାଲିନ୍, ଫିନାଇଲ୍ ଦ୍ୱାରା ବିଶୋଧନ କରାଯିବା ଉଚିତ। ଚମଡ଼ା କାରଖାନା, ସାର କାରଖାନା, ପଶମ ଓ ଲୋମ କାରଖାନାରେ ଅଲ୍‌ଟ୍ରା ଭାଓଲେଟ୍ ଲାଇଟ୍ ବା ଗାମା ବିକିରଣ ଦ୍ୱାରା ବିଶୋଧନ କରାଯିବା ଆବଶ୍ୟକ।

**-ଡା. ବୀରକିଶୋର ପରିଡ଼ା,**
ମୋ : ୯୪୩୭୬୦୭୩୧୨



4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ